୬ ଜାଭେଲିନ୍ ଥ୍ରୋୟର ମନୁ ସସପେଣ୍ଡ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
# ସମ୍ବାଦ କଳିକା
The Sambad Kalika
TM
e-paper www.sambadkalika.in
E-mail : sambadkalikanews@gmail.com
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
ମୂଲ୍ୟ : ୨.୦୦ ଟଙ୍କା ୮ ପୃଷ୍ଠା
8 Pages, ₹ 2.00

● ବର୍ଷ-୩୧ ● ସଂଖ୍ୟା-୧୫୩ ● ୩୦ ଜୁନ୍ ୨୦୨୪, ରବିବାର ● ଭୁବନେଶ୍ୱର ● Vol -31 ● Issue-153 ● 30th June 2024, Sunday ● Bhubaneswar | Licensed to post without pre-payment of postage No- BN-60/22-24

## ରାଜ୍ୟର ବିକାଶଧାରାକୁ ଆଖିରେ ରଖି ଲୋକପ୍ରିୟ ନିଷ୍ପତ୍ତି ନିଆଯାଉ

ରାଜ୍ୟରେ ମଦ କାରବାର ନିଷେଧ କରିବା ପାଇଁ ସରକାରୀ ସ୍ତରରେ ସାମାଜିକ ସୁରକ୍ଷା ମନ୍ତ୍ରୀ ଟିପ୍ପଣୀ ଦେବା ପରେ ଏଥିନେଇ ସମଗ୍ର ରାଜ୍ୟରେ ଚର୍ଚ୍ଚା ତୀବ୍ରତର ହୋଇଛି । ମଦ ପ୍ରସ୍ତୁତି ଓ ବିକ୍ରି ଉପରେ କଟକଣା କରାଯିବା ନେଇ ଦିଆଯାଇଥିବା ମନ୍ତବ୍ୟକୁ ବିଶେଷଜ୍ଞମାନେ ଯଥାର୍ଥ ବୋଲି ଗ୍ରହଣ କରିପାରୁନାହାଁନ୍ତି । ମଦ କଟକଣା ଯେଉଁ ରାଜ୍ୟଗୁଡ଼ିକରେ କରାଯାଇଛି ସେଠି କିଭଳି ବିଷାକ୍ତ ମଦ ମୃତ୍ୟୁର ବିଭିଷିକା ଚାଲିଛି ତାହାକୁ ଭାରତର ଜନସାଧାରଣ ଦେଖୁଛନ୍ତି । ନିକଟରେ ପଣ୍ଡିଚେରୀ, ତାମିଲନାଡୁ, ବିହାର, ଉତ୍ତରପ୍ରଦେଶ ପ୍ରଭୃତି ବିଭିନ୍ନ ରାଜ୍ୟରେ ବିଷାକ୍ତ ମଦ ମୃତ୍ୟୁ ମାମଲା ବଢ଼ି ବଢ଼ି ଚାଲିଛି । ଶତାଧିକ ଲୋକ ପ୍ରାଣ ହରାଇଲେଣି । ମଦ ନିଷେଧ କରାଯିବା ଓ ମଦ ବିକ୍ରି ନେଇ କଟକଣା ଜାରି କରିବା କଥାଟି ଖୁବ୍ ଭଲ ଶୁଭୁଥିଲେ ହେଁ ଏହାକୁ କାର୍ଯ୍ୟକାରୀ କରିବା କେତେ କଠିନ ବ୍ୟାପାର ତାହାକୁ ନୀତିନିର୍ଦ୍ଧାରଣକାରୀମାନେ ମର୍ମେ ମର୍ମେ ଅନୁଭବ କରିଛନ୍ତି ।

ରାଜ୍ୟର ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ନିଶାନିବାରଣ ନେଇ ବିଭିନ୍ନ ସ୍ତରରେ ସଭା ସମିତି ଆଲୋଚନା ଜରିଆରେ ମତପ୍ରକାଶ କରୁଛନ୍ତି । ମଦ୍ୟପାନ ନିଶ୍ଚିତ ଭାବରେ ଏକ ସାମାଜିକ ବ୍ୟାଧି ଓ କଳଙ୍କ ସୃଷ୍ଟି କରିବାରେ ସହାୟକ ହୋଇଥାଇପାରେ । ପାରିବାରିକ ସମସ୍ୟା ଏଥିଯୋଗୁଁ ଜଟିଳତା ଆଡ଼କୁ ଗତି କରୁଥାଇପାରେ । ଏସବୁ ସତ୍ତ୍ୱେ ମଦ୍ୟପାନକୁ ସମ୍ପୂର୍ଣ୍ଣ ନିଷେଧ କରାଗଲେ ଅଧିକ ସ୍ପିରିଟ୍ ଯୁକ୍ତ ମିଶ୍ରିତ ବିଷ ପ୍ରୟୋଗ ଯୋଗୁଁ ମଦ୍ୟପାନକାରୀଙ୍କ ସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ରହିଛି । ମଦ୍ୟପାନ ସାମାଜିକ ସମସ୍ୟା ସୃଷ୍ଟି କରିବା କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି ଏକଥାକୁ ଅସ୍ୱୀକାର କରାଯାଇପାରିବନାହିଁ । ତଥାପି ସରକାରୀ ସ୍ତରରେ ମଦ ଦୋକାନ ସଂଖ୍ୟା ପ୍ରତିବର୍ଷ ବୃଦ୍ଧି ପାଇବାରେ ଲାଗିଛି । ରାଜ୍ୟର ଆଦିବାସୀ ଅଧ୍ୟୁଷିତ ଜିଲ୍ଲାମାନଙ୍କରେ ଆଦିମ ଅନାଦି କାଳରୁ ଅର୍ଥାତ୍ ଶହ ଶହ ବର୍ଷ ଧରି ଦେଶୀମଦ ପ୍ରସ୍ତୁତ ଓ ମଦ୍ୟପାନ ଏକ ଘରୋଇକରଣ ବ୍ୟବସାୟ ହୋଇଆସିଛି। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଦେଶୀ ମଦ ପ୍ରଚଳନକୁ ବନ୍ଦ କରିବା ଅତ୍ୟନ୍ତ ଦୁରୁହ ବ୍ୟାପାର ଅଟେ। ଏହା ମଦ୍ୟପଙ୍କ ସଂଖ୍ୟା ବୃଦ୍ଧି କରିବାରେ ଯେ ସହାୟକ ହେଉଛି ତାହାକୁ ଅମାନ୍ୟ କରିହେବନାହିଁ ।

ରାଜ୍ୟ ସରକାର ମଦରୁ ଯେଉଁ ରାଜସ୍ୱ ଆଦାୟ କରୁଛନ୍ତି ମଦ ବିକ୍ରି ନିଷେଧ ଓ ପ୍ରସ୍ତୁତି ବନ୍ଦ କରାଗଲେ ଏକ ବଡ଼ ରାଜସ୍ୱର କ୍ଷତିର ସମ୍ମୁଖୀନ ହେବେ ତାହାକୁ ଏଡ଼ାଇ ଦେଇ ହେବନାହିଁ । ସରକାରୀ ତଥ୍ୟ ଅନୁଯାୟୀ ୨୦୨୨-୨୩ରେ ରାଜ୍ୟରେ ଅବକାରୀ ରାଜସ୍ୱ ପରିମାଣ ଥିଲା ୬,୪୫୫ କୋଟି ଟଙ୍କା । ୨୦୨୩-୨୪ରେ ଏହା ୭,୮୦୦ କୋଟି ଟଙ୍କାରେ ପହଞ୍ଚିଥିଲା । ୨୦୨୪-୨୫ରେ ଅବକାରୀ ରାଜସ୍ୱ ୮,୫୦୦ କୋଟିରେ ପହଞ୍ଚିବ ବୋଲି ସରକାରୀ ସ୍ତରରେ ଆକଳନ କରାଯାଇଛି । ରାଜ୍ୟର ବହୁ ବିକାଶ କାର୍ଯ୍ୟ ଅବକାରୀ ରାଜସ୍ୱ ଆଦାୟରୁ ହିଁ ଭରଣା କରାଯାଇଥାଏ । ଏକଥା ଅର୍ଥ ବିଶେଷଜ୍ଞମାନଙ୍କର ମତ । ସେମାନଙ୍କ କହିବା ଅନୁଯାୟୀ ଖଣି ରାଜସ୍ୱ ଆଦାୟ ଓ ଖଣିସେସ୍ ସଂଶୋଧନ ନହେବା ଯୋଗୁ ସରକାର କୋଟି କୋଟି ଟଙ୍କା ଏବାବଦରେ ରାଜସ୍ୱ ହରାଉଛନ୍ତି । ରାଜ୍ୟ ସରକାର ଦୀର୍ଘ ବର୍ଷ ଧରି କେନ୍ଦ୍ର ସରକାରଙ୍କ ନିକଟରେ ଏହି ଦାବି ଉପସ୍ଥାପିତ କରିଆସୁଥିଲେ ହେଁ କେନ୍ଦ୍ର ସରକାରଙ୍କର ଏଥିପ୍ରତି ଆଦୌ ନଜର ନଥିବା ଅର୍ଥନୈତିକ ବିଶେଷଜ୍ଞମାନେ କହିଛନ୍ତି । ହୁଏତ ଡବଲ ଇଞ୍ଜିନ ସରକାର ହେବା ପରେ ଦୀର୍ଘଦିନର ଏହି ସମସ୍ୟା ସମାଧାନ ହୋଇପାରିବ ବୋଲି ଆଶା କରାଯାଉଛି। ଅତିରିକ୍ତ ରାଜସ୍ୱ ସମ୍ବଳ ସଂଗ୍ରହ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାନଗଲେ ରାଜ୍ୟର ବିକାଶ ମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେବ । ଯାହାକୁ କି ଭରଣା କରିବା ରାଜ୍ୟ ସରକାରଙ୍କ ପାଇଁ ଅସୁବିଧା ହୋଇପଡ଼ିବ ବୋଲି ସେମାନେ କହୁଛନ୍ତି । ରାଜସ୍ୱ ସମ୍ବଳ ସଂଗ୍ରହ ଦିଗକୁ ଅବଲୋକନ କରାନଯାଇ ତରବରିଆ ଭାବରେ ମଦ ବନ୍ଦ ନିଷ୍ପତ୍ତି ଗ୍ରହଣ କରାଗଲେ ରାଜ୍ୟର ରାଜସ୍ୱ ସଂଗ୍ରହ କ୍ଷେତ୍ରରେ ଏକ ସମସ୍ୟା ସୃଷ୍ଟି ହେବବୋଲି ଅର୍ଥନୈତିକ ବିଷାରଦ ମାନେ ମତପ୍ରକାଶ କରୁଛନ୍ତି । ନିକଟରେ ଶ୍ରୀମନ୍ଦିର ଚାରିଦ୍ୱାର ତରବରିଆ ଭାବେ ଖୋଲିଦିଆଯିବା ଯୋଗୁ ଭିତରେ ଯେଭଳି ବିଭ୍ରାଟ ସୃଷ୍ଟି ହୋଇଛି ତାହା ଏବେ ସରକାରୀ ସ୍ତରରେ ନିଶ୍ଚିତ ଭାବରେ ପ୍ରଭାବ ସୃଷ୍ଟି କରିଥିବ । କୌଣସି ସମୟରେ ତରବରିଆ ଭାବରେ ନିଷ୍ପତ୍ତି ଯଥାର୍ଥ ନିଷ୍ପତ୍ତି ହୋଇନପାରେ । କୌଣସି ବଡ଼ ଧରଣର ନିଷ୍ପତ୍ତି ନେବା ପୂର୍ବରୁ ଏହାର ସମସ୍ତ ଦିଗକୁ ପୁଙ୍ଖାନୁପୁଙ୍ଖ ଭାବେ ତର୍ଜମା କରାଯାଇ ନିଷ୍ପତ୍ତି ନିଆଗଲେ ସରକାରଙ୍କ ପାଇଁ ତଥା ରାଜ୍ୟର ବିକାଶ ପାଇଁ ସହାୟକ ପରିସ୍ଥିତି ସୃଷ୍ଟି କରିବ । ତରବରିଆ ନିଷ୍ପତ୍ତି ଭୁଲ୍ ନିଷ୍ପତ୍ତି ନହେଉ । ଲୋକପ୍ରିୟ ନିଷ୍ପତ୍ତି ବୋଲି ମନେକରି ଏପରି କୌଣସି ତ୍ୱରିତ ନିଷ୍ପତ୍ତି ନିଆନଯାଉ ଯେଉଁଥିରେ କି ସରକାରଙ୍କ ପାଇଁ, ବ୍ୟବସ୍ଥା ପାଇଁ, ପ୍ରଶାସନ ପାଇଁ, ଏହା ବୁମେରାଂ ସୃଷ୍ଟି ହେବ । ଭାରତ ବର୍ଷର ଯେଉଁ ଯେଉଁ ରାଜ୍ୟରେ ମଦ ନିଷେଧାଦେଶ ଅଣାଯାଇଛି ସେହିସବୁ ରାଜ୍ୟରେ ଅବାଧ ଚୋରା ମଦ କାରବାର ଚାଲିଛି ଓ ବିଷାକ୍ତ ମଦ ପାନ କରି ଲୋକମାନଙ୍କର ମୃତ୍ୟୁ ସଂଖ୍ୟା ମଧ୍ୟ ଅନୁରୂପ ଭାବରେ ବୃଦ୍ଧି ପାଇବାରେ ଲାଗିଛି । ଏବେ ଆମେ ପୁଡୁଚେରୀ ଓ ତାମିଲନାଡୁରେ ଏହା ଦେଖୁଛୁ । ମଦ ବିକ୍ରି କ୍ଷେତ୍ରରେ ଯେଉଁ ରାଜସ୍ୱ ଆସୁଛି ତାହା ଯଦି ବନ୍ଦ ହୋଇଯାଏ ତାହାକୁ କେଉଁ ସୂତ୍ରରୁ ଭରଣା କରାଯିବ ସେହିଭଳି ଅତିରିକ୍ତ ସମ୍ବଳ ସଂଗ୍ରହର ତରିକାକୁ ଧାର୍ଯ୍ୟ କରିବାକୁ ପଡ଼ିବ । ସେସବୁ ଅତିରିକ୍ତ ସମ୍ବଳ ସଂଗ୍ରହର ପ୍ରଣାଳୀ ବିଷୟରେ ନିଷ୍ପତ୍ତି ନିଆନଯାଇ ୮ ହଜାର କୋଟି ଟଙ୍କାର ଅବକାରୀ ରାଜସ୍ୱ ସଂଗ୍ରହକୁ ବନ୍ଦ କରାଯିବା ଯଥାର୍ଥ ହେବନାହିଁ ବୋଲି ମନେହୁଏ । ମାଇନ୍ସ ଓ ମିନେରାଲ୍ସ ଆକ୍ଟ ଅନୁଯାୟୀ ଯେତିକି ରାଜସ୍ୱ ସଂଗୃହୀତ ହେଉଛି ତାହା ମଧ୍ୟ ଯଥେଷ୍ଟ ନୁହେଁ । ରାଜ୍ୟ ସରକାର ସ୍ୱଳ୍ପମିଆଦି ଲେଖାଅନୁଦାନ ବିଧାନସଭାରେ ଗ୍ରହଣ ପାଇଁ ବ୍ୟବସ୍ଥା କରୁଛନ୍ତି । ଏହି ସ୍ୱଳ୍ପମିଆଦି ବଜେଟ୍ ବିଧାନସଭାରେ ଗୃହୀତ ହେବା ପରେ ଯେଉଁ ବିଧିବଦ୍ଧ ଚୂଡ଼ାନ୍ତ ବଜେଟ୍ ବିଧାନସଭାରେ ଗୃହୀତ ପାଇଁ ପେଶ୍ କରାଯିବ ସେଥିରେ ରାଜ୍ୟର ସମସ୍ତ ବିଭାଗ ଅତିରିକ୍ତ ରାଜସ୍ୱ ସମ୍ବଳ ସଂଗ୍ରହର ପରିମାଣକୁ ଯଥାର୍ଥ ଭାବରେ ଉପସ୍ଥାପିତ କରିପାରିଲେ ନୂତନ ସରକାର ଓ ରାଜ୍ୟ ପାଇଁ ତାହା ଶୁଭଦାୟକ ହେବ ।

# ଭାରତ ଟି-୨୦ ବିଶ୍ୱ ଚାମ୍ପିଅନ

**ବ୍ରିଜଟାଉନ : ୨୯।୬**

ଭାରତ ଟି-୨୦ ବିଶ୍ୱକପ ଚାମ୍ପିଅନ ହୋଇଛି । ବାର୍ବାଡୋସର ବ୍ରିଜଟାଉନଠାରେ ଶନିବାର ଖେଳାଯାଇଥିବା ଫାଇନାଲରେ ଭାରତ ଦକ୍ଷିଣ ଆଫ୍ରିକାକୁ ୭ ରନରେ ପରାସ୍ତ କରି ଚାମ୍ପିଅନ ହୋଇଛି । ୧୭ ବର୍ଷ ପରେ ଭାରତ ପୁଣି ଥରେ ଟି-୨୦ ବିଶ୍ୱ ଚାମ୍ପିଅନ ହୋଇଛି । ୨୦୦୭ରେ ଅନୁଷ୍ଠିତ ପ୍ରଥମ ଟି-୨୦ ବିଶ୍ୱକପରେ ଭାରତ ଚାମ୍ପିଅନ ହୋଇଥିଲା।

୧୭୭ ରନର ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ଦକ୍ଷିଣ ଆଫ୍ରିକା ଆରମ୍ଭରୁ ଦୁଇଟି ୱିକେଟ ହରାଇ ସଂକଟରେ ପଡ଼ିଥିଲା। ରେଜା ହେଣ୍ଡରିକ୍ସ ମାତ୍ର ୪ ରନ ଓ ଅଧିନାୟକ ଆଇଡେନ ମାର୍କରାମ ୭ ରନ କରି ଆଉଟ ହୋଇଥିଲେ। କିନ୍ତୁ କ୍ୱିନ ଡିକକ ଓ ଟ୍ରିଷ୍ଟାନ ଷ୍ଟବସ ଏକ ଭଲ ପାର୍ଟନରସିପ୍ କରି ପାଳିକୁ ସମ୍ଭାଳିଥିଲେ। ଷ୍ଟବସ ୩୧



ରନ କରି ଆଉଟ ହେବା ପରେ ଡିକକ ଓ ହେନରିକ କ୍ଲାସେନଙ୍କ ମଧ୍ୟରେ ବି ଏକ ଭଲ ପାର୍ଟନରସିପ ହୋଇଥିଲା । ଡିକକ ୩୯ ରନ କରିଥିବାବେଳେ କ୍ଲାସେନ ୫୨ ରନ କରିଥିଲେ। ଡେଭିଡ ମିଲର ୨୧ ରନ କରି ଆଉଟ ହୋଇଥିଲେ । ଦଳ ୨୦ ଓଭରରେ ୮ ୱିକେଟ ହରାଇ ୧୬୯ ରନ କରିପାରିଥିଲା।

ଟସ ଜିଣି ଭାରତ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ଅଧିନାୟକ ରୋହିତ ଶର୍ମାଙ୍କ ନେତୃତ୍ୱରେ ଭାରତ ୭ୱିକେଟ ହରାଇ ସ୍କୋର ୧୭୬ ରନ କରିଥିଲା। ଟିମ ଇଣ୍ଡିଆ ପକ୍ଷରୁ ବିରାଟ କୋହଲି ୭୬ ରନର ଧୂଆଁଧାର ବ୍ୟାଟିଂ କରିଥିଲେ । ସେ ୫୬ଟି ବଲ ଖେଳି ବ୍ୟକ୍ତିଗତ ଭାବେ ୭୬ ରନ ସଂଗ୍ରହ କରିଥିଲେ। ଏଥିରେ ୬ଟି ଚୌକା ଓ ୨ଟି ଛକା ସାମିଲ ଥିଲା । ଅଲରାଉଣ୍ଡର ଅକ୍ଷର ପଟେଲ ୩୧ଟି ବଲ ଖେଳି ଗୋଟିଏ ଚୌକା ଓ ୪ଟି ଛକା ବଳରେ ଦଳର ସ୍କୋରରେ ୪୭ ରନ ଯୋଡ଼ିଥିଲେ। ଯୁବ ବ୍ୟାଟର ୧୬ଟି ବଲ ଖେଳି ୨୭ ରନ ସଂଗ୍ରହ କରିଥିଲେ । ଏଥିରେ ୩ ଚୌକା ଓ ଗୋଟିଏ ଛକା ସାମିଲ ଥିଲା । ରୋହିତ ଶର୍ମା ୯ ରନ କରିଥିଲେ। ସୂର୍ଯ୍ୟକୁମାର ଯାଦବ ୩ ରନ୍, ହାର୍ଦ୍ଦିକ ପାଣ୍ଡ୍ୟା ଅପରାଜିତ ୫ ରନ ଓ ରବିନ୍ଦ୍ର ଜାଡେଜା ୨ ରନ କରିଥିଲେ।

## ଜୁଲାଇ ୧ରୁ ଅଭିଯୋଗ ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ କରିବେ ଶୁଣାଣି



**ଭୁବନେଶ୍ୱର, ୨୯।୬**
**ନ୍ୟୁଜ୍ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶପଥ ଗ୍ରହଣ କରିବାର ୧୮ ଦିନ ବିତିଲାଣି। ତେବେ ସେ କେଉଁଠି ରହିବେ ତାକୁ ନେଇ ଚର୍ଚ୍ଚା ଆଲୋଚନା ଜୋର ଧରିଛି । ମିଳିଥିବା ସୂଚନା ମୁତାବକ, ଜୁଲାଇ ୧ ତାରିଖରୁ ଅଭିଯୋଗ ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ କରିବେ ଶୁଣାଣି। ଏହି ସମୟରେ ମୁଖ୍ୟମନ୍ତ୍ରୀ କେଉଁଠି ବସିବେ, କେଉଁ ସ୍ଥାନରେ ଲୋକଙ୍କ ଅଭିଯୋଗ ଶୁଣିବେ, ଶନିବାର ତା'ର ସ୍ଥିତି ପରଖିଛନ୍ତି । ସାଧାରଣ ପ୍ରଶାସନ ବିଭାଗ ସଚିବ ସୁରେନ୍ଦ୍ର କୁମାର ଅଧିକାରୀଙ୍କ ସହ ଆଲୋଚନା କରିବା *(ପୃଷ୍ଠା ୭ରେ)*

## ନିଟ୍ ପେପର ଲିକ୍: ୭ ସ୍ଥାନରେ ସିବିଆଇର ଚଢଉ, ସାମ୍ବାଦିକ ଗିରଫ

**ନୂଆଦିଲ୍ଲୀ, ୨୯।୬**

ଥମୁନି ନିଟ୍ ପେପର ଲିକ୍ ବିବାଦ। ଏହାକୁ ନେଇ ରାଜନୀତି ଜୋର ଧରିଥିବା ବେଳେ ଆକ୍ସନ ମୁଡ୍‌ରେ ରହିଛି ସିବିଆଇ । ଘନ ଘନ ଚଢଉ କରିବା ସହ ଏହି ମାମଲାରେ ଜାରି ରହିଛି ଗିରଫଦାରୀ। ଶନିବାର ଗୁଜରାଟର ୪ଟି ଜିଲ୍ଲା ସମେତ ୭ଟି ସ୍ଥାନରେ ସିବିଆଇ ରେଡ କରିଛି।

ସୂଚନା ମୁତାବକ, ଗୋଧ୍ରା, ଖେଡା, ଆନନ୍ଦ ଓ ଅହମ୍ମଦାବାଦ ସମେତ ୭ଟି ସ୍ଥାନରେ ଶନିବାର ସକାଳୁ ସିବିଆଇର ଟିମ ଚଢଉ କରଛି । ସେପଟେ ହଜରିବାଗ ଅଞ୍ଚଳରୁ ଆଉ ଜଣେ ସାମ୍ବାଦିକଙ୍କୁ ସିବିଆଇ ଗିରଫ କରିଛି। ଗିରଫ ସାମ୍ବାଦିକ ଜଣଙ୍କ ହେଲେ ଜମାଲୁଦ୍ଦିନ୍। ଏହି ସାମ୍ବାଦିକଙ୍କ ବିରୋଧରେ ଓଏସିସ ସ୍କୁଲ ହଜାରିବାଗର




ପ୍ରିନ୍ସପାଲ ଓ ଭାଇସ ପ୍ରିନ୍ସପାଲ୍‌ଙ୍କୁ ସହଯୋଗ କରୁଥିବା ଅଭିଯୋଗ ରହିଛି।

ନିଟ୍-ୟୁଜି ପେପର ଲିକ୍ ମାମଲାରେ ସିବିଆଇର ଏହା ହେଇଛି ପଞ୍ଚମ ଗିରଫଦାରୀ। ଏହାପୂର୍ବରୁ ସିବିଆଇ ଓଏସିସ ସ୍କୁଲ ହାଜରିବାଗର ପ୍ରିନ୍ସପାଲ ଏହସାନ ଉଲହକ, ଭାଇସ ପ୍ରିନ୍ସପାଲ ଇମତିଆଜ ଆଲାମ, ମନୀଷ ଏବଂ ଆଶୁତୋଷଙ୍କୁ ଗିରଫ କରିଥିଲା। ସୂଚନାରୁ ପ୍ରକାଶ ଯେ ଜମାଲୁଦ୍ଦିନ ଝାଡ଼ଖଣ୍ଡର ଏକ ହିନ୍ଦୀ *(ପୃଷ୍ଠା ୭ରେ)*

## ବୈଦେଶିକ ବ୍ୟାପାର ଓ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୯।୬**
**ନ୍ୟୁଜ୍ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଦୁଇ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ା ଶନିବାର ନୂଆଦିଲ୍ଲୀରେ ରାଜଘାଟଠାରେ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ସମାଧିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଗାନ୍ଧିଜୀଙ୍କ ଆଦର୍ଶ ଯୁଗ ଯୁଗ ପାଇଁ ସାରା ବିଶ୍ୱକୁ ପ୍ରେରଣା ଯୋଗାଇବ। ଅଟଳ ବିହାରୀ ବାଜପେୟୀ ଭାରତର ଗଣତନ୍ତ୍ରର ସୁରକ୍ଷା ଓ ଆଧୁନିକ ଭାରତ ଗଠନ କ୍ଷେତ୍ରରେ ବଳିଷ୍ଠ ଅବଦାନ ପାଇଁ ସ୍ମରଣୀୟ ହୋଇ ରହିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।



ଏହାପରେ ସେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ. ଜୟ ଶଙ୍କର ଏବଂ ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ ପି ନଡ୍ଡାଙ୍କ ସହିତ ଓଡ଼ିଶାର ବିଭିନ୍ନ ସ୍ୱାର୍ଥ ସମ୍ବଳିତ ପ୍ରସ୍ତାବ ଉପରେ ଆଲୋଚନା କରିଥିଲେ।

ଶ୍ରୀ ଜୟଶଙ୍କରଙ୍କ ସହ ଆଲୋଚନାରେ ମୁଖ୍ୟମନ୍ତ୍ରୀ ଓଡ଼ିଶାରେ ୟୁଏଇର କନସୁଲେଟ ଖୋଲିବା ଉପରେ *(ପୃଷ୍ଠା ୭ରେ)*

### ଅନୁଗୁଳରେ କୁମ୍ଭୀର ଆକ୍ରମଣରେ ବାଳକର ମୃତ୍ୟୁ ଘଟଣା ମୁଖ୍ୟମନ୍ତ୍ରୀଙ୍କ ୬ ଲକ୍ଷ ଟଙ୍କା ସହାୟତା

**ଭୁବନେଶ୍ୱର, ୨୯।୬**
**ନ୍ୟୁଜ୍ ବ୍ୟୁରୋ**

ଅନୁଗୁଳ ଜିଲ୍ଲାର ଟିକରପଡା ଠାରେ ମହାନଦୀରେ କୁମ୍ଭୀର ଆକ୍ରମଣରେ ଜଣେ ବାଳକର ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହ ପରିବାର ବର୍ଗଙ୍କ ପ୍ରତି ସମବେଦନା *(ପୃଷ୍ଠା ୭ରେ)*

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

## ନଦୀରେ ଭାସିଗଲା ସେନା ଟ୍ୟାଙ୍କ, ୫ ଯବାନ ସହିଦ

**ଲଦାଖ, ୨୯।୬**

ଚୀନ ସୀମାରେ ଏଲଏସିରେ ଅଭ୍ୟାସ ବେଳେ ବଡ଼ ଅଘଟଣ ଘଟିଛି। ଜମ୍ମୁ-କଶ୍ମୀର ଲଦାଖରେ ନଦୀରେ ଭାରତୀୟ ସେନାର ଏକ ଟ୍ୟାଙ୍କ ବୁଡିଯାଇଛି । ଫଳରେ ଏଥିରେ ୫ ଜଣ ଯବାନ ସହିଦ ହୋଇଥିବା ସୂଚନା ମିଳିଛି।

ଦୌଲତବେଗ ଓଲ୍ଡି ଅଞ୍ଚଳରେ ସେନାର ଯବାନ ଟ୍ୟାଙ୍କ ଅଭ୍ୟାସ କରୁଥିବା ବେଳେ ନଦୀରେ ଅଚାନକ ଜଳସ୍ତର ବଢିଥିଲା। ଜଳସ୍ତର ବଢିବା କାରଣରୁ ଟ୍ୟାଙ୍କ ନଦୀରେ ଭାସି ଯାଇଥିଲା । ଏହି ଦୁର୍ଘଟଣାରେ ସେନାର ୫ ଜଣ ଯବାନ ସହିଦ ହୋଇଥିବା କୁହାଯାଉଛି। ମୃତକଙ୍କ ଭିତରେ ଅଛନ୍ତି ଜଣେ ଜେସିଓ ଏବଂ ୪ ଜଣ *(ପୃଷ୍ଠା ୭ରେ)*

### ମୁଖ୍ୟମନ୍ତ୍ରୀଙ୍କ ଶୋକ

**ଭୁବନେଶ୍ୱର, ୨୯।୬**
**ନ୍ୟୁଜ୍ ବ୍ୟୁରୋ**

ଶୁକ୍ରବାର ରାତିରେ ଲଦାଖରେ ଯୁଦ୍ଧ ଅଭ୍ୟାସ ଚାଲିଥିବା ବେଳେ ଏକ ନଦୀରେ ସେନା ଟ୍ୟାଙ୍କ ଭାସିଯିବାରୁ ସେନାର ପାଞ୍ଚ ଜଣ ଯବାନ ସହିଦ ହେବା ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଦେଶର ସୁରକ୍ଷା ପାଇଁ ପ୍ରତିରକ୍ଷା ବାହିନୀ ସର୍ବଦା ପ୍ରସ୍ତୁତି ଅଭ୍ୟାସ କରିଥାଏ। ସହିଦ ଯବାନ ମାନଙ୍କ ବଳିଦାନ ଦେଶର *(ପୃଷ୍ଠା ୭ରେ)*

## ଏନଡିଆରଏଫ ଥିଲେ ବିପର୍ଯ୍ୟୟରେ ଫସି ଥିବା ଲୋକଙ୍କ ମନୋବଳ ବୃଦ୍ଧି ପାଏ



**ନୂଆଦିଲ୍ଲୀ, ୨୯।୬**

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି ଯେ ବିପର୍ଯ୍ୟୟ ପରିଚାଳନାରେ ଦେଶ ଶ୍ରେଷ୍ଠ କାର୍ଯ୍ୟ ପ୍ରଣାଳୀ ଗ୍ରହଣ କରୁଛି । ସେ କହିଛନ୍ତି, ଦେଶରେ ଜାତୀୟ ବିପର୍ଯ୍ୟୟ ମୁକାବିଲା ବାହିନୀ (ଏନଡିଆରଏଫ) ମୁତୟନ କରାଯାଇଛି । କୌଣସି ପ୍ରକାର ବିପର୍ଯ୍ୟୟରେ ଯେପରି କୌଣସି କ୍ଷୟକ୍ଷତି ନହୁଏ ସେଥିପାଇଁ ଏନଡିଆରଏଫ ସର୍ବଦା ଲକ୍ଷ୍ୟ ରଖିବା ଉଚିତ ବୋଲି ସେ କହିଛନ୍ତି।

ପର୍ବତାରୋହଣ ମିଶନ ବିଜୟର ପତାକା ଉତ୍ତୋଳନ ସମାରୋହରେ ଯୋଗଦେଇ ଶ୍ରୀ ଶାହା କହିଛନ୍ତି ଯେ, କେବଳ ଭାରତରେ ନୁହେଁ ସମଗ୍ର ବିଶ୍ୱରେ ଯେଉଁଠି ବି ବିପର୍ଯ୍ୟୟ ଆସିଥାଏ, ସେଠାରେ ଦେଶ ଓ ବିଶ୍ୱର ଲୋକମାନେ ଏନଡିଆରଏଫ ଆଡକୁ ଚାହିଁଥାନ୍ତି । ପରିସ୍ଥିତି ଯେତେ ପ୍ରତିକୂଳ ହେଉ ନା କାହିଁକି ଏନଡିଆରଏଫ ଏହା ଜାରି ରଖିବ ବୋଲି ସେ କହିଛନ୍ତି । ଯଦି ଏନଡିଆରଏଫର ଯବାନ ମାନେ ସେଠାରେ ଥାଆନ୍ତି ତେବେ ବିପର୍ଯ୍ୟୟରେ ଫସି ରହିଥିବା ଲୋକଙ୍କ ମନୋବଳ ବହୁଗୁଣିତ ହୋଇଯାଏ। ଗୃହମନ୍ତ୍ରୀ କହିଛନ୍ତି ଯେ *(ପୃଷ୍ଠା ୭ରେ)*

### ଏକାଳ ପଖାଳ



କେଳେଙ୍କାରୀ ଯେତେ ଯିଏ କରିଥିଲେ
ଧରା ପଡୁଛନ୍ତି ଗୋଟା ଗୋଟା
ରାଇଜ ଲୁଟିକି ପେଟେ ଭରିଥିଲେ
ଏବେ ଫୁଟୁଅଛି ଫୁଟା
ଅଙ୍ଗୁରୁ ନମିଳିଲେ ଖଟା
ସେଇ ନ୍ୟାୟରେ ବାଉଳା ବିତୁଳା
ହେଉଥାନ୍ତି ଗେହ୍ଲାବେଟା

# କାହା ଭୁଲ ଯୋଗୁ ମହାକାଶରେ ଫସିଛନ୍ତି ସୁନୀତା



**ୱାଶିଂଟନ, ୨୯।୬**

ବୋଇଂର ଷ୍ଟାର୍ଲାଇନର ମହାକାଶଯାନରେ ସ୍ପେସ ଷ୍ଟେସନରେ ପହଞ୍ଚିଥିବା ଭାରତୀୟ ବଂଶୋଦ୍ଭବ ଆମେରିକୀୟ ମହିଳା ମହାକାଶଚାରୀ ସୁନୀତା ୱିଲିୟମ୍ସଙ୍କୁ ହୁଏତ ମହାକାଶରେ ଦୀର୍ଘଦିନ ରହିବାକୁ ପଡ଼ିପାରେ। ପୂର୍ବରୁ ଏହି ମିଶନ କିଛି ଦିନ ପାଇଁ ଥିଲା । କିନ୍ତୁ ନାସା କମର୍ସିଆଲ କ୍ରୁ ପ୍ରୋଗ୍ରାମ ମ୍ୟାନେଜର ଷ୍ଟିଭ ଷ୍ଟିଚ କହିଛନ୍ତି ଯେ, ଆମେରିକାର ସ୍ପେସ ଏଜେନ୍ସି ଷ୍ଟାର୍ଲାଇନର ମିଶନର ଅବଧି ୪୫ଦିନରୁ ୯୦ଦିନକୁ ବୃଦ୍ଧି କରିବାକୁ ଚିନ୍ତା କରୁଛି। ତେବେ ଫେରିବା ପାଇଁ କୌଣସି ନିର୍ଦ୍ଦିଷ୍ଟ ତାରିଖ ଦିଆଯାଇ ନାହିଁ।

ଆମେରିକାର ସ୍ପେସ ଏଜେନ୍ସି ଏବଂ ବୋଇଂର ଅଧିକାରୀମାନେ ନାସା ମହାକାଶଚାରୀ ସୁନୀତା ୱିଲିୟମ୍ସ ଏବଂ ବୁଚ ୱିଲ୍ମୋର ଅନ୍ତର୍ଜାତୀୟ ସ୍ପେସ ଷ୍ଟେଶନ(ଆଇଏସ୍ଏସ୍)ରେ ଫସି ରହିବାକୁ ଅସ୍ୱୀକାର କରିଛନ୍ତି।

ସେ କହିଛନ୍ତି, ବର୍ତ୍ତମାନ ସେ ଘରକୁ ଆସିବାକୁ ତତ୍ପର ନୁହନ୍ତି। ଏକାଧିକ ରିପୋର୍ଟରେ ଦର୍ଶାଯାଇଛି ଯେ, ଚଳିତ ମାସ ଆରମ୍ଭରେ ବୋଇଂ ଷ୍ଟାରଲାଇନର ମହାକାଶଯାନରେ ଥିବା କକ୍ଷପଥ ଲାବୋରେଟୋରୀକୁ ପଠାଯାଇଥିବା ଏହି ଦୁଇ ମହାକାଶଚାରୀ ହିଲିୟମ ଲିକ ହେବା ପରେ ସେଠାରେ *(ପୃଷ୍ଠା ୭ରେ)*



# ପ୍ରଶିକ୍ଷଣ ମାଧ୍ୟମରେ ଦକ୍ଷତା ବୃଦ୍ଧି ହିଁ ସମ୍ଭବ ହୋଇପାରିବ : ରାଜସ୍ୱ ମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**



ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ରାଜସ୍ୱ ଅଧିକାରୀଙ୍କ ପ୍ରଶିକ୍ଷଣ ପ୍ରତିଷ୍ଠାନକୁ ପରିଦର୍ଶନରେ ଯାଇ ୧୫ତମ ସଂସ୍ଥାଗତ ପ୍ରଶିକ୍ଷଣ ଶିବିରକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ପୂଜାରୀ ସରକାରୀ ନୀତିନିୟମ ସହିତ ବୈଷୟିକ ଜ୍ଞାନର ପ୍ରୟୋଗ ମାଧ୍ୟମରେ ସମସ୍ତ କାର୍ଯ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ସୁରୁଖୁରୁ ରୂପେ ନିର୍ବାହ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରଶିକ୍ଷକ ତଥା ପ୍ରଶିକ୍ଷାର୍ଥୀ ଉଭୟଙ୍କ ମଧ୍ୟରେ ଉପଯୁକ୍ତ ଯୋଗାଯୋଗ ଦ୍ୱାରା ହିଁ ଉନ୍ନତ ମାନର ପ୍ରଶିକ୍ଷଣ ସମ୍ଭବ। ସରକାରୀ କାର୍ଯ୍ୟ ନିମନ୍ତେ କାର୍ଯ୍ୟାଳୟକୁ ଆସୁଥିବା ପ୍ରତ୍ୟେକ ଜନସାଧାରଣ କିପରି ଉପକୃତ ହେବେ ଓ ସେମାନଙ୍କ ମଧ୍ୟରେ ଆତ୍ମସନ୍ତୋଷର ଭାବ କିପରି ପରିଲକ୍ଷିତ ହେବ ଏହା ସମସ୍ତଙ୍କର ଲକ୍ଷ୍ୟ ହେବା ଉଚିତ ଓ ଏହି ପ୍ରତି ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ ନିଜର ଅଭିମୁଖ୍ୟ ବ୍ୟକ୍ତ କରିଥିଲେ। ସ୍ନେହ, ସହାନୁଭୂତି ଆଦି ଉତ୍ତମ ମାନବୀୟ ଆଚରଣ ପ୍ରଦର୍ଶନ ମାଧ୍ୟମରେ ଜନସାଧାରଣଙ୍କ ବିଶ୍ୱାସଭାଜନ ହେବା ଉଚିତ। ସେହିପରି ନିଜର ବିଦେଶ ଭ୍ରମଣର ଅଭିଜ୍ଞତା ବର୍ଣ୍ଣନା କରି ମନ୍ତ୍ରୀ ଶ୍ରୀ ପୂଜାରୀ କହିଲେ ଯେ ପ୍ରଶିକ୍ଷାର୍ଥୀ ଅଭିମନ୍ୟୁଙ୍କର ଚକ୍ରବ୍ୟୁହ ଭେଦ କରିବା ଭଳି କୌଶଳରେ ପାରଦର୍ଶୀ ହେବା ସହ ଧର୍ମପଦଙ୍କ ଭଳି କୋଣାର୍କ ମନ୍ଦିର ମୁଣ୍ଡି ମାରିବା କାର୍ଯ୍ୟରେ ନିଜର କୁଶଳତା ପ୍ରଦର୍ଶନ କରିବା ଆବଶ୍ୟକ। ଆମେ ବ୍ୟବହାରିକ ଜ୍ଞାନକୁ ପ୍ରୟୋଗ କରି କୌଣସି ଅବସ୍ଥାକୁ ସ୍ୱାଭାବିକ କରାଇ ପାରିବା ତଥା ପ୍ରତ୍ୟେକ ମୁହୂର୍ତ୍ତକୁ ଜରୁରୀ ଅବସ୍ଥା ଭାବି କାର୍ଯ୍ୟ କରିବା ଉଚିତ। ଉପସ୍ଥିତ ରାଜସ୍ୱ ସେବାର ଅଧିକାରୀମାନଙ୍କୁ ଉଦ୍‌ବୋଧନ ଦେବା ଅବସରରେ ମନ୍ତ୍ରୀ ପ୍ରକାଶ କରିଥିଲେ ଯେ ଓଡ଼ିଶା ରାଜସ୍ୱ ସେବା ଅଧିନରେ କାର୍ଯ୍ୟରତ ଅଫିସରମାନେ ନିଜ ଘର ପାଖ ଜିଲ୍ଲାରେ କାର୍ଯ୍ୟ କରିବାର ଆଗ୍ରହ ପୋଷଣ ନକରି ସାରା ଓଡ଼ିଶାର ବିଭିନ୍ନ ଜିଲ୍ଲାରେ କାର୍ଯ୍ୟ ସମ୍ପାଦନ ପାଇଁ ଆଗ୍ରହ ପ୍ରକାଶ କରନ୍ତୁ। ତାହା ହେଲେ ଯାଇ ପ୍ରଶାସନିକ ସ୍ତରରେ ସନ୍ତୁଳନ ବଜାୟ ରହିପାରିବ। ଏହି ଅବସରରେ ରାଜସ୍ୱ ପ୍ରଶିକ୍ଷଣ ପ୍ରତିଷ୍ଠାନ ଦ୍ୱାରା ତିନିଗୋଟି ପୁସ୍ତିକାକୁ ମନ୍ତ୍ରୀ ଉନ୍ମୋଚନ କରିଥିଲେ। ଏହି ଉଦଘାଟନୀ ଉତ୍ସବରେ ଅନ୍ୟତମ ଅତିଥି ଭାବେ ଯୋଗଦେଇ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ କହିଲେ ଯେ ରାଜସ୍ୱ ବିଭାଗ ହେଉଛି ରାଜ୍ୟ ସରକାରଙ୍କ ଆଖି ଓ କାନ। ଏଣୁ ରାଜସ୍ୱ ବିଭାଗରେ ଆପଣମାନେ ଯୋଗଦେଇ ନିଜକୁ ଗୌରବାନ୍ୱିତ ମନେ କରିବା ସହ ଜନସାଧାରଣଙ୍କର ନିକଟତର ହୋଇ ପଛରେ ଥିବା ଲୋକମାନଙ୍କୁ କିପରି ମୁଖ୍ୟସ୍ରୋତରେ ସାମିଲ କରାଯାଇପାରିବ ସେ ଦିଗରେ ଚେଷ୍ଟା କରିବା ଦରକାର। ଏଥି ସହିତ ଜଣେ ଆବେଦନକାରୀଙ୍କ ଆବେଦନକୁ ବିଚାର କରିବା ନିମନ୍ତେ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ମାଧ୍ୟମରେ କିପରି ମାମଲାର ଫଇସଲା କରିଥିଲେ ତା'ର ଦୃଷ୍ଟାନ୍ତ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ପ୍ରତିଷ୍ଠାନର ନିର୍ଦ୍ଦେଶକ ଜ୍ୟୋତିପ୍ରକାଶ ଦାସ ସ୍ୱାଗତ ସୂଚନା ଦେଇଥିବାବେଳେ ବିଭାଗୀୟ ଅତିରିକ୍ତ ସଚିବ ଧନ୍ୟବାଦ ଅର୍ପଣ କରିଥିଲେ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଓଡ଼ିଶା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓସ୍ଡମା)ଙ୍କ ଅଧିନରେ ନିର୍ମାଣାଧିନ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ଅନୁଷ୍ଠାନ (ଏସ୍ଆଇଡିଏମ) ପରିଦର୍ଶନରେ ଯାଇ ନିର୍ମାଣାଧିନ ଅନୁଷ୍ଠାନ ବୁଲି ଦେଖିଥିଲେ। ଏହି ଅନୁଷ୍ଠାନ ଭବିଷ୍ୟତ ରୂପରେଖ ଅନୁଯାୟୀ ଏହା ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଏକ ଉତ୍କର୍ଷ କେନ୍ଦ୍ର ଭାବେ ଗଢ଼ିଉଠିବ। ଏଠାରେ ସରକାରୀ ଅଫିସର, ନିର୍ବାଚିତ ପ୍ରତିନିଧି ଓ ଗୋଷ୍ଠୀର ସ୍ୱେଚ୍ଛାସେବୀ, ଓଡ୍ରାଫର କର୍ମଚାରୀ ଓ ଅନ୍ୟ ସହଭାଗୀମାନଙ୍କୁ ବିପର୍ଯ୍ୟୟ ପରିଚାଳନାର ବିଭିନ୍ନ ଦିଗ ସମ୍ପର୍କରେ ତାଲିମ ଦିଆଯିବ। ମନ୍ତ୍ରୀ ଏହି ଅବସରରେ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିବା ସହ ଖୁବଶୀଘ୍ର ଏହାର କାର୍ଯ୍ୟ ସମାପ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମନ୍ତ୍ରୀ ଓଡ୍ରାଫରେ ତାଲିମରତ ଯବାନମାନଙ୍କ ସହ ଭାବ ବିନିମୟ କରିବା ଅବସରରେ ସେମାନଙ୍କର ଦକ୍ଷତା ବୃଦ୍ଧି ସହ ଆପଦକାଳୀନ ପରିସ୍ଥିତିରେ ଜୀବନ ରକ୍ଷା କରିବାର କୌଶଳ, ଅନ୍ୱେଷଣ ଓ ଉଦ୍ଧାର କାର୍ଯ୍ୟରେ ପାରଦର୍ଶିତା ହାସଲ କରିବାକୁ ପରାମର୍ଶ ଦେଇଥିଲେ। ଯବାନମାନେ ସେମାନଙ୍କ ଆପଦକାଳୀନ ଅପରେସନର କଳାକୌଶଳ ପ୍ରଦର୍ଶନ କରିଥିଲେ। ଆପଦକାଳୀନ ସ୍ଥିତିରେ ଓଡ୍ରାଫର କାର୍ଯ୍ୟକୁଶଳୀତାକୁ ମନ୍ତ୍ରୀ ପ୍ରଶଂସା କରିବା ସହ କେମିକାଲ, ବାୟୋଲୋଜିକାଲ, ରେଡ଼ିଓଲୋଜିକାଲ ନ୍ୟୁକ୍ଲିଅର ଓ ଅନ୍ୟ ବିପର୍ଯ୍ୟୟର ସମ୍ମୁଖୀନ ହେବା ପାଇଁ ଯବାନ୍‌ମାନଙ୍କର ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ମନ୍ତ୍ରୀଙ୍କ ସହ ସ୍ୱତନ୍ତ୍ର ରିଲିଫ୍ କମିଶନର ତଥା ଓସ୍ଡମାର ପରିଚାଳନା ନିର୍ଦ୍ଦେଶକ ସତ୍ୟବ୍ରତ ସାହୁ, ଓସ୍ଡମାର ବରିଷ୍ଠ ଅଧିକାରୀ, ପୂର୍ତ୍ତ, ଟିପିକୋଡିଏଲ୍ ଓ ୱାଟ୍‌କୋର ଅଫିସରମାନେ ଉପସ୍ଥିତ ଥିଲେ।

# ଜୁଲାଇ ପହିଲାରୁ ଦେଶରେ ଲାଗୁ ହେବ 'ଭାରତୀୟ ନ୍ୟାୟ ସଂହିତା'

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଲାଗୁ ହେବ ନୂଆ ଆଇନ। ଆଇପିସି, ସିଆରପିସି, ଏଭିଡେନ୍ସ ଆକ୍ଟ ପରିବର୍ତ୍ତେ ଭାରତୀୟ ନ୍ୟାୟ ସଂହିତା-୨୦୨୩, ଭାରତୀୟ ନାଗରିକ ସୁରକ୍ଷା ସଂହିତା – ୨୦୨୩, ଭାରତୀୟ ସାକ୍ଷ୍ୟ ଅଧିନିୟମ-୨୦୨୩ ଲାଗୁ ହେଉଛି। ଏହି ନୂଆ ଆଇନ ସମ୍ପର୍କରେ ସଚେତନତା ପାଇଁ ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ରାଜ୍ୟବ୍ୟାପୀ ନୂତନ ଫୌଜଦାରୀ ଆଇନ ସଚେତନତା ଦିବସ ଜୁନ ୨୯ରେ ପାଳନ ହେବ। ଏହା ୧୮୩ଟି ବାର ଆସୋସିଏସନରେ ପାଳିତ ହେବାର କାର୍ଯ୍ୟକ୍ରମ ରହିଛି। ଏନେଇ ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ରାଜ୍ୟ ବାର କାଉନସିଲ ପକ୍ଷରୁ ଏଥିପାଇଁ ସ୍ୱତନ୍ତ୍ର ନିଷ୍ପତ୍ତି ଗ୍ରହଣ କରାଯାଇ ଓଡ଼ିଶା ହାଇକୋର୍ଟବାର ଆସୋସିଏସନ ସହିତ ମିଳିତ ଭାବେ ଏହି ସଚେତନତା ଦିବସ କାର୍ଯ୍ୟକ୍ରମ ପାଳନ କରାଯିବ। ଏହି ସଚେତନତା ଦିବସରେ ବ୍ରିଟିଶ ଅମଳର ଭାରତୀୟ ପିଙ୍ଗଳ କୋଡ୍ ବଦଳରେ ପ୍ରଣୀତ ଭାରତୀୟ ନ୍ୟାୟ ସଂହିତା-୨୦୨୩, କ୍ରିମିନାଲ ପ୍ରୋସିଡିଓର କୋଡ ବଦଳରେ ଭାରତୀୟ ନାଗରିକ ସୁରକ୍ଷା ସଂହିତା -୨୦୨୩, ଓ ଭାରତୀୟ ସାକ୍ଷ୍ୟବିଧି ଆଇନ ବଦଳରେ ଭାରତୀୟ ସାକ୍ଷ୍ୟ ଅଧିନିୟମ-୨୦୨୩ ସମ୍ପର୍କରେ ଆଇନଜୀବୀମାନେ ସେମାନଙ୍କର ବାର୍ ଆସୋସିଏସନ ଗୁଡିକରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରିବେ। ଏହି କାର୍ଯ୍ୟକ୍ରମରେ ଓଡିଶା ହାଇକୋର୍ଟର ମୁଖ୍ୟ ବିଚାରପତି, ଅନ୍ୟବିଚାରପତି ଓ ବରିଷ୍ଠ ଆଇନଜୀବୀମାନେ ଯୋଗ ଦେବେ। ନୂତନ ପାଠିର ଆଇନଜୀବୀ ମାନଙ୍କ ପାଇଁ ଭବିଷ୍ୟତରେ ଏହି ଆଇନ ସମ୍ପର୍କରେ ପ୍ରଶିକ୍ଷଣ ଶିବିରର ଆୟୋଜନ କରାଯିବ। ଦୀର୍ଘବର୍ଷ ଧରି ପ୍ରଚଳିତଥା ଫୌଜଦାରୀ ଆଇନ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଗତ ଡିସେମ୍ବର ମାସରେ ପ୍ରଣୟନ କରାଯାଇଥିବା ଏହି ତିନୋଟି ଆଇନର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରାଯିବ ବୋଲି ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି।

# ଭାଙ୍ଗି ଗଲେଣି ରଥର ପାର୍ଶ୍ୱ ଦେବାଦେବୀ ମୂର୍ତ୍ତି, ମନ୍ଦିର ପ୍ରଶାସନର ଅବହେଳାକୁ ଦାୟୀ କଲେ ସେବାୟତ

**ପୁରୀ, ନ୍ୟୁଜ୍‌ବ୍ୟୁରୋ**

ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ସମୟ ନିକଟତର ହେଉଥିବା ବେଳେ ପ୍ରସ୍ତୁତି ମଧ୍ୟ ସେହିକ୍ରମରେ ଜାରି ରହିଛି । ରଥଖଳାରେ ରଥ ନିର୍ମାଣ ସାଙ୍ଗକୁ ପରିଚାଳନା ପାଇଁ ମନ୍ଦିର ଓ ଜିଲ୍ଲା ପ୍ରଶାସନ ଘନ ଘନ ବୈଠକ କରିବାରେ ଲାଗିଛନ୍ତି । ହେଲେ ଏହାରି ମଧ୍ୟରେ ଅବ୍ୟବସ୍ଥାର ଏକ ଚିତ୍ର ସାମ୍ନାକୁ ଆସିଛି, ଯାହା ପ୍ରଶାସନର ଉଦାସୀନତାକୁ ପଦାରେ ପକାଇଛି । ତିନି ରଥର ଏକାଧିକ ପାର୍ଶ୍ୱ ଦେବାଦେବୀଙ୍କ ମୂର୍ତ୍ତି ଓ ସଖୀ ମୂର୍ତ୍ତି ଆଦି ନଷ୍ଟ ହୋଇଯାଇଛି । ପ୍ରତିବର୍ଷ ରଥରେ ବ୍ୟବହାର ହେଉଥିବା ଏହି ମୂର୍ତ୍ତିକୁ ରକ୍ଷଣାବେକ୍ଷଣ ଅବଭାବରୁ ଉଈ ଖାଇଯାଇଥିବା ଦେଖିବାକୁ ମିଳିଛି। ମୂର୍ତ୍ତିଗୁଡିକର ମୁହଁ, କାନ, ହାତଗୁଡିକ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ଯାହାକୁ ନେଇ ଦୁଃଖ ପ୍ରକାଶ କରିବା ସହ ମନ୍ଦିର ପ୍ରଶାସନ ଉପରେ ଅସନ୍ତୋଷ ଝାଡିଛନ୍ତି ରୂପକାର ସେବକ। ଏନେଇ ବାରମ୍ବାର ଅବଗତ କରାଯିବା ସତ୍ତ୍ୱେ ମଧ୍ୟ ପାର୍ଶ୍ୱ ଦେବାଦେବୀଙ୍କ ମୂର୍ତ୍ତି ଓ ସାରଥିମାନଙ୍କୁ ସଠିକ୍ ସ୍ଥାନରେ ରଖାଗଲା ନାହିଁ । ଫଳରେ ଏଗୁଡ଼ିକ ଉଈ ଖାଇ ଅଧିକାଂଶ ନଷ୍ଟ ହୋଇଯାଇଛି । ଏଣୁ ଚଳିତ ରଥଯାତ୍ରାରେ କିଭଳି ଏହି ପାର୍ଶ୍ୱ ଦେବାଦେବୀ, ସଖୀ ମୂର୍ତ୍ତିକୁ ବ୍ୟବହାର କରାଯିବ, ସେ ନେଇ ରୂପକାର ସେବକ ପ୍ରଶ୍ନ କରିଛନ୍ତି। ତେବେ ଏହି ଘଟଣାରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଘଟଣାର ଅନୁଧ୍ୟାନ ପାଇଁ ସେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ କହିଛନ୍ତି ।

# ୭ ଫୁଟର ଅଜଗର ସାପ ଉଦ୍ଧାର

**ମାଲକାନଗିରି, ନ୍ୟୁଜ୍‌ବ୍ୟୁରୋ**

ମାଲକାନଗିରି ସଦର ମହକୁମା ମୁଣ୍ଡାଗୁଡା ଠାରେ ଥିବା ମାଲ୍ୟବନ୍ତ ପାଣି ଫାକ୍ଟ୍ରି ରେ ଏକ ବିରାଟ କାୟ ଅଜଗର ସାପ ପଶିଥିବା ଫାକ୍ଟ୍ରିରେ କାମ କରୁଥିବା ଲୋକ ଓ ମାଲିକ ଦେଖିବା ପରେ ତୁରନ୍ତ କ୍ଷସ୍ନକ ହେଲ୍ପ ଲାଇନକୁ ଜଣାଇ ଥିଲେ। ଖବର ପାଇ ବିଭୁତି ଭୂଷଣ ସେଠାରେ ପହଞ୍ଚି ସାତ ଫୁଟ ଲମ୍ବ ଓ ୧୫ କେ.ଜି ଓଜନର ଅଜଗର ସାପକୁ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡି ଥିଲେ।



# ମା' ପୋଲୋକାଶୁଣି ଠାକୁରାଣୀ ଯାତ୍ରାରେ ଶତାଧିକ ଭକ୍ତଙ୍କ ପଣା ଅର୍ପଣ

**ଆସିକା, ନ୍ୟୁଜ୍‌ବ୍ୟୁରୋ**

ଆସିକା ସପ୍ତଠାକୁରାଣୀଙ୍କ ଯାତ୍ରା: ଅସ୍ଥାୟୀ ମଣ୍ଡପରେ ପଣା ପାଣି ଓ ଗଜା ମୁଆଁ ଅର୍ପଣ ମା' ଫୁଲକେଶିନୀଙ୍କ ଯାତ୍ରାରେ ଶହ ଶହ ମହିଳା ପୁରୁଷ ବାହାରିଲେ ପଣା ପାଣି ପୂଜା କରିବାକୁ ଅସ୍ଥାୟୀ ମଣ୍ଡପରେ ପହଞ୍ଚିଛନ୍ତି। ସେଭଳି ମାନସିକ ବେଶଧାରୀମାନେ ମଧ୍ୟ ମା'ଙ୍କ କୃପାଭିକ୍ଷା କରିଛନ୍ତି। ଆସିକା ଲାଲାଗୋଜି ଛକଠାରେ ଚାଲିଥିବା ମା' ଫୁଲକେଶିନୀ ଠାକୁରାଣୀଙ୍କ ଯାତ୍ରା ଗତ ଶନିବାରଠାରୁ ଆରମ୍ଭ ହୋଇଥିବା ବେଳେ ସପ୍ତଠାକୁରାଣୀଙ୍କ ଘଟ ପରିକ୍ରମା ଷଷ୍ଠ ଦିନରେ ପହଞ୍ଚିଛି। ସକାଳେ ବିଭିନ୍ନ ମହିଳା ଗୋଷ୍ଠୀ ଗୁଳା ଓ ଗଜା ମୁଆଁ ଏବଂ ପଣାପାଣି ଧରି ସେମାନଙ୍କୁ ପକ୍ଷରୁ ବାଦ୍ୟବାଜଣା ସହ ଶୋଭାଯାତ୍ରାରେ ସହର ପରିକ୍ରମା କରିବା ପରେ ଅସ୍ଥାୟୀ ମଣ୍ଡପରେ ପହଞ୍ଚି ପୂଜାର୍ଚ୍ଚନା କରିଥିଲେ। ସକାଳୁ ମଧ୍ୟାହ୍ନ ପର୍ଯ୍ୟନ୍ତ ପଣାପାଣି ଧରି ମହିଳାମାନେ ପୀଠକୁ ଯାଇଥିଲେ। ଅସ୍ଥାୟୀ ପୀଠରେ ଠାକୁରାଣୀଙ୍କ ଆଳତୀ ପରେ ମାନସିକଧାରୀ ମହିଳାମାନେ ସପ୍ତ ଠାକୁରାଣୀଙ୍କ ଘଟକୁ ମୁଣ୍ଡରେଧରି ନଗର ପରିକ୍ରମା କରିଥିଲେ। ସପ୍ତଦେବୀଙ୍କ ଘଟ ଅସ୍ଥାୟୀ ମଣ୍ଡପରୁ ବାହାରି ବିଭିନ୍ନ ସାହି କୁ ସାହି ନଗର ପରିକ୍ରମା କରୁଛନ୍ତି। ପୂଜାରେ ରିତିମତ ପୂଜାର୍ଚ୍ଚନା ଓ ଘୃତଯଜ୍ଞ ଚାଲୁ ରହିଛି। ଯାତ୍ରା ଅବସରରେ ବିଭିନ୍ନ ସାହିବସ୍ତିରେ ସ୍ଥାପନା କରାଯାଇଥିବା ୫୦ରୁ ଉର୍ଦ୍ଧ୍ୱ ମେଢ଼ ଦେଖିବା ଲାଗି ଶ୍ରଦ୍ଧାଳୁଙ୍କ ଭିଡ଼ ବଢିବାରେ ଲାଗିଛି।

# ନିଶାଦ୍ରବ୍ୟ ଅପ ବ୍ୟବହାର ଓ ଅବୈଧ ଚାଲାଣକୁ ବିରୋଧ

**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**



ଜଗତସିହପୁର ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଅବକାରୀ ବିଭାଗ ଆନୁକୂଲ୍ୟରେ ଜିଲ୍ଲାସ୍ତରିୟ ଆନ୍ତର୍ଜାତୀୟ ନିଶାଦ୍ରବ୍ୟ ଅପ ବ୍ୟବହାର ଓ ଅବୈଧ ଚାଲାଣ ବିରୋଧ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପଡ଼ିଆ ଠାରେ ଏକ ସଚେତନତା ରଥ ଓ ଶୋଭାଯାତ୍ରାକୁ ଅତିରିକ୍ତ ଜିଲ୍ଲାପାଳ ସମ୍ବିତ ରାଉତ ପତାକା ଦେଖାଇ ଶୁଭ ଉଦ୍‌ଘାଟନ କରିଥିଲେ। ନିଶାଦ୍ରବ୍ୟ ଅପବ୍ୟବହାର ଓ ଅବୈଧ ଚାଲାଣ ବିରୋଧରେ ଜନସାଧାରଣଙ୍କୁ ସଚେତନ କରିବାକୁ ଏହି ରଥ ୨ଟି ମ୍ୟୁନିସିପାଲଟି ଓ ୮ଟି ବ୍ଲକ ପରିକ୍ରମା କରିବ। ନିଶା ସେବନ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ଅଟେ। ଜୀବନ ହେଉଛି ମୂଲ୍ୟବାନ। ଏଣୁ ନିଶା ସେବନରୁ ଦୂରେଇ ରହିବା ଉଚିତ୍। ନିଶା ରୂପକ ରାକ୍ଷସ ଜୀବନକୁ ସର୍ବନାଶ କରାଏ। ମଦ, ହେରୋଇନ୍, ଚରସ୍, ମାରିଜୁଆନା, ଗଞ୍ଜାପାଉଡ଼ର ମଣିଷ ଜୀବନକୁ ଛାରଖାର କରିଦିଏ। ଚୋରା ନିଶା ସେବନ ଅପମୃତ୍ୟୁର କାରଣ ହୋଇଥାଏ। ଏହି କାର୍ଯ୍ୟକ୍ରମକୁ ଅବକାରୀ ଅଧିକ୍ଷକ ଦିଲ୍ଲୀପ କୁମାର ପଲେଇ ପରିଚାଳନା କରିଥିଲେ। ଏହି ସଚେତନତା ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପଡିଆରୁ ବାହାରି କଲେଜ ଛକ ପର୍ଯ୍ୟନ୍ତ ପରିକ୍ରମା କରିଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ,ଏକସାଇଜ ଇନ୍ସପେକ୍ଟର, ଅବକାରୀ କର୍ମଚାରୀ, ମହାବିଦ୍ୟାଳୟର ଛାତ୍ର, ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ଏଏନ୍ଏମଙ୍କୁ ଦୁର୍ବ୍ୟବହାର ସହ ଜାତିଆଣ ଆକ୍ଷେପ ଅଭିଯୋଗ

**ବାଲିଗୁଡ଼ା, ନ୍ୟୁଜ୍‌ବ୍ୟୁରୋ**

ଏନଏନଏମ ଙ୍କୁ ବିପିଏମଙ୍କ ଦୁର୍ବ୍ୟବହାର ଅଭିଯୋଗ। ଏନେଇ କନ୍ଧମାଳ ଜିଲ୍ଲା କୋଟଗଡ଼ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ସମ୍ପୃକ୍ତ ଏଏନ୍ଏମ। ଅଭିଯୋଗ ପ୍ରକାରେ କୋଟଗଡ଼ ଥାନା କେସ୍ ନଂ ୮୬/୨୦୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି କୋଟଗଡ଼ ପୋଲିସ। ସୂଚନାଯୋଗ୍ୟ ଯେ, ବର୍ତ୍ତମାନ ବାଲିଗୁଡ଼ା ଅଞ୍ଚଳରେ କାର୍ଯ୍ୟରତ ଏଏନ୍ଏମ ପୁଷ୍ପାଞ୍ଜଳି ଦିଗାଲ ଗତ ୨୪ ତାରିଖରେ ବ୍ୟକ୍ତିଗତ କାମରେ ନିଜ ଗାଁ କୋଟଗଡ଼କୁ ଯାଇଥିଲେ ଏବଂ କୋଟଗଡ଼ ଡାକ୍ତରଖାନା ପରିସରରେ ରହୁଥିବା ଜଣେ ସମ୍ପର୍କୀୟଙ୍କୁ ଦେଖାକରି ଫେରୁଥିଲେ। ସେହି ସମୟରେ ସୁବର୍ଣ୍ଣଗିରି ଡାକ୍ତରଖାନାରେ କାର୍ଯ୍ୟରତ ବିପିଏମ, ଏଏନ୍ଏମ ପୁଷ୍ପାଞ୍ଜଳୀଙ୍କୁ ପଛରୁ ଡାକି ଜାତିଆଣ ଆକ୍ଷେପ କରିବା ସହ ଦୁର୍ବ୍ୟବହାର କରିଥିଲେ। ଅନ୍ୟପଟେ ଜାତିଆଣ ଆକ୍ଷେପ କଥା ଲିଖିତ ଅଭିଯୋଗରେ ଦର୍ଶାଇଥିଲେ ମଧ୍ୟ ଥାନା ଅଧିକାରୀ ସେନେଇ କୌଣସି ଦଫା ଲଗାଇ ନଥିବାରୁ ଅସନ୍ତୋଷ ପ୍ରକାଶ କରିବା ସହ ଦୋଷୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ କରିବା ସହ ନ୍ୟାୟ ପାଇଁ ପ୍ରଶାସନକୁ ନିବେଦନ କରିଛନ୍ତି ମହିଳା ସ୍ୱାସ୍ଥ୍ୟକର୍ମୀ ପୁଷ୍ପାଞ୍ଜଳି ଦିଗାଳ।

# ବାଲେଶ୍ୱରରେ ଗଡ଼ିଲା ଶିଶୁ ଶ୍ରମ ନିରାକରଣ ଓ ସଚେତନତା ରଥ



**ବାଲେଶ୍ୱର, ନ୍ୟୁଜ୍**

ନୂତନ କଲେକ୍ଟୋରେଟ ପରିସରରୁ ଶିଶୁ ଶ୍ରମ ନିରାକରଣ ଓ ସଚେତନତା ରଥର ଶୁଭାରମ୍ଭ ହୋଇଯାଇଛି। ଜିଲ୍ଲା ଶ୍ରମ ବିଭାଗର ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ଏହି ସଚେତନତା ରଥ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଆରମ୍ଭ ହୋଇ ନଗର ପରିକ୍ରମା କରିଥିଲା। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିରଞ୍ଜନ ବେହେରା ଏହି ସଚେତନତା ରଥକୁ ସବୁଜ ପତାକା ଦେଖାଇ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ଜିଲ୍ଲାରୁ ତଥା ରାଜ୍ୟରୁ ଶିଶୁ ଶ୍ରମିକ ପ୍ରଥା ଉଚ୍ଛେଦ ଏବଂ ଏହାର ସମ୍ପୂର୍ଣ୍ଣ ନିରାକରଣ ପାଇଁ ଜିଲ୍ଲା ସ୍ତରରେ ସଚେତନତା ପାଇଁ ଏହି ପଦକ୍ଷେପ ନିଆଯାଇଛି। ସୂଚନା ଥାଉ କି, ୧୪ ବର୍ଷରୁ କମ୍ ବୟସର ପିଲାମାନଙ୍କୁ କୌଣସି ସ୍ଥାନରେ ଶ୍ରମିକ ଭାବେ କାର୍ଯ୍ୟ କରାଇବା ଏକ ଦଣ୍ଡନୀୟ ଅପରାଧ ଏବଂ ଶିଶୁ ଶ୍ରମ (ନିଷେଧ ଏବଂ ନିୟମାବଳୀ) ଅଧିନିୟମ, ୧୯୮୬ ଅନୁସାରେ ଭାରତ ସରକାର ଏହାକୁ ସମ୍ପୂର୍ଣ୍ଣ ଅବୈଧ ବୋଲି ଘୋଷଣା କରିଛନ୍ତି। ଏହି ସଚେତନତା ରଥ ମାଧ୍ୟମରେ ସମସ୍ତ ନାଗରିକମାନଙ୍କୁ ସଚେତନ କରାଇବା ସହିତ ଏହି ଘୃଣ୍ୟ ଏବଂ କୁପ୍ରଥାକୁ ବିମୋଚନ କରିବା ନିମନ୍ତେ ଜିଲ୍ଲା ପ୍ରଶାସନ ସର୍ବଦା କାର୍ଯ୍ୟରତ। ତେଣୁ ଏହି ନିୟମକୁ ମାନି ଏକ ସୁସ୍ଥ ଭବିଷ୍ୟତ ପାଇଁ ଶିଶୁ ଶ୍ରମିକ ପ୍ରଥାକୁ ରୋକା ଯିବା ପାଇଁ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ଶ୍ରମ ଅଧିକାରୀ ଶିବ ନାରାୟଣ ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ଐଶ୍ୱର୍ଯ୍ୟା ସାମନ୍ତ ଏବଂ ଜିଲ୍ଲା ଶ୍ରମ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ପ୍ରଶାସନିକ ନିଷ୍କ୍ରିୟତାରୁ ଧନୀ ହେଉଛନ୍ତି ରାସନ କାର୍ଡର ଅଧିକାରୀ

**କେନ୍ଦୁଝର, ନ୍ୟୁଜ୍**

ପ୍ରଶାସନିକ ନିଷ୍କ୍ରିୟତା ଯୋଗୁଁ କେନ୍ଦୁଝର ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଲକ୍ଷପତି, କୋଟିପତିମାନେ ରାସନ କାର୍ଡର ଅଧିକାରୀ ହୋଇ ସରକାରୀ ଯୋଜନାର ବେଶ୍ ଲାଭ ଉଠାଇ ମାଲେମାଲ୍ ହେଉଥିବାବେଳେ ବହୁ ଗରିବ ଲୋକ ରାସନ କାର୍ଡଟିଏ ପାଇଁ ଧାଇଁ ଧାଇଁ ନୟାନ୍ତ ହେଲେ ମଧ୍ୟ ରାସନ କାର୍ଡ ପାଇପାରୁ ନାହାନ୍ତି। ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି ଯେ, ଗରିବ ଓ ଆର୍ଥିକ ଅନଗ୍ରସର ଲୋକମାନଙ୍କ ପାଇଁ ରାସନକାର୍ଡର ବ୍ୟବସ୍ଥା କରିବା ସହିତ ଉକ୍ତ ରାସନ କାର୍ଡ ଦ୍ୱାରା ଆଉ ବହୁତ ସରକାରୀ ଯୋଜନା ଓ ସୁବିଧାର ବ୍ୟବସ୍ଥା କରିଛନ୍ତି ଯାହାକି ଗରିବ ଲୋକମାନଙ୍କର ଆର୍ଥିକ ସ୍ଥିତିର ସୁଧାର ଆସିପାରିବ। ଅବଶ୍ୟ ସରକାରଙ୍କର ଏହି ବ୍ୟବସ୍ଥା ଯଦିଓ ବହୁ ଗରିବ ଲୋକ ସୁଫଳ ପାଉଛନ୍ତି ହେଲେ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବହୁ ଆର୍ଥିକ ସ୍ୱଚ୍ଛଳ ବର୍ଗର ଲୋକ ଯେଉଁମାନଙ୍କର ୪ ଚକିଆ ଯାନ, ଦ୍ୱିତଳ ପ୍ରାସାଦ, ଓ ପରିବାରରେ ସ୍ୱାମୀ, ସ୍ତ୍ରୀ ଉଭୟ ମାସିକ ୪୦/୫୦ହଜାର ଲେଖାଏଁ ପେନସନର ଅଧିକାରୀ ହୋଇଥିବା ବ୍ୟକ୍ତିମାନେ ମଧ୍ୟ ରାସନକାର୍ଡର ଅଧିକାରୀ ହୋଇ ବେନିୟମିକ ଭାବେ ରାସନ ସାମଗ୍ରୀ, କାଳିଆ ଯୋଜନା, ସ୍ୱାସ୍ଥ୍ୟ କାର୍ଡର ଅଧିକାରୀ ହୋଇ ସରକାରୀ ସୁବିଧାର ଫାଇଦା ଉଠାଉଛନ୍ତି। ଅନ୍ୟ ପଟେ ବହୁ ବାସ୍ତବ ହିତାଧିକାରୀ ରାସନ କାର୍ଡରୁ ବଞ୍ଚିତ ହୋଇ ସରକାରୀ ସୁବିଧାରୁ ବଞ୍ଚିତ ହୋଇ ଆର୍ଥିକ ଦୁରାବସ୍ଥା ଯୋଗୁଁ ଦୁରଦିନରେ ଜୀବନ ବିତାଉଛନ୍ତି। ତେଣୁ ନୂତନ ମୁଖ୍ୟମନ୍ତ୍ରୀ ପ୍ରଥମେ ଅଯୋଗ୍ୟ ହିତାଧିକାରୀ ମାନଙ୍କୁ ଚିହ୍ନଟ କରି ରାସନ କାର୍ଡ ଓ ତତ୍‌ସମ୍ବନ୍ଧୀତ ସରକାରୀ ଯୋଜନାରୁ ସେମାନଙ୍କୁ ରଦ୍ଦ କରିବା ସହିତ ରିକଭରୀ ପାଇଁ ପଦକ୍ଷେପ ନେବାକୁ ବିଭିନ୍ନ ମହଲରୁ ଦୃଢ଼ ଦାବି ହୋଇଛି।

# ଶିଶୁ ଶ୍ରମିକ ନିରାକରଣ ପାଇଁ ଜନସଚେତନତା ଉପରେ ଗୁରୁତ୍ୱାରୋପ

**ବଲାଙ୍ଗୀର, ନ୍ୟୁଜ୍‌ବ୍ୟୁରୋ**

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ବଲାଙ୍ଗିର ଜିଲ୍ଲାରେ ଶିଶୁ ଶ୍ରମିକ ନିରାକରଣ ସମ୍ପର୍କିତ ଏକ ସଚେତନତା ବୈଠକ ଅତିରିକ୍ତ ଜିଲ୍ଲାପାଳ ଡ଼. ବିଜୟାନନ୍ଦ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସେଠୀ ଉଦ୍‌ବୋଧନ ଦେଇ ଏକ ସୁସ୍ଥ ସମାଜ ଗଠନ ନିମନ୍ତେ ସଂଗଠିତ ଭାବେ ସବୁ ସ୍ତରରେ ଶିଶୁ ଶ୍ରମିକ ନିରାକରଣ ନିମନ୍ତେ ଉଦ୍ୟମ କରିବାକୁ ପରାମର୍ଶ ଦେବା ସହ ଏଥି ନିମନ୍ତେ ବ୍ୟାପକ ଜନସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ। ସମସ୍ତ ବିଭାଗ ମିଳିମିଶି କାର୍ଯ୍ୟ କଲେ ପରିବର୍ତ୍ତନ ହେଇପାରିବ ବୋଲି ସେ କହିଥିଲେ। ସମନ୍ୱୟ, ପ୍ରତିବଦ୍ଧତା, ସହଯୋଗ ଦ୍ୱାରା ଏହି ପ୍ରଥାକୁ ବନ୍ଦ କରିଦେଇପାରିବା ବୋଲି ସେ ନିଜ ଉକ୍ତିରେ କହିଛନ୍ତି। ବୈଠକରେ ଜିଲ୍ଲା ଶ୍ରମ ଅଧିକାରୀ ସୁକାନ୍ତ ସେଠୀ, ଜିଲ୍ଲା ଶିକ୍ଷା ଅଧିକାରୀ ଧ୍ରୁବ ଚରଣ ବେହେରା, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ କୁମାର ସାହୁ, ଶ୍ରମ ନିରୀକ୍ଷକ, ଶିଶୁ କଲ୍ୟାଣ କମିଟିର ଅଧ୍ୟକ୍ଷ ଲମ୍ବୋଦର ଦୀପ, ସାମାଜିକ କର୍ମୀ ଅରୁଣ ଖୁଆସ, ଶିଶୁ ସୁରକ୍ଷା ୟୁନିଟ୍‌ର ପ୍ରୋଟେକ୍ସନ ଅଫିସର ସୁଧାଂଶୁ ଶେଖର କୁମ୍ଭାର, ଚାଇଲ୍ଡଲାଇନ ସଂଯୋଜକ ବିକ୍ରମ ପଣ୍ଡା, ଶିଶୁ କଲ୍ୟାଣ କମିଟିର ସଦସ୍ୟା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ବିଭିନ୍ନ ଏନଜିଓ ସଦସ୍ୟ, ଅଙ୍ଗନୱାଡ଼ି କର୍ମୀମାନେ ଉପସ୍ଥିତ ଥିଲେ। ବୈଠକରେ ଶ୍ରମ ଆଇନ ୧୯୮୬ ସମ୍ପର୍କରେ ଆଲୋଚନା ହେବାସହ ୧୪ ବର୍ଷ ପୂର୍ଣ୍ଣ କରିନଥିବା ଶିଶୁଙ୍କୁ କୌଣସି ପ୍ରକାରର ବୃତ୍ତି ଏବଂ ପ୍ରକ୍ରିୟାରେ ତଥା ୧୪ ବର୍ଷ ରୁ ୧୮ ବର୍ଷ ବୟସର କିଶୋରମାନଙ୍କୁ ବିପଦ ସଙ୍କୁଳ ବୃତ୍ତି ଏବଂ ପ୍ରକ୍ରିୟାରେ ନିୟୋଜନ କରିବା ଏକ ଧର୍ତ୍ତବ୍ୟ ଅପରାଧ ଅଟେ। ତେଣୁ ଏ ସମ୍ପର୍କରେ ବ୍ୟାପକ ଜନସଚେତନତା କରାଯିବା ଉପରେ ଆଲୋଚନା କରାଯାଇଥିଲା। ଯଦି କୌଣସି ବ୍ୟକ୍ତି ୧୪ ବର୍ଷରୁ କମ୍ ବୟସର ଶିଶୁଙ୍କୁ କାମରେ ନିୟୋଜିତ କରିଛନ୍ତି କିମ୍ବା ୧୪ ବର୍ଷ ରୁ ୧୮ ବର୍ଷ ବୟସ ମଧ୍ୟରେ ଥିବା କିଶୋରମାନଙ୍କୁ ବିପଦସଙ୍କୁଳ ବୃତ୍ତି ଏବଂ ପ୍ରକ୍ରିୟାରେ ନିୟୋଜିତ କରିବାର ନଜରକୁ ଆସେ ତେବେ ତୁରନ୍ତ ଜିଲ୍ଲା ଶ୍ରମ ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ଅବଗତ କରିପାରିବେ। ଏତଦ୍‌ବ୍ୟତୀତ ନିଶୁଳ୍କ ଶ୍ରମିକ ସହାୟତା ହେଲ୍ପ ଲାଇନ ନମ୍ବର ୧୫୫୩୬୮ ଏବଂ ଚାଇଲ୍ଡ ଲାଇନ ନମ୍ବର ୧୦୯୮ କୁ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି। ବୈଠକରେ ଶିଶୁ ଶ୍ରମିକ ଚିହ୍ନଟ କରିବା ସହ ସେମାନଙ୍କ ଥଇଥାନ ଉପରେ ଆଲୋଚନା ହୋଇଥିଲା। ଶିଶୁ ଶ୍ରମିକ ଆଇନର ଉଲ୍ଲଂଘନ କରୁଥିବା ଅନୁଷ୍ଠାନ କିମ୍ବା ବ୍ୟବସାୟିକ ପ୍ରତିଷ୍ଠାନ ଉପରେ ଶ୍ରମ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଜିଲ୍ଲା ଶ୍ରମ ଅଧିକାରୀ ସୁକାନ୍ତ ସେଠୀ ପ୍ରାରମ୍ଭିକ ସୂଚନା ଏବଂ ସଭା ପରିଚାଳନା କରିଥିଲେ।



# କର୍କଟ ପୀଡ଼ିତଙ୍କୁ ଛାତ୍ରୀଙ୍କ କେଶ ଦାନ, ଅଙ୍କିତାଙ୍କୁ ସମ୍ମାନିତକଲେ ମନ୍ତ୍ରୀ

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

କର୍କଟ ପୀଡିତଙ୍କ ଉଦ୍ଦେଶ୍ୟରେ କେଶ ଦାନ କରିଥିବା ଛାତ୍ରୀ ସୁଶ୍ରୀ ଅଙ୍କିତା ସାହୁଙ୍କୁ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ସ୍ଥିତପ୍ରଜ୍ଞ ସମ୍ମାନିତ କରିଛନ୍ତି। ରାଜ୍ୟ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ସ୍ୱତନ୍ତ୍ର ଭାବେ ଭୁବନେଶ୍ୱରସ୍ଥିତ ତାଙ୍କ ସରକାରୀ ବାସଭବନରେ କର୍କଟ ରୋଗୀଙ୍କ ପାଇଁ ନିଜର କେଶକୁ ଦାନ କରିଥିବା ଅସୁରାଳିର ମେଧାବୀ ଛାତ୍ରୀ ସୁଶ୍ରୀ ଅଙ୍କିତା ସାହୁଙ୍କୁ ସମ୍ବର୍ଦ୍ଧିତ କରିବା ସହ ତାଙ୍କୁ ବିଭିନ୍ନ ପାଠପଢା ନିମନ୍ତେ ବିଭିନ୍ନ ସାମଗ୍ରୀ ପ୍ରଦାନ କରିଥିଲେ। ମନ୍ତ୍ରୀ ସୁରଜ ଏହି ଅବସରରେ ତାଙ୍କ ଅଂଚଳର ଅଳ୍ପ ବୟସର ଛାତ୍ରୀ ଅଙ୍କିତାଙ୍କ ପ୍ରଶଂସା କରିବା ସହ ଏଭଳି କାମ ସମସ୍ତଙ୍କ ପାଇଁ ଏକ ଉଦାହରଣ ବୋଲି ମତବ୍ୟକ୍ତ କରି ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଜେପି ଜିଲା ମିଡିଆ ସେଲ୍ ଅଧ୍ୟକ୍ଷ ବୈକୁଣ୍ଠନାଥ ସାହୁ, ପ୍ରାକ୍ତନ ଜିଲା ପରିଷଦ ସଭ୍ୟ ଉମାମଣୀ ସାହୁ, ଅସୁରାଳି ସରପ ମିନତୀ ସାହୁ, ଯୁବ ସମାଜସେବୀ ମାଧବ ଚନ୍ଦ୍ର ମଲ୍ଲିକ, ସୁରଜ ସାହୁ, ତପନ ସାହୁ, ନିରାକାର ସାହୁଙ୍କ ସମେତ ଅଙ୍କିତାଙ୍କ ବାପା ଅକ୍ଷୟ ସାହୁ ଏବଂ ମା' ସରସ୍ୱତୀ ସାହୁ ଉପସ୍ଥିତ ଥିଲେ।

# ନିଶାମୁକ୍ତ ସମାଜ ଗଠନରେ ପ୍ରତ୍ୟେକ ନାଗରିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ବାଲେଶ୍ୱର, ନ୍ୟୁଜ୍**



ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନଠାରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ନିଶା ଅପବ୍ୟବହାର ଓ ଅବୈଧ କାରବାର ନିରୋଧ ଦିବସ-୨୦୨୪ ପାଳିତ ହୋଇଯାଇଛି। ସାମାଜିକ ସୁରକ୍ଷା ଓ ଭିଉକ୍ଷମ ସଶକ୍ତିକରଣ ବିଭାଗ, ଓଡିଶା ସରକାର ଏବଂ ବାଲେଶ୍ୱର ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ କୃଷ୍ଣ ଚନ୍ଦ୍ର ବେହେରା, ଅବକାରୀ ଅଧିକ୍ଷକ ହରିହର ସିଂ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଐଶ୍ୱର୍ଯ୍ୟା ସାମନ୍ତ ଏବଂ ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଉତ୍ସବରେ ସମାଜର ବିଭିନ୍ନ କ୍ଷେତ୍ରର ବହୁସଂଖ୍ୟକ ଲୋକ ଅଂଶଗ୍ରହଣ କରିଥିଲେ। ସଭା ପ୍ରାରମ୍ଭରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ବେହେରା ନିଶା ଅପବ୍ୟବହାର ଓ ଅବୈଧ କାରବାର ଭଳି ଜଟିଳ ସମସ୍ୟାର ମୁକାବିଲା ପାଇଁ ଆବଶ୍ୟକ ଏକୀକୃତ ଆଭିମୁଖ୍ୟ ବିଷୟରେ ବିସ୍ତୃତ ସୂଚନା ଦେଇଥିଲେ। ନିଶାମୁକ୍ତ ସମାଜ ଗଠନରେ ପ୍ରତ୍ୟେକ ନାଗରିକଙ୍କ ବ୍ୟକ୍ତିଗତ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ ଶ୍ରୀ ବେହେରା। ବିଭିନ୍ନ ସରକାରୀ ବିଭାଗ, ଶିକ୍ଷାନୁଷ୍ଠାନ, ଗୋଷ୍ଠୀ ସଙ୍ଗଠନ ମଧ୍ୟରେ ନିରବଚ୍ଛିନ୍ନ ସହଯୋଗ ଦ୍ୱାରା ଏହି ଦିବସର ସଠିକ ଲକ୍ଷ୍ୟ ହାସଲ କରାଯାଇପାରିବ ବୋଲି ମତ ପ୍ରକାଶ କରିଥିଲେ ଅବକାରୀ ଅଧିକ୍ଷକ ହରିହର ସିଂ। ନିଶା ଦ୍ରବ୍ୟଠାରୁ ଦୁରେଇ ରହି ଏକ ସୁସ୍ଥ ଜୀବନ ଯାପନ କରିବା ନିମନ୍ତେ ସଭାରେ ସାମୁହିକ ଶପଥ ପାଠ ଗ୍ରହଣ କରାଯାଇଥିଲା। ପରିଶେଷରେ ବିଭିଉ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ସମ୍ମାନିତ ଅତିଥିମାନେ ପୁରସ୍କୃତ କରିଥିଲେ। ଏଠାରେ ସୂଚନା ଥାଉ କି, ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ନିଶା ଅପବ୍ୟବହାର ଓ ଅବୈଧ କାରବାର ନିରୋଧ ଦିବସ-୨୦୨୪ ପରିପ୍ରେକ୍ଷୀରେ ସକାଳ ଘ. ୭.୩୦ ମି ସମୟରେ କଲେକ୍ଟୋରେଟ ପରିସରରୁ ଏକ ସଚେତନତା ରାଲିର ଆୟୋଜନ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିରଞ୍ଜନ ବେହେରା ଏହି ସଚେତନତା ରଥକୁ ସବୁଜ ପତାକା ଦେଖାଇ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ।

# ଆତଙ୍କୀ ପାଣ୍ଠିଯୋଗାଣ ବନ୍ଦ ପାଇଁ ଭାରତର ପଦକ୍ଷେପକୁ ପ୍ରଶଂସା

**ସିଙ୍ଗାପୁର,**




ଫାଇନାନ୍ସିଆଲ ଆକ୍ସନ ଟାସ୍କ ଫୋର୍ସ (ଏଫଏଟିଏଫ) ଶୁକ୍ରବାର ସିଙ୍ଗାପୁରରେ ଅନୁଷ୍ଠିତ ପୂର୍ଣ୍ଣାଙ୍ଗ ବୈଠକରେ ମନି ଲଣ୍ଡରିଂ ଉପରେ ଭାରତର ପାରସ୍ପରିକ ଆକଳନ ରିପୋର୍ଟକୁ ଗ୍ରହଣ କରିବା ସହ ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ବିରୋଧରେ କାର୍ଯ୍ୟାନୁଷ୍ଠାନକୁ ପ୍ରଶଂସା କରିଛି। ଏହି ଦୁଇ କ୍ଷେତ୍ରରେ ଭାରତ ଭଲ ଫଳାଫଳ ହାସଲ କରୁଛି ବୋଲି ଏହି ଅନ୍ତର୍ଜାତୀୟ ସଙ୍ଗଠନ କହିଛି। ତେବେ ଏଫଏଟିଏଫ ଆହୁରି ମଧ୍ୟ କହିଛି ଯେ ମନି ଲଣ୍ଡରିଂ ଏବଂ ଆତଙ୍କବାଦକୁ ପାଣ୍ଠି ଯୋଗାଣ ମାମଲାର ଶୁଣାଣି ଶେଷ କରିବାରେ ହେଉଥିବା ବିଳମ୍ବକୁ ଭାରତ ଦୂର କରିବାର ଆବଶ୍ୟକତା ରହିଛି । ଗୁଣବତ୍ତା ଏବଂ ସ୍ଥାୟୀତା ସମୀକ୍ଷା ଶେଷ ହେବା ପରେ ଦେଶର ଚୂଡ଼ାନ୍ତ ମୂଲ୍ୟାୟନ ରିପୋର୍ଟ ପ୍ରକାଶ ପାଇବ। ଭାରତର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି ଯେ, ଜେଏଏମ୍ (ଜନଧନ, ଆଧାର, ମୋବାଇଲ୍) ନୀତି ଲାଗୁ ହେବା ସହ ନଗଦ କାରବାର ଉପରେ କଠୋର ନିୟମ ଲାଗୁ ହେବା ଫଳରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଏବଂ ଡିଜିଟାଲ କାରବାରରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି। ଏହି ପଦକ୍ଷେପଗୁଡିକ ଦ୍ୱାରା ବେଆଇନ ଆର୍ଥିକ କାରବାରକୁ ଟ୍ରାକ କରିବା ସହଜ ହୋଇଯାଇଛି ଏବଂ ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ବୃଦ୍ଧି କରିଛି ।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୩୦ ଜୁନ୍ ୨୦୨୪ ରବିବାର





# ହୁତୁ ହୁତୁ ହୋଇ ଜଳିଗଲା ମୋ ବସ୍



**କଟକ, ନ୍ୟୁଜ୍ ବ୍ୟୁରୋ**

ଚଳନ୍ତା ମୋ ବସ୍‌ରେ ଲାଗିଲା ନିଆଁ । ଦେଖୁ ଦେଖୁ ରାସ୍ତା ଉପରେ ହୁତୁ ହୁତୁ ହୋଇ ଜଳିଗଲା ବସ୍ । ଶୁକ୍ରବାର କଟକର ସିଡିଏ ସେକ୍ଟର-୯ ଅଞ୍ଚଳରେ ଏକ ମୋ ବସ୍‌ରେ ଅଗ୍ନିକାଣ୍ଡ ଘଟିଛି । ଏହି ସମୟରେ ବସ୍‌ରେ ୫ ଜଣ ଯାତ୍ରୀ ରହିଥିଲେ । ତେବେ ଅଗ୍ନିକାଣ୍ଡରେ କାହାର କୌଣସି କ୍ଷତି ହୋଇନି । ସମସ୍ତଙ୍କୁ ସୁରକ୍ଷିତ ଭାବରେ ବାହାର କରାଯାଇଥିଲା । ଖବରପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ହେଲେ କେଉଁ କାରଣରୁ ଏହି ଅଗ୍ନିକାଣ୍ଡ ଘଟିଲା ସେନେଇ କିଛି ସ୍ପଷ୍ଟ ସୂଚନା ମିଳିପାରିନାହିଁ । ଏହି ବସ୍‌ର ନଂ ହେଉଛି ଠ୫ ୭୦୪୧ । ଏହା ପୁରୀରୁ କଟକ ଆସୁଥିବାବେଳେ ସିଡିଏ ସେକ୍ଟର-୯ ଅଞ୍ଚଳରେ ନିଆଁ ଲାଗିଯାଇଥିଲା । ଏଥିରେ କାହାର କିଛି କ୍ଷତି ହୋଇନଥିଲେ ହେଁ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଥିଲା ।

# ମରଣଯନ୍ତା ପାଲଟିଛି କେନ୍ଦୁପାଣି-ମହାଦେଇ ଯୋଡ଼ା ରାସ୍ତା

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**



କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ କେନ୍ଦୁପୋଶି-ମହାଦେଇଯୋଡା ରାସ୍ତା ମରଣଯନ୍ତା ପାଲଟିଛି । ରାସ୍ତାର ବିଭିନ୍ନ ସ୍ଥାନରେ ଖାଲଖମା ସୃଷ୍ଟି ହେବା ସହିତ ମେଣ୍ଟାଲ ଉଠିଯାଇ ମୁନିଆଁ ମୁନିଆଁ ହୋଇ ଉପରକୁ ଉଠି ରହିଛି । ସାମାନ୍ୟ ବର୍ଷା ହେଲେ ଖାଲଖମାରେ ପାଣି ଜମି ପୋଖରୀର ଭ୍ରମ ସୃଷ୍ଟି କରୁଛି । ଫଳରେ ଏହି ରାସ୍ତାରେ ସାଧାରଣ ଗମନା ଗମନ କ୍ଷେତ୍ରରେ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସ୍କୁଲ କଲେଜ ଛାତ୍ରଛାତ୍ରୀଙ୍କ ସମେତ ସାଧାରଣ ଲୋକେ ନିକଟସ୍ଥ ପଦ୍ମପୁର ବଜାର ଓ ଅନ୍ୟ ଅଞ୍ଚଳକୁ ବାଇକ୍ କିମ୍ବା ସାଇକେଲ ଧରି ଗଲାବେଳେ ଅନେକ ସମୟରେ ଦୁର୍ଘଟଣାର ଶିକାର ହେଉଛନ୍ତି । ଅନ୍ୟପଟେ ଆମ୍ବୁଲାନ୍ସ ଯୋଗେ ରୋଗୀ ନେବା ଆଣିବାକୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ବାରମ୍ବାର ଲୋକଙ୍କ ପକ୍ଷରୁ ଅଭିଯୋଗ ପରେ କିଛିମାସ ତଳେ ନରସିଂହପୁର ଏବଂ କେନ୍ଦୁପୋଶି ଗ୍ରାମରେ ଅଳ୍ପ ସ୍ଥାନରେ ତରବରିଆ ଭାବେ ନିମ୍ନମାନର ପିଚୁ ଯୋଗେ ମରାମତି କାର୍ଯ୍ୟ ହୋଇଛି । ମାତ୍ର ମହାଦେଇଯୋଡା-କେନ୍ଦୁପୋଶି ଓ ନରସିଂହପୁର ଗ୍ରାମରେ ଏବେ ଏହି ପିଚୁ ସବୁ ଉଠି ରାସ୍ତା ଦବି ବିପଦ ସଙ୍କୁଳ ଆବସ୍ଥା ସୃଷ୍ଟି ହୋଇଛି । ରାସ୍ତା ସମ୍ପୂର୍ଣ୍ଣ ପିଚୁ ମରାମତି ନହେବାରୁ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ତୁରନ୍ତ ରାସ୍ତା ମରାମତି କରାଯିବାକୁ କେନ୍ଦୁପୋଶି ଗ୍ରାମର ଲୋକମାନେ ଦାବି କରିଛନ୍ତି ।

## ଯୌତୁକ ନିର୍ଯାତନା ମାମଲାରେ ଅଭିଯୁକ୍ତ ସ୍ୱାମୀଙ୍କୁ ଦେଢ଼ ବର୍ଷ ଜେଲ୍‌ଦଣ୍ଡାଦେଶ

**ଚମ୍ପୁଆ, ନ୍ୟୁଜ୍ ବ୍ୟୁରୋ**

ଚମ୍ପୁଆ ଏସଡିଜେଏମ୍ କୋର୍ଟ ଏକ ଯୌତୁକ ନିର୍ଯାତନା ମାମଲାକୁ ବିଚାର କରି ଅଭିଯୁକ୍ତ ସ୍ୱାମୀକୁ ଦେଢ଼ ବର୍ଷ ଜେଲ୍ ଦଣ୍ଡାଦେଶ ଦେଇଥିବା ଜଣାପଡିଛି । ଚମ୍ପୁଆ ଥାନା ଅନ୍ତର୍ଗତ ହିରାପୁର ଗ୍ରାମର ଜ୍ଞାନରଞ୍ଜନ ମହାନ୍ତ ବିରୋଧରେ ଯୌତୁକ ନିର୍ଯାତନା ଅଭିଯୋଗ ଆଣିଥିଲେ ସ୍ତ୍ରୀ ଲତିକା ନାୟକ । ଗତ ୮/୫/୨୦୦୮ ରେ ଲତିକା ଜ୍ଞାନଙ୍କୁ ବିବାହ କରିଥିଲେ । ତେବେ ଇତି ମଧ୍ୟରେ ଲତିକାଙ୍କ ଦୁଇଟି କନ୍ୟା ସନ୍ତାନ ଜନ୍ମ ହୋଇଥିବାରୁ ଜ୍ଞାନ ଲତିକାଙ୍କୁ ଅଧିକ ଯୌତୁକ ଦାବି କରି ନିର୍ଯାତନା ଦେଉଥିଲେ । ଏ ନେଇ ଲତିକା ଗତ ୧୯/୬/୨୦୧୫ ରିଖ ଚମ୍ପୁଆ ଥାନାରେ ଅଭିଯୋଗ କରିବା ପରେ ପୋଲିସ୍ ଜ୍ଞାନ ବିରୋଧରେ ଏକ ମାମଲା ରୁଜୁ କରିଥିଲେ । ଏହି ମାମଲାର ବିଚାର କରି ଏସଡିଜେଏମ ୮ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଅଭିଯୁକ୍ତ ସ୍ୱାମୀକୁ ଦେଢ଼ ବର୍ଷ ଜେଲ୍ ଦଣ୍ଡା ଦେଶରେ ଦଣ୍ଡିତ କରିଥିବା ସରକାରୀ ଓକିଲ କିଶୋର କିଶାନଙ୍କ ଠାରୁ ଜଣାପଡିଛି ।

## ୯୦୩.୪୧ କୋଟିର ସବୁଜଶକ୍ତି ପ୍ରକଳ୍ପକୁ ସରକାରଙ୍କ ମଞ୍ଜୁରୀ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ସରକାରଙ୍କ ଶକ୍ତି ବିଭାଗର ସିଙ୍ଗଲ ୱିଣ୍ଡୋ କ୍ଲିଅରାନ୍ସ କମିଟି ଗୁରୁବାର ୯୦୩.୪୧ କୋଟି ଟଙ୍କାର ସବୁଜ ଶକ୍ତି ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ସେଥିରୁ ୧୦୨.୨୨ ମେଗାୱାଟ୍ ସବୁଜ ଶକ୍ତି ଉତ୍ପାଦନ ହୋଇପାରିବ । ଶକ୍ତି ବିଭାଗର ପ୍ରମୁଖ ସଚିବ ବିଶାଲ କୁମାର ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଦୁଇଟି ପ୍ରକଳ୍ପ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି । ସୂଚନା ଅନୁସାରେ ଏଚ୍‌ପିସିଏଲ୍ ରିନ୍ୟୁଏବଲ୍ ଏନର୍ଜୀ ଆଣ୍ଡ ଗ୍ରୀନ୍ ଏନର୍ଜୀ ଲିମିଟେଡ୍ ପବନ ଶକ୍ତି ପ୍ରକଳ୍ପ କାର୍ଯ୍ୟକାରୀ କରିବା ଲାଗି ଅନୁମତି ଦିଆଯାଇଛି । କମ୍ପାନୀ ୪୪୦.୫୮ କୋଟି ଟଙ୍କା ବିନିଯୋଗ କରି ୪୮ ମେଗାୱାଟ୍ କ୍ଷମତାର ପବନ ଶକ୍ତି ଉତ୍ପାଦନ କରିବ । ନବରଙ୍ଗପୁରର ଉମରକୋଟ ଠାରେ ପବନ ଶକ୍ତି ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା କରିବ । ସେହିପରି ପୁରୀ ଜିଲ୍ଲାର ଅସ୍ତରଙ୍ଗ ଠାରେ ଓଏନ୍‌ଜିସି ତ୍ରିପୁରା ପାୱାର କମ୍ପାନୀ ଲିମିଟେଡ୍ ୪୪୦.୭ କୋଟି ଟଙ୍କା ବିନିଯୋଗ କରି ୪୯.୫ ମେଗାୱାଟ୍ କ୍ଷମତାର ପବନ ଶକ୍ତି ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା କରିବ । ଉପରୋକ୍ତ ୨ଟି ପ୍ରକଳ୍ପ ପାଇଁ ମୋଟ ୮୮୧.୨୮ କୋଟି ଟଙ୍କା ଖର୍ଚ୍ଚ ହେବ । ଅପରପକ୍ଷେ ବିଶାଖା ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ସୌର ଶକ୍ତି କ୍ଷେତ୍ରରେ ସମ୍ବଲପୁରର ମାନେଶ୍ୱର ଠାରେ ୦.୭୨ ମେଗାୱାଟ୍ କ୍ଷମତା ସମ୍ପନ୍ନ ସୌର ପ୍ରକଳ୍ପ, ଓଡ଼ିଶା ଟେଲିଭିଜନ୍ ଲିମିଟେଡ୍ ପକ୍ଷରୁ ଖୋର୍ଦ୍ଧା ଜିଲ୍ଲା ସାରୁଅ ଠାରେ ୧ ମେଗାୱାଟ୍ କ୍ଷମତାର ସୌର ପ୍ରକଳ୍ପ ସ୍ଥାପନ ପାଇଁ ମଞ୍ଜୁରୀପ୍ରାପ୍ତ ହୋଇଛି । ଆଇଟିସି ଲିମିଟେଡ୍ ଖୋର୍ଦ୍ଧାର ଜଟଣୀ ଠାରେ ୦.୮ ମେଗାୱାଟ୍ କ୍ଷମତାର ସୌର ପ୍ରକଳ୍ପ, ଆମ୍ପ୍ ଏନର୍ଜୀ ପକ୍ଷରୁ ସୁନ୍ଦରଗଡ଼ର କାଂଶବାହାଲ ଠାରେ ୨.୨ ମେଗାୱାଟ୍ ସୌର ପ୍ରକଳ୍ପ ସ୍ଥାପନ ପାଇଁ ସରକାରଙ୍କ ଠାରୁ ଅନୁମତି ପାଇଛନ୍ତି । ଏସବୁ ସୌର ପ୍ରକଳ୍ପ ପାଇଁ ୨୨୧.୧୩ କୋଟି ଟଙ୍କା ବିନିଯୋଗ ହେବ । ସୂଚନାଯୋଗ୍ୟ ଯେ ପୂର୍ବ ସରକାର ମଧ୍ୟ ଅନେକ ଗୁରୁତ୍ୱପୂର୍ଣ୍ଣ ଅକ୍ଷୟ ଏବଂ ସବୁଜ ଶକ୍ତି ପ୍ରକଳ୍ପ ପ୍ରତିଷ୍ଠା ନିମନ୍ତେ ଆସିଥିବା ପ୍ରସ୍ତାବଗୁଡ଼ିକୁ ସବୁଜ ସଙ୍କେତ ଦେଇଥିଲେ । ଆଜିସୁଦ୍ଧା ୪୯୯.୪୮ ମେଗାୱାଟ୍ ଅକ୍ଷୟଶକ୍ତି ଉତ୍ପାଦନ ପାଇଁ ମୋଟ୍ ୩୭୨୩.୫୭ କୋଟି ଟଙ୍କା ବିନିଯୋଗ ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରାଯାଇଛି ।

## ମର୍ଣ୍ଣିଂ ୱାକ୍‌ରେ ଯାଉଥିଲେ ମହିଳା:ମାରଣାସ୍ତ୍ର ଦେଖାଇ ସୁନା ଚେନ୍ ଲୁଟିନେଲେ

**କଟକ, ନ୍ୟୁଜ୍ ବ୍ୟୁରୋ**

ଧାରୁଆ ଅସ୍ତ୍ର ଦେଖାଇ ମହିଳାଙ୍କ ଠାରୁ ଲୁଟିନେଲେ ସୁନା ଚେନ୍ କଟକ ସଦର ଅଞ୍ଚଳ ବାଲିକୁଦା ଜଗନ୍ନାଥ କଲୋନୀରେ ଜଣେ ମହିଳା ମର୍ଣ୍ଣିଂ ୱାକ୍‌ରେ ଯାଉଥିବାବେଳେ ଲୁଟ୍‌ର ଶିକାର ହୋଇଛନ୍ତି । ଘଟଣାର ପୁରା ଚିତ୍ର ସିସିଟିଭିରେ କଏଦ ହୋଇଛି । ଭିଜୁଆଲରେ ଲୁଟେରାମାନେ ସ୍ପଷ୍ଟ ଜଣାପଡୁଥିଲେ ମଧ୍ୟ ମାସ୍କ ଓ ହେଲ୍‌ମେଟ୍ ପିନ୍ଧିଥିବାରୁ ଚିହ୍ନି ହେଉନି । ଏମିତିକି ଗାଡିର ନମ୍ବର ପ୍ଲେଟ୍‌ରେ କିଛି ଅଂଶ କାଦୁଅ ବୋଳା ଯାଇଥିବାରୁ ନମ୍ବର ପ୍ଲେଟ୍ ଜଣାପଡୁନି । ସଦର ଥାନାରେ ମହିଳା ଅଭିଯୋଗ କରିବା ପରେ ଲୁଟେରାଙ୍କୁ ଧରିବାକୁ ଛାନ୍‌ଭିନ୍ ଚଳାଇଛି ପୋଲିସ ।

## ଦୁଇ ବ୍ରାଉନ୍‌ସୁଗର୍ ବେପାରୀ ଗିରଫ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବାଲେଶ୍ୱରରୁ ବ୍ରାଉନ୍‌ସୁଗର୍ ଆଣି ରାଜଧାନୀରେ ବିକ୍ରି କରୁଥିବା ୨ଜଣ ନିଶାଦ୍ରବ୍ୟ ବେପାରୀଙ୍କୁ ଗିରଫ କରିଛି ସ୍ପେଶାଲ କ୍ରାଇମ୍ ୟୁନିଟ୍ । ସେମାନଙ୍କ ନିକଟରୁ ୧୫୦ ଗ୍ରାମ୍‌ର ବ୍ରାଉନ୍‌ସୁଗର ଏବଂ ବାଇକ୍‌କୁ ଜବତ କରାଯାଇଛି । ଏନେଇ ସ୍ପେଶାଲ୍ କ୍ରାଇମ୍ ୟୁନିଟ୍ ଏକ ଏନ୍‌ଡିପିଏସ୍ ମାମଲା କରି ୨ ବେପାରୀଙ୍କୁ ଜେଲ୍ ପଠାଇଛି । ଗିରଫ ଅଭିଯୁକ୍ତ ହେଲେ ବାଲେଶ୍ୱର ଜିଲ୍ଲା ସହଦେବଖୁଣ୍ଟା ଥାନା ଅଧୀନ ଅରଡ଼ା ବଜାରର ସେକ୍ ଆଲମ୍ ଓ ରାମ୍ ସୋରେନ୍ । ଅଭିଯୁକ୍ତ ଦ୍ୱୟ କିଛିଦିନ ହେବ ରାଜଧାନୀକୁ ଧଳା ଜହର ଚାଲାଣ କରୁଥିବା ସ୍ପେଶାଲ କ୍ରାଇମ୍ ୟୁନିଟ୍ ଜାଣିବାକୁ ପାଇଥିଲେ । ଏହି ସୂଚନାକୁ ଆଧାର କରି ଅଭିଯୁକ୍ତଙ୍କୁ ଧରିବା ଲାଗି ପୋଲିସ ଜାଲ ବିଛାଇଥିଲା । ସେମାନେ ବାଲେଶ୍ୱରରୁ ମଟରସାଇକଲ ଯୋଗେ ଧଳାଜହର ଆଣି ଭୁବନେଶ୍ୱରରେ ବିକ୍ରି କରୁଥିଲେ । ଗୁରୁବାର ଅଭିଯୁକ୍ତ ଦ୍ୱୟ ଜଣେ ମହିଳାଙ୍କୁ ଧଳାଜହର ଦେବାକୁ ଆସିଥିବା ବେଳେ ପୋଖରିପୁଟ ଓଭରବ୍ରିଜ୍ ନିକଟରେ ଜଗି ରହିଥିବା ସ୍ପେଶାଲ କ୍ରାଇମ୍ ୟୁନିଟ୍ ସେମାନଙ୍କୁ କାବୁ କରିଥିଲା । ଯାଞ୍ଚ କରିବା ପରେ ସେମାନଙ୍କ ନିକଟରୁ ଧଳାଜହର ମିଳିଥିଲା । ପରେ ସେମାନଙ୍କୁ ହେପାଜତ୍‌କୁ ନେଇ ଜେରା କରିଥିଲା । ସେମାନଙ୍କ ସହିତ ଆଉ କେଉଁମାନଙ୍କର ସମ୍ପୃକ୍ତି ଅଛି ସେନେଇ ପୋଲିସ ଖୋଳତାଡ଼ କରିଥିଲା । ସେମାନଙ୍କ ବୟାନକୁ ଆଧାର କରି ପୋଲିସ ମାମଲାର ତଦନ୍ତ ଜାରି ରଖିଛି ।

## ବିଶ୍ୱକପ୍ ମ୍ୟାଚ୍‌ରେ ବେଟିଂ:୨ ଗିରଫ

**ଦିଗପହଣ୍ଡି, ନ୍ୟୁଜ୍ ବ୍ୟୁରୋ**

ଚଳିତ ଟି-୨୦ ବିଶ୍ୱକପ୍ କ୍ରିକେଟ୍ ମ୍ୟାଚ୍‌ରେ ଅନ୍‌ଲାଇନ୍ ବେଟିଂ କରିବା ଅଭିଯୋଗରେ ଦିଗପହଣ୍ଡି ପୋଲିସ ୨ ଜଣଙ୍କୁ ଗିରଫ କରିଛି । ସେମାନଙ୍କ ଠାରୁ ୩୨ ହଜାର ଟଙ୍କା ଓ ୩ଟି ମୋବାଇଲ୍ ଫୋନ୍ ଜବତ କରାଯାଇଛି । ଗିରଫ ଦ୍ୱୟ ହେଲେ ଦିଗପହଣ୍ଡି ରାଣୀସାହିର କୃଷ୍ଣ ସେଠୀ ଏବଂ ଦିଗପହଣ୍ଡି ଥାନା ନରେନ୍ଦ୍ରପୁର ଗ୍ରାମର ଶିବ ଓରଫ କେ.ସବିନୟ ରେଡ୍ଡି । ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି । ତେବେ ଅନ୍ୟ ଜଣେ ଯୁବକ କୌଶଳକ୍ରମେ ଘଟଣାସ୍ଥଳରୁ ଫେରାର ହେବାରେ ସକ୍ଷମ ହୋଇଥିବା ପୋଲିସ କହିଛି । ଗୁରୁବାର ଦିଗପହଣ୍ଡି ଜନତା ଲେନ୍‌ରେ ଚାଲିଥିବା ଏହି ଆଡ୍ଡାରେ ଆଇଆଇସି ବାବାଶଙ୍କର ସରାଫଙ୍କ ନେତୃତ୍ୱରେ ପୋଲିସ ଚଢ଼ଉ କରିଥିଲା ।

## ମହିଳାଙ୍କୁ ମାଡ଼ ମାରିବା ଘଟଣାରେ ଏଏସଆଇ ଓ କନେଷ୍ଟବଳ ନିଲମ୍ବିତ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଏହି ଜିଲ୍ଲାର ଚାନ୍ଦବାଲି ଥାନା ସମ୍ମୁଖରେ ଦଳିତ ମହିଳାଙ୍କୁ ଘୋଷାରି ଘୋଷାରି ମାଡ଼ ମାରିବା ଘଟଣାରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଏଏସ୍‌ଆଇ ନେପାଳ ସାହା ଓ କନେଷ୍ଟବଳ ରବିନ୍ଦ୍ର ସେଠୀଙ୍କୁ ନିଲମ୍ବିତ କରିଛନ୍ତି । ଏଠାରେ ସୂଚନାଯୋଗ୍ୟ ଚାନ୍ଦବାଲି ଏନଏସି ଅଞ୍ଚଳର ମିତା ସେଠୀ ପୋଲିସ୍ ଦ୍ୱାରା ଅଟକ ଥିବା ସ୍ୱାମୀକୁ ଦେଖା କରିବା ପାଇଁ ନିଜର ଦୁଇଟି ଛୋଟ ଛୁଆଙ୍କୁ ଧରି ନାବାଳିକା ନଣନ୍ଦ ସହ ଚାନ୍ଦବାଲି ଥାନାକୁ ଯାଇଥିଲେ । ସେଠାରେ ପଡିଥିବା ଏକ ଚପଲ ଖୋଳକୁ ଫିଙ୍ଗିବା ନେଇ ପୁଲିସ୍ କନେଷ୍ଟବଳ ରବିନ୍ଦ୍ର ସେଠୀଙ୍କ ସହ ମିତାଙ୍କର ଯୁକ୍ତିତର୍କ ହୋଇଥିଲା । ଏହାଦ୍ୱାରା ୩ ଜଣ ପୁଲିସ୍ କର୍ମଚାରୀ ଅତ୍ୟନ୍ତ ଅମାନୁଷିକ ଭାବେ ମିତାଙ୍କୁ ଘୋଷାରି ଘୋଷାରି ଅର୍ଦ୍ଧ ଉଲଗ୍ନ କରି ମାଡ ମାରିଥିଲେ । ଏହି ଘଟଣାର ଭିଡିଓ ବିଭିନ୍ନ ଗଣମାଧ୍ୟମରେ ପ୍ରସାରିତ ହୋଇଥିଲା । ମିତା ସେଠୀ ମଧ୍ୟ ୩ ଜଣ ସଂପୃକ୍ତ ପୁଲିସ୍ କର୍ମଚାରୀ ଏଏସଆଇ ନେପାଳ ଶାହା, କନେଷ୍ଟବଳ ରବିନ୍ଦ୍ର ସେଠୀ ଏବଂ ଜଣେ ହୋମଗାର୍ଡ ଈଶ୍ୱର ମହାପାତ୍ରଙ୍କ ନାମରେ ଚାନ୍ଦବାଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପାଇବା ପରେ ଚାନ୍ଦବାଲି ଥାନାଧିକାରୀ ମାମଲା ରୁଜୁ କରିବା ସହ ୩ ଜଣଙ୍କୁ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟକୁ ବଦଳି କରିଥିଲେ । ପରେ ଏଏସଆଇ ଶାହା ଓ ସେଠୀଙ୍କୁ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ନିଲମ୍ବିତ କରିଛନ୍ତି । ଏଭଳି ଉଚିତ୍ କାର୍ଯ୍ୟାନୁଷ୍ଠାନକୁ ନେଇ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ, ଚାନ୍ଦବାଲି ଏସ୍‌ଡିପିଓ ଓ ଥାନା ଅଧିକାରୀଙ୍କୁ ବୁଦ୍ଧିଜୀବୀମାନେ ସାଧୁବାଦ ଜଣାଇଛନ୍ତି ।

# ଏସ୍କେପ୍ ମୁହାଁଣ ମେଲା:ବନ୍ୟାରେ ଭାସିବ ଧାମନଗର

**ଧାମନଗର, ନ୍ୟୁଜ୍ ବ୍ୟୁରୋ**



ଜୁନ୍ ସରିବାକୁ ବସିଲାଣି ମୌସୁମୀ ବର୍ଷା ବି ଜୋର୍ ଧରିଲାଣି । ହେଲେ ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ କଥା ପାଳନ ହେବା ଭଳି ଦେଖାଯାଉନାହିଁ । ଗୋଟିଏ ପଟେ ମୌସୁମୀ ବାୟୁ ସକ୍ରିୟ ରହିଛି । ଆରପଟେ ବଙ୍ଗୋପ ସାଗରରେ ଲଘୁଚାପ ହୋଇଛି । ଏହାର ପ୍ରଭାବରେ ରାଜ୍ୟରେ ବର୍ଷା ଜୋର୍ ଧରିଛି । କେନ୍ଦୁଝର ଓ ଯାଜପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ବର୍ଷା ଯୋଗୁଁ ବୈତରଣୀରେ ବନ୍ୟା ଆସିବା ସମ୍ଭାବନା ରହିଛି । ବର୍ଷା ପରେ ବନ୍ୟା ଆସିଲେ ଧାମନଗରବାସୀଙ୍କର ଅବସ୍ଥା ଯେ କଣ ହେବ, ସେନେଇ ଆକଳନ କରିବା ମୁସ୍କିଲ୍ ହୋଇପଡ଼ିଛି । ଆନନ୍ଦପୁର ପଞ୍ଚାୟତର ଉଡେଇପୁର ଠାରେ ଥିବା ମଲ୍ଲିମାହାରା ଏସକେପ ଓ ସୋହଡ଼ା ପଞ୍ଚାୟତର ଗୌରାଙ୍ଗପୁର ଏସକେପ ଏବେ ମୁକୁଳା ପଡ଼ିଛି । ଦୁଇଟି ଏସକେପ ଉପର ଦେଇ ସବୁ ଦିନିଆ ଯାତାୟାତ ସୁବିଧା କରିବା ଲାଗି ଫୁଟ ଓଭରବ୍ରିଜ କରାଯାଉଛି । ବ୍ରିଜ ନିର୍ମାଣ ଲାଗି ଏସକେପ ଉପରେ ବିଛାଯାଇଥିବା ପଥର ଖୋଳି ବାହାର କରିଦିଆଯାଇଛି । ତାସହ ଉପର ମୁଣ୍ଡ ଓ ତଳ ମୁଣ୍ଡରେ ଥିବା ସୁରକ୍ଷା ପ୍ରାଚୀରକୁ ମଧ୍ୟ ଭାଙ୍ଗି ଦିଆଯାଇଛି । ଏବେ ଦୁଇଟି ଯାକ ଏସକେପ ସମ୍ପୂର୍ଣ୍ଣ ମୁକୁଳା ହୋଇରହିଛି । ମଲ୍ଲିମାହାରା ଏସକେପରେ ପୋଲ ପାଇଁ ବେସମେଣ୍ଟ ତିଆରି ସରିଛି ହେଲେ ଗୌରାଙ୍ଗପୁରରେ କିଛି ବି କାମ ଆରମ୍ଭ ହୋଇନାହିଁ । ବୈତରଣୀ ନଦୀରେ ବନ୍ୟା ଆସିବା କ୍ଷଣି ଆଖୁଆପଦାରେ ବିପଦ ସଂକେତ ସ୍ତର ତଳେ ଥିଲେ ବି ଏ ଦୁଇ ଏସକେପ ବାଟେ ପାଣି ନିଷ୍କାସନ ହେବ । ବଡ଼ ବନ୍ୟାରେ ମଲ୍ଲିମାହାରାରେ ପ୍ରତି ସେକେଣ୍ଡକୁ ୫ ହଜାର ଘନଫୁଟ ପାଣି ପ୍ରବାହିତ ହୋଇଥାଏ ଆଉ ଗୌରାଙ୍ଗପୁରରେ ପ୍ରତି ସେକେଣ୍ଡରେ ୪ ହଜାର ୩୦୦ ଘନଫୁଟ ପାଣି ନିଷ୍କାସନ ହୁଏ । ଏଣୁ ଏସକେପ ଖୋଲା ଥିବାରୁ ବୈତରଣୀର ସବୁ ପାଣି ଜନବସତି ଭିତରେ ପଶିବ ଓ ବହୁ ମାତ୍ରାରେ କ୍ଷୟକ୍ଷତି କରିବ ବୋଲି ଲୋକମାନେ ଆଶଙ୍କା କରିଛନ୍ତି । ଏବେ ବର୍ଷା ହେଉଥିବାରୁ କମ୍ ଦିନ ମଧ୍ୟରେ ବନ୍ୟା ଆଶଙ୍କା ରହିଛି । ସେପଟେ ଏ ମୁକୁଳା ଏସକେପ ଦେଖିଲେ ଲୋକଙ୍କ ଛାତି ଫାଟି ପଡୁଛି । ଏନେଇ ଧାମନଗର ଜଳ ସମ୍ପଦ ବିଭାଗ କାର୍ଯ୍ୟାଳୟର ଏସଡିଓ ବିଜୟ ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ବନ୍ୟା ମୁକାବିଲା ଲାଗି ବିକଳ୍ପ ବ୍ୟବସ୍ଥା କରାଯିବ । ସେପଟେ ଏ ସମ୍ପର୍କରେ ଭଦ୍ରକ ଜିଲ୍ଲାପାଳ କହିଛନ୍ତି ଯେ, ଏସକେପ ସ୍ଥଳରେ ପୋଲ ନିର୍ମାଣ ଚାଲିଛି । ଯଥାଶୀଘ୍ର ବନ୍ୟା ସ୍ତର ଯାଏ ନିର୍ମାଣ କାମ ସାରିବାକୁ ସଂପୃକ୍ତ ଠିକାଦାରଙ୍କୁ କୁହାଯାଇଛି ବୋଲି ସେ କହିଛନ୍ତି । ହେଲେ ଘଟଣାସ୍ଥଳରେ ଏନେଇ କୌଣସି କାମ ହେଉନଥିବା ଦେଖିବାକୁ ମିଳିଛି । ତେବେ ଗତ ଦୁଇଦିନ ହେଲା ମଲ୍ଲିମାହାରା ଏସକେପର ଉପରମୁଣ୍ଡରେ ଗୋଟିଏ ଛୋଟିଆ ଘେରିବନ୍ଧ ଭଳି କରାଯାଉଥିବା ଦେଖିବାକୁ ମିଳିଛି ।

# ଡିପ୍‌ଥେରିଆରେ ଆଉ ୨ଜଣ ଶିଶୁଙ୍କ ମୃତ୍ୟୁ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ଛୋଟ ପିଲାଙ୍କ ଉପରେ ସ୍ୱାସ୍ଥ୍ୟ ସଂକଟ ବଢ଼ିବାରେ ଲାଗିଛି । ରୋଗ ସଂକ୍ରମଣ ନିୟନ୍ତ୍ରଣ ଅଛି ବୋଲି ସ୍ୱାସ୍ଥ୍ୟ ବିଭାଗ ଦାବି କରୁଥିବା ବେଳେ ଭୟ କିନ୍ତୁ ଦୂର ହେଉନାହିଁ । ପରିସ୍ଥିତିକୁ ଦେଖି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଟିମ୍ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବିଶେଷଜ୍ଞ ରାୟଗଡ଼ାରେ ପହଞ୍ଚିଛନ୍ତି । ସେମାନେ କାଶିପୁର ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିବେ । ପରେ ଅନ୍ୟ ପ୍ରଭାବିତ ଜିଲ୍ଲା ଗସ୍ତ କରିବା କାର୍ଯ୍ୟକ୍ରମ ରହିଛି । ସୂଚନା ଅନୁସାରେ ଆଉ ୨ ଶିଶୁ ପ୍ରାଣ ହରାଇଛନ୍ତି । କୋରାପୁଟ ଜିଲ୍ଲା ନାରାୟଣପାଟଣାରେ ଜଣେ ଏବଂ ବ୍ରହ୍ମପୁର ଏମ୍‌କେସିଜି ମେଡ଼ିକାଲ କଲେଜରେ ଆଉ ଜଣେ ପ୍ରାଣ ହରାଇଛି । ଡିପ୍‌ଥେରିଆ ସଂକ୍ରମଣ ପାଇଁ ସେମାନଙ୍କ ମୃତ୍ୟୁ ହୋଇଥିବା କୁହାଯାଉଥିବା ବେଳେ ଏନେଇ ସ୍ୱାସ୍ଥ୍ୟ ବିଭାଗ କିଛି ସ୍ପଷ୍ଟ କରିନାହିଁ । ମୃତ ଶିଶୁଙ୍କ ପରିବାର ଲୋକେ କହିଛନ୍ତି ଯେ ତାଙ୍କ ପିଲାଙ୍କୁ ପ୍ରଥମେ ଜ୍ୱର ହୋଇଥିଲା ଏବଂ ପରେ ତଣ୍ଟି ଫୁଲିବା ଆରମ୍ଭ କରିଥିଲା । ତା'ପରେ ପିଲାଟି ଗୁରୁତର ହୋଇପଡ଼ିଥିଲା । ସେପଟେ କଳାହାଣ୍ଡିରେ ବି ଡିପ୍‌ଥେରିଆ ସଂକ୍ରମଣ ଆରମ୍ଭ ହୋଇଥିବା ଅଭିଯୋଗ ଆସିଛି । ରାୟଗଡ଼ାରେ ଡିପ୍‌ଥେରିଆକୁ ନେଇ ଏବେବି ଆତଙ୍କ ଲାଗି ରହିଛି । କାଶିପୁରକୁ କଣ୍ଟେନମେଣ୍ଟ ଘୋଷଣା କରାଇଛି । ଉପରୋକ୍ତ ଜିଲ୍ଲାରେ ସ୍ୱାସ୍ଥ୍ୟ ବିଭାଗ ଟିମ୍ ପହଞ୍ଚି ସେହିପରି କୋରାପୁଟ ଜିଲ୍ଲା ଦେବୀଘାଟ ପଞ୍ଚାୟତ ପଡ଼େଇଗୁଡ଼ା ଗ୍ରାମରେ ୨ ଜଣ ବ୍ୟକ୍ତି ଆନ୍ଥ୍ରାକ୍ସରେ ପ୍ରାଣ ହରାଇଥିବା ଜଣାପଡ଼ିଛି । ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର କହିଛନ୍ତି ସଦ୍ୟତମ ମୃତ୍ୟୁ ଡିପ୍‌ଥେରିଆ ପାଇଁ ହୋଇଛି କି ନାହିଁ ତାହା ପରୀକ୍ଷା ରିପୋର୍ଟ ଆସିବା ପରେ ସ୍ପଷ୍ଟ ହୋଇପାରିବ । ସମ୍ପୃକ୍ତ ଶିଶୁର ତୁରନ୍ତ ଚିକିତ୍ସା ଆରମ୍ଭ ହୋଇଥିଲା । କିନ୍ତୁ ଶିଶୁ ବହୁ ବିଳମ୍ବରେ ଆସିଥିବାରୁ ତାଙ୍କର ଜୀବନ ରକ୍ଷା ସମ୍ଭବ ହୋଇନଥିଲା । ସମ୍ପୃକ୍ତ ଶିଶୁ ନିମୋନିଆରେ ସଂକ୍ରମିତ ଥିବାବେଳେ ଅନ୍ୟ ଜଣେ ରକ୍ତ ଶିକୁଳୀରେ ପୀଡ଼ିତ ଥିଲେ । ସଂକ୍ରମିତ ଅଞ୍ଚଳରେ ଯାହା ବ୍ୟବସ୍ଥା କରିବା କଥା ତାହା କରାଯାଇଛି । ଓଡ଼ିଶାରେ ସ୍ୱାସ୍ଥ୍ୟ ସଂକଟକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ୫ ଜଣିଆ ଟିମ୍ ରାୟଗଡ଼ାରେ ପହଞ୍ଚି ଅନୁସନ୍ଧାନ ଆରମ୍ଭ କରିଛନ୍ତି । ସେମାନେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ବିଶେଷଜ୍ଞଙ୍କ ସହ ମିଶି ଡିପ୍‌ଥେରିଆର କାରଣ ଖୋଜିବା ସହିତ ସ୍ଥିତିର ସମୀକ୍ଷା କରି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟକୁ ରିପୋର୍ଟ ପ୍ରଦାନ କରିବେ । ରାୟଗଡ଼ା ସିଡିଏମ୍‌ଓ ଡାକ୍ତର ଲାଲମୋହନ ରାଉତରାୟ କହିଛନ୍ତି ଆମେ କେନ୍ଦ୍ରୀୟ ଟିମ୍‌କୁ ସହାୟତା କରୁଛୁ । ସେମାନେ ସ୍ଥିତି ଯାଞ୍ଚ କରିବା ସହିତ ରିପୋର୍ଟ ପ୍ରସ୍ତୁତ କରିବେ । ଅସନ୍ତାକାଲି ଏହି ଟିମ୍ ମନୁଷପଦର ଗସ୍ତ କରିବା କାର୍ଯ୍ୟକ୍ରମ ରହିଛି ବୋଲି ସେ କହିଛନ୍ତି । ଡିପ୍‌ଥେରିଆ ଓଡ଼ିଶାର ଏକ ନୂଆ ରୋଗ କହିଲେ ଅତ୍ୟୁକ୍ତି ହେବନାହିଁ । ଗତବର୍ଷ ମହାରାଷ୍ଟ୍ରରେ ଏହା ଉଗ୍ର ରୂପ ଧାରଣ କରିଥିଲା । ଏବେ କିନ୍ତୁ ଚାରି ଜିଲ୍ଲାରେ ଡିପ୍‌ଥେରିଆ ମାରାତ୍ମକ ସ୍ଥିତିରେ ରହିଛି ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୩୦।୬।୨୦୨୪, ଆଷାଢ ଦି୧୬ନ, ରବିବାର**

**ସୂର୍ଯ୍ୟୋଦୟ- ଘ୦୫।୧୧।୧୪** **ଚନ୍ଦ୍ରୋଦୟ- ରାଘ ୧୨।୫୩।୧୨**

**ନବମୀ**- ଦିଘ ୧୨।୨୦ ପର୍ଯ୍ୟନ୍ତ । **ରେବତୀ ନକ୍ଷତ୍ର ଓ ମୀନ ଚନ୍ଦ୍ର-** ପ୍ରାଘ ୭।୩୪ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, କନ୍ୟା, ତୁଳା, ମକର ଓ ମୀନ ରାଶିର । ପ୍ରାଘ ୭।୩୪ ଗତେ ବୃଷ, ମିଥୁନ, କର୍କଟ, ତୁଳା, ବିଛା, ମକର ଓ କୁମ୍ଭ ରାଶିର । **ଘାତଚନ୍ଦ୍ର-** ଧନୁ ରାଶିର । ପ୍ରାଘ ୭।୩୪ ଗତେ ମେଷ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ନବମୀର ପାର୍ବଣ ଶ୍ରାଦ୍ଧ ଓ ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଲାଉ ଦିଘ ୧୨।୨୦ କଳମ ଶାଗ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୭।୦୧ ଗତେ ଘ ୯।୩୮ ମଧ୍ୟେ । ଦିଘ ୧।୩୯ ଗତେ ଘ ୨।୫୪ ମଧ୍ୟେ ।



**ମେଷ:** ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାରେ ବିଳମ୍ବ ହେବ । ଶତ୍ରୁ ସୁଯୋଗ ଅପେକ୍ଷାରେ ରହିବେ ନହେଲେ କ୍ଷତିରେ ପଡ଼ିବେ । ଦେହ ଭଲ ରହିବ ନାହିଁ । ଆୟ ଓ ବ୍ୟୟ ପ୍ରାୟ ସମାନ ରହିବ । ଘରେ ଆନନ୍ଦ ।



**ବୃଷ:** କର୍ମକ୍ଷେତ୍ରରେ ସମସ୍ୟା ଦେଖାଦେବ । ଯାନବାହାନ କ୍ରୟ କରିପାରନ୍ତି । ବନ୍ଧୁଙ୍କ ସହ ଝଗଡ଼ା ହୋଇପାରେ । ପ୍ରବାସୀ ଜୀବନ ଅତିବାହିତ କରିବେ । ଆୟର ପରିମାଣ ବଢ଼ିବ । ପରିବାରରେ ଶାନ୍ତି ଲାଭ ।



**ମିଥୁନ:** ଦୂର ସ୍ଥାନକୁ ଯାତ୍ରା କରିବେ । ବ୍ୟବସାୟରେ ଲାଭ ମିଳିବ । ଆୟ ଠାରୁ ବ୍ୟୟର ପରିମାଣ ବଢ଼ିବ । ପାରିବାରିକ ଆଶ୍ୱସ୍ତି ଲାଭ । ଅନ୍ୟର ଦୋଷ ନିମନ୍ତେ ଆପଣ ସମାଲୋଚିତ ହେବାର ସୂଚନା ।



**କର୍କଟ:** ଅତୀତ ଘଟଣା ଯୋଗୁ ମନ ଉଦାସ ରହିବ । ଅନ୍ୟମନସ୍କ ଯୋଗୁ କେତେକ ଭୁଲ୍ କରିବେ । ରୋଜଗାର ପରିମାଣ ବଢ଼ିବ । ପାରିବାରିକ ଆଶ୍ୱସ୍ତି ଲାଭ । ମହିଳାମାନେ ଗର୍ବୀ ହେବେ ।



**ସିଂହ:** ଆପଣ ଯଶସ୍ୱୀ ହେବେ । ଅଟକି ରହିଥିବା କାମଟି ପୂରଣ ହେବ । ଯାତ୍ରାରେ ସଫଳତା ମିଳିବ । ମହିଳାମାନେ ଅସୁସ୍ଥ ଅନୁଭବ କରିବେ । ଗୃହେ ସୁଖ ଶାନ୍ତି ଲାଭ କରିବେ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ ।



**କନ୍ୟା:** ଆଧ୍ୟାତ୍ମିକ ଦିଗରେ ମନ ବଳିବ । ସେବା ପୂଜା ପ୍ରତି ଆଗ୍ରହ ପ୍ରକାଶ ପାଇବ । କୌଣସି ସାମାଜିକ କାର୍ଯ୍ୟରେ ଯୋଗଦେବେ । ଆୟ ଓ ବ୍ୟୟ ସମାନ ରହିବ । ଗୃହେ ସୁଖ ଶାନ୍ତି ଅବ୍ୟାହତ ରହିବ ।



**ତୁଳା:** ପରୋପକାରୀ ହେବେ । ସମସ୍ତଙ୍କ ପ୍ରିୟପାତ୍ର ହେବେ । ସତ୍‌ସଙ୍ଗରୁ ଆନନ୍ଦ ଅନୁଭବ କରିବେ । ରୋଜଗାର ମଧ୍ୟମ ଧରଣର ହେବ । ଗୃହ କାର୍ଯ୍ୟରେ ବ୍ୟସ୍ତ ରହିବେ । ଶରୀର ସୁସ୍ଥ ରହିବ ।



**ବିଛା:** ମନରେ ଦ୍ୱିଧା ଓ ବିରକ୍ତି ଉପୁଜିବ । ବନ୍ଧୁମାନେ ସହଯୋଗ କରିବେ । ଭ୍ରମଣର ସୁଖ ଲାଭ ହେବ । ଆୟ ଓ ବ୍ୟୟ ସମାନ ରହିବ । ବ୍ୟବସାୟ ମଧ୍ୟମ ଧରଣର ହେବ । ଗୃହେ ଶାନ୍ତି ଲାଭ ।



**ଧନୁ:** ଯାନବାହାନ କ୍ରୟ କରିବେ । କଥାବାର୍ତ୍ତାରେ ସଂଯମ ରକ୍ଷା ନକଲେ ଅସୁବିଧାରେ ପଡ଼ିପାରନ୍ତି । କର୍ମକ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବାକୁ ସମର୍ଥ ହେବେ । ରୋଜଗାର ସ୍ଥିର ରହିବ । ଗୃହେ ଶାନ୍ତି ବଜାୟ ରହିବ ।



**ମକର:** ବିବାଦୀୟ ଘଟଣାରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିବ । ଶତ୍ରୁମାନେ ପରାଜିତ ହେବେ । ଆୟ ବୃଦ୍ଧି ଘଟିବ । ଭାଇ ଭାଇ ମଧ୍ୟରେ ବିବାଦ ଯୋଗୁ ପରିବାରରେ କଳହ ସୃଷ୍ଟି ହେବ । କୌଣସି କାର୍ଯ୍ୟରେ ମନ ଲାଗିବ ନାହିଁ ।



**କୁମ୍ଭ:** କର୍ମକ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବେ । ଚଞ୍ଚଳମନା ହେବେ । ପରିବାରରେ କଳହ । ମଉନ ମଜ୍‌ଲିସ୍‌ରେ ସମୟ ଅତିବାହିତ କରିବେ । ତ୍ୟାଗଶୀଳ ହେବେ । ଆର୍ଥିକ ସ୍ଥିତି ସୁଦୃଢ଼ ରହିବାର ସୂଚନା ।



**ମୀନ:** ଅଧିକ ଭ୍ରମଣ ଯୋଗୁ କ୍ଲାନ୍ତି ଅନୁଭବ କରିବେ । ପରିବାରରୁ ସାହାଯ୍ୟ ସହଯୋଗ ମିଳିବ । ଦୁଃସାହସିକ କାର୍ଯ୍ୟ କରି ପ୍ରଶଂସା ଲାଭ ହେବ । ଆୟ ଓ ବ୍ୟୟ ପ୍ରାୟ ସମାନ ରହିବ । ମନ ଭଲ ରହିବ ।

## ଦେଶୀ ମଦ ଚାଲାଣ ବେଳେ ଚଢ଼ଉ:ଜଣେ ଗିରଫ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଦେଶି ମଦ ଚାଲାଣ ବେଳେ ଜୟପୁର ଅବକାରୀ ଥାନା ପକ୍ଷରୁ ଚଢଉ କରାଯାଇ ଜଣେ ଅଭିଯୁକ୍ତକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲା ବଡ ଜିଉଁନା ଗ୍ରାମର ଭଗବାନ ବାରିକ । ଜୟପୁର ଅବକାରି ଥାନା ସୂଚନା ଅନୁଯାଇ ଦେଶୀ ମଦ ଚାଲାଣ ହେଉଥିବା ସୂଚନା ପାଇ ବଡ ଜିଉଁନା ଗ୍ରାମ ରାସ୍ତାରେ ଚଢଉ କରିଥିଲା । ଚଢଉ କରି ୯ ଲିଟର ଦେଶୀ ମଦ ଜବତ କରି ଅଭିଯୁକ୍ତକୁ ଗିରଫ କରିଛି । ଗିରଫ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ବିଷୟ ଜୟପୁର ଅବକାରୀ ଥାନା ଓଆଇସି ନୀଳାଦ୍ରି ବିହାରି ମିଶ୍ର ସୂଚନା ଦେଇଛନ୍ତି ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୧।୭।୨୦୨୪, ଆଷାଢ ଦି୧୭ନ, ସୋମବାର**

**ସୂର୍ଯ୍ୟୋଦୟ- ଘ୦୫।୧୧।୩୨** **ଚନ୍ଦ୍ରୋଦୟ- ରାଘ ୧।୩୬।୧୮**

**ଦଶମୀ**- ଦିଘ ୧୦।୨୬ ପର୍ଯ୍ୟନ୍ତ । **ଅଶ୍ୱିନୀ ନକ୍ଷତ୍ର-** ପ୍ରାଘ ୬।୨୬ ପର୍ଯ୍ୟନ୍ତ । **ମେଷ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, ତୁଳା, ବିଛା, ମକର ଓ କୁମ୍ଭ ରାଶିର । **ଘାତଚନ୍ଦ୍ର-** ମେଷ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** କଳମ ଶାଗ ଦିଘ ୧୦।୨୬ ପରେ ଶିମ୍ବ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୮।୪୬ ଗତେ ଘ ୧୦।୩୨ ମଧ୍ୟେ । ରାଘ ୯।୨୦ ଗତେ ଘ ୧୦।୨୧ ମଧ୍ୟେ । **ପର୍ବୋତ୍ସବ-** ଅଣସର ଦଶମୀ ।

30 YEARS ସମ୍ବାଦ କଳିକା

# ସେୟାର ମୂଲ୍ୟ ନିମ୍ନ ସ୍ତରକୁ ଖସିଲା

ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ କେବଳ ସାଧାରଣ ଲୋକଙ୍କ ଜୀବନକୁ ପ୍ରଭାବିତ କରୁନାହିଁ, କର୍ପୋରେଟ ଜଗତ ମଧ୍ୟ ଏହା ଦ୍ୱାରା ପ୍ରଭାବିତ ହେଉଛି। ଷ୍ଟକ ବଜାରରେ ଯେଉଁ କମ୍ପାନିଗୁଡ଼ିକର ସେୟାର କାରବାର ହେଉଛି। ସେମାନେ ଗ୍ରୀଷ୍ମ ପ୍ରବାହ, ବାତ୍ୟା ଭଳି ଘଟଣାରେ ପ୍ରଭାବିତ ହେଉଛନ୍ତି। ଚଳିତ ବର୍ଷ ଜଳବାୟୁରେ ଏଲ୍‌-ନିନୋ ପ୍ରଭାବ ରହିବ ବୋଲି ଆଶଙ୍କା କରାଯାଉଥିବା ଖବର ବିଭିନ୍ନ କଂପାନିର ସେୟାର ଉପରେ ଚାପ ସୃଷ୍ଟି କଲାଣି। ବିଶେଷ କରି କୃଷି ଓ ଗ୍ରାମାଞ୍ଚଳ କ୍ଷେତ୍ରରେ କାରବାର କରୁଥିବା କମ୍ପାନିଗୁଡ଼ିକର ସେୟାର ମୂଲ୍ୟ ଚାପରେ ରହିଛି।

ଗ୍ରୀଷ୍ମ ପ୍ରବାହ, ବାତ୍ୟା ଭଳି ଘଟଣା ପାଇଁ ଭାରତ ସମେତ ଏସିଆର ବିଭିନ୍ନ ଦେଶରେ କଂପାନିର ସେୟାର ମୂଲ୍ୟ ହ୍ରାସ ପାଇବାର ଆଶଙ୍କା ସୃଷ୍ଟି ହୋଇଛି। ଅଷ୍ଟ୍ରେଲିଆରେ ଏକ କଂପାନିର ଖଣି ବନ୍ଦ ରହିବାରୁ ତାହାର ସେୟାର ମୂଲ୍ୟ ଦୁଇ ବର୍ଷ ନିମ୍ନ ସ୍ତରକୁ ଖସିଆସିଛି। ସେଠାରେ ପ୍ରବଳ ବର୍ଷା ଓ ବନ୍ୟା ହେବାରୁ ଖଣି କାର୍ଯ୍ୟ ବନ୍ଦ କରିବାକୁ କଂପାନି ବାଧ୍ୟ ହୋଇଥିଲା। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ କିଛି କଂପାନିର ସେୟାରକୁ ବଢ଼ାଇବାରେ ମଧ୍ୟ ସହାୟକ ହୋଇଛି।

ଭାରତରେ ଦୁଟ ଉତ୍ପାଦନ ହ୍ରାସ ପାଇଥିବାରୁ ଦୁଟଜାତ ଉତ୍ପାଦ କାରବାର କରୁଥିବା କଂପାନିଗୁଡ଼ିକର ସେୟାର ମୂଲ୍ୟ ବଢୁଛି । ଏଲ୍‌-ନିନୋ ପ୍ରଭାବ ରହିଲେ ଭାରତରେ ଟ୍ରାକଟର ଓ ଦୁଇଚକିଆ ଯାନ ବିକ୍ରି ପ୍ରଭାବିତ ହେବାର ଆଶଙ୍କା ରହିଛି। ଏସିଆର ଜଳବାୟୁରେ ହଠାତ୍ ଏଭଳି କିଛି ପରିବର୍ତ୍ତନ ଘଟୁଛି। ଯାହାକୁ ପୂର୍ବରୁ ଆକଳନ କରାଯାଇପାରୁନାହିଁ। ଅନେକ କମ୍ପାନି ଏହା ଦ୍ୱାରା ପ୍ରଭାବିତ ହେଉଛନ୍ତି। ସେମାନେ ଗୋଟିଏ ଯୋଜନା ରଖି କାମ କରୁଥିବା ବେଳେ ପାଣିପାଗ ପରିବର୍ତ୍ତନ ଓ ସେ ସମ୍ପର୍କିତ ବିଭିନ୍ନ ଘଟଣା ଯୋଗୁଁ ସମ୍ପୂର୍ଣ୍ଣ ଯୋଜନା ବିଫଳ ହେଉଛି। ତେଣୁ ବ୍ୟବସାୟ ରଣନୀତି ପ୍ରସ୍ତୁତ କରିବା ବେଳେ ଅତ୍ୟଧିକ ଜଳବାୟୁ ପରିବର୍ତ୍ତନ ସ୍ଥିତି ବିଚାରକୁ ନେବା ଲାଗି ବିଶେଷଜ୍ଞମାନେ କଂପାନିଗୁଡ଼ିକୁ ଆହ୍ୱାନ ଦେଇଛନ୍ତି। ବିଭିନ୍ନ କମ୍ପାନିର ସେୟାର ନିବେଶ କରୁଥିବା ନିବେଶକମାନେ ମଧ୍ୟ ନିଜ ରଣନୀତି ବଦଳାଇବା ଦରକାର ବୋଲି ବିଶେଷଜ୍ଞମାନେ କହୁଛନ୍ତି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ଓଁ**

**'ଲକ୍ଷ୍ମୀ, ପଦ୍ମାଳୟା, ପଦ୍ମା,
କମଳା, ଶ୍ରୀ ହରପ୍ରିୟା
ଇନ୍ଦିରା, ଲୋକ ମାତା, ମା'
କ୍ଷୀରବ୍ଧୀ ତନୟା ରମା ।'**



ଶ୍ରୀ ଅଭିରାମ ସରସ୍ୱତୀ

ଦ୍ୱାପର ଯୁଗରେ ପ୍ରଭୁ
କି ମନ୍ତ୍ର ଧରିଲେ
ଦ୍ୱାପରର ଲୀଳାମାନ
ଭକତ ଦେଖିଲେ (୧୪୮)

ମନ୍ତ୍ର ଯନ୍ତ୍ର ତନ୍ତ୍ରମାନ
ତିନି ଯୁଗେ ହେଲା
କଳିରେ ଦେଖ ମାନବ
ଭିନ୍ନ ରୂପ ନେଲା (୧୪୯)

ହିନ୍ଦୁ, ଖ୍ରୀଷ୍ଟ, ମୁସଲିମ୍
କିଛି ଜାତି ନାହିଁ
ଭିନ୍ନା ଭିନ୍ନ କରୁଅଛି
ପ୍ରକୃତିଟି ତହିଁ (୧୫୦)

ଭାଗବତ ପଢ଼ି ଥୋକେ
ଭଗବାନ ହେଲେ
ରାମାୟଣ ପଢ଼ି ଥୋକେ
ରାମ ରାମ ହେଲେ (୧୫୧)

ବେଦକୁ ପଢ଼ିଣ ଥୋକେ
ବ୍ରାହ୍ମଣ ହୋଇଲେ
ଗୀତାକୁ ପଢ଼ିଣ ଥୋକେ
ତ୍ୟାଗ ଶିକ୍ଷା ଦେଲେ (୧୫୨)

କୋରାନ୍‌କୁ ପଢ଼ି ଥୋକେ
ନିର୍ବିକାର ହେଲେ
ବାଇବେଲ୍ ପଢ଼ି ଥୋକେ
ସେବା କାର୍ଯ୍ୟ କଲେ (୧୫୩)

ଆସୁଛି ଯାଉଛି ଜୀବ
ତତ୍ତ୍ୱ ନ ବୁଝିଲେ
ଭଜନକୁ ଛାଡ଼ି ଜୀବ
ଭାବ ନ ବୁଝିଲେ (୧୫୪)

ମୋର ମୋର କହି ସବୁ
ବାଉଳା ହୋଇଲେ
ଭକ୍ତ ଭଗବାନ ତତ୍ତ୍ୱ
କେହି ନପାଇଲେ (୧୫୫)

ଚାରି ଯୁଗ ପାଠ ଏକ
କଳିରେ ପୁରିଛି
ଏକ ଜଗନ୍ନାଥ ନାମ
ପାପୀକୁ ତାରୁଛି (୧୫୬)

ଏକାକ୍ଷର ଏକ ପଦ
ଓଁ କାରୁ କ୍ଷରୁଛି
ଭାବ ଜାଣି ସେବା କଲେ
ଉଦ୍ଧାର ହେଉଛି (୧୫୭)

ରକ୍ତ, ମାଂସ, ହାଡ଼, ଦେହ
ପୂଜା ପାଉଅଛି
କଳି ଯୁଗେ ଜଗନ୍ନାଥ
କାଠ ହୋଇଅଛି (୧୫୮)

କାହିଁ ପାଇଁ ଭଗବାନ
ଦାରୁ ପାଲଟିଲେ
କହି ପାରିବ ଭକତ
ପ୍ରଭୁ ସେବିଥିଲେ (୧୫୯)

ତିନି ଯୁଗେ ଯୋନିଜନ୍ମ
ପ୍ରଭୁ, ହୋଇଥିଲେ
ତନ୍ତ୍ର ମନ୍ତ୍ର ଯନ୍ତ୍ର ତତ୍ତ୍ୱେ
ଶରୀରେ ଖେଳିଲେ (୧୬୦)

ତେଣୁ କରି ଶୂନ୍ୟତତ୍ତ୍ୱ
କଳିରେ ହୋଇଛି
ନିର୍ବିକାର ଭାବମାନ
ଗୁପତେ ଖେଳୁଛି (୧୬୧)
କେ ରାମ ଭଜୁଛି ବେସି
କଳିଯୁଗେ ଦେଖ
କେ କୃଷ୍ଣ ଭଜୁଛି ବସି ପଢ଼ି
ଭାଗବତ (୧୬୨)
କିଏ ଆଲ୍ଲା କିଏ ଖ୍ରୀଷ୍ଟ
ଭଜେ ଦିନରାତି
ପ୍ରଭୁଙ୍କୁ ଭେଟିବା ତତ୍ତ୍ୱ
କେହି ନ ଜାଣନ୍ତି (୧୬୩)

ଘର ଦ୍ୱାର ଛାଡ଼ି କେତେ
ବାବାଜୀ ହେଲେଣି
ନିଜ ଘରକୁ ନଚିହ୍ନି
ତପସ୍ୟା କଲେଣି (୧୬୪)

(କ୍ରମଶଃ)

# ଦାରୁବ୍ରହ୍ମଙ୍କ ଅଣସରବାସ ବିଧି



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର, କେନ୍ଦ୍ରାପଡ଼ା
ମୋ: ୯୪୩୭୦୮୮୦୩୯



ସର୍ବଧର୍ମ ସମନ୍ୱୟ ପୀଠ ଶ୍ରୀକ୍ଷେତ୍ର। ଏଠାରେ ନାହିଁ ଭେଦଭାବ, ବଡ଼ସାନ, ଜାତି ଅଜାତି, ଧନୀ ନିର୍ଦ୍ଧନ, ଉଚ୍ଚ ନୀଚର ବାଛବିଚାର। ସର୍ବେ ଏକ ଏକାକାର। ଆନନ୍ଦ ବଜାର, ବ୍ରାହ୍ମଣ ହାତୁ ଚଣ୍ଡାଳ ମହାପ୍ରସାଦ ଛଡ଼ାଇ ସେବନ କରନ୍ତି। ଦାରୁବ୍ରହ୍ମଙ୍କର ଏଇ ତ ବିଚିତ୍ର ଲୀଳା। ସାମ୍ୟବାଦୀ ଚେତନାଟି ଏଠି ପରିସ୍ଫୁଟ। କେବଳ ସେତିକି ନୁହେଁ, ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କ ସେବାନୀତି, ଏଥିରେ ଆର୍ଯ୍ୟଅନାର୍ଯ୍ୟ ସଂସ୍କୃତିର ମହାମିଳନ। ବର୍ଷଟିଏ ମଧ୍ୟରୁ ଏଗାର ମାସ। ପୂଜାପଣ୍ଡା, ପତି ମହାପାତ୍ର ଚତୁର୍ଦ୍ଧାମୂର୍ତ୍ତିଙ୍କ ସେବା କରନ୍ତି; ମାତ୍ର ପବିତ୍ର ଜ୍ୟେଷ୍ଠ ପୂର୍ଣ୍ଣିମା ପୂର୍ବ ରାତି। ସେ ସମୟରୁ ଠାକୁରମାନଙ୍କ ନୀଳାଦ୍ରିବିଜେ। ଏକମାସ ସେବା ଦଇତାଙ୍କର। ସ୍ନାନପୂର୍ଣ୍ଣିମାରେ ଦିଅଁମାନଙ୍କର ପହଣ୍ଡିବିଜେ, ମହାସ୍ନାନ, ଗଜାନନ ବେଶ ଆଦି ନୀତିକାନ୍ତି। ଏଥିରେ ମଧ୍ୟ ସେମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସ୍ନାନବେଦୀରେ ପ୍ରଭୁଙ୍କର ଆବିର୍ଭାବ। ସର୍ବସାଧାରଣଙ୍କ ସମ୍ମୁଖରେ ତାଙ୍କୁ ଜଳଲାଗି କରାଯାଏ। ବର୍ଷର ଅନ୍ୟଦିନମାନଙ୍କରେ ଠାକୁରଙ୍କ ପ୍ରତୀକ ସ୍ନାନ; କିନ୍ତୁ ଦେବସ୍ନାନ ପୂର୍ଣ୍ଣିମା ଭିନ୍ନ। ୧୦୮ ଗରା ସୁନାକୂଅ ଜଳରେ ଠାକୁରମାନେ ସ୍ନାନକରନ୍ତି। ଦେଖନ୍ତି ଦେବଦାନବ, ନରକିନ୍ନର, ଭୂତପ୍ରେତ ସମସ୍ତେ। ଏଭଳି ଅପୂର୍ବ ସୁଯୋଗ ସୃଷ୍ଟି କରିଛନ୍ତି ସ୍ୱୟଂ ମହାପ୍ରଭୁ, ସବୁ ସେଇ ଭକ୍ତମାନଙ୍କ ପାଇଁ। ଏହି ଅନନ୍ୟ ସ୍ନାନଯାତ୍ରା ସମାପ୍ତ। ପରେ ଚତୁର୍ଦ୍ଧାମୂର୍ତ୍ତି ଆଉ ବିଜେ କରନ୍ତିନି ରତ୍ନବେଦୀକୁ। ମାତ୍ରାଧିକ ସ୍ନାନଯୋଗୁଁ କମ୍ପଜ୍ୱରରେ ପୀଡ଼ିତ ହୁଅନ୍ତି। ଲୋଡ଼ା ପୂର୍ଣ୍ଣ ବିଶ୍ରାମ। ଏଣିକି ପ୍ରଭୁଙ୍କ ବିଜେ ଅନବସର/ଅଣସର ପିଣ୍ଡିକୁ। ସମ୍ପୂର୍ଣ୍ଣ ଭାବରେ କୋଳାହଳ ଶୂନ୍ୟ, ଅନ୍ଧକାରାଚ୍ଛନ୍ନ ଅଣସର ପିଣ୍ଡି। ଏହା ମଧ୍ୟକୁ କେବଳ ଦଇତା, ପତି ମହାପାତ୍ର ସେବକ ପ୍ରବେଶ କରିବାର ବିଧି। ଶାସ୍ତ୍ରାନୁମୋଦିତ ନିୟମ। ଜ୍ୱରପୀଡ଼ିତ ଠାକୁରମାନଙ୍କର ସେବା ଶୁଶ୍ରୂଷା କରନ୍ତି ଦଇତାମାନେ। ମହାପ୍ରଭୁଙ୍କ ଅଣସର ବାସ ପନ୍ଦର ଦିନ। ମାତ୍ର ନବକଳେବର ବର୍ଷ ଏହାର ଅବଧି ୪୫ ଦିନ। ଏହା ମହାଅଣସର ନାମେ ଅଭିହିତ। ଅଣସର ଘର ନିକଟରେ ଘଣ୍ଟଘଣ୍ଟା, କାହାଳୀ ଅବା ଅନ୍ୟ କୌଣସି ବାଦ୍ୟ ସମ୍ପୂର୍ଣ୍ଣ ନିଷେଧ।

ଅଣସର ପିଣ୍ଡିର ଗଠନ ଅତି ସରଳ। କୋଠସୁଆଁସିଆ ସେବକମାନେ, ପିଣ୍ଡି ଉପରେ ବାଉଁଶତାଟି ଭିଡ଼ିଦିଅନ୍ତି। ତାଟି ବାହାରେ ପଟି ଦିଅଁ (ବାସୁଦେବ, ଭୁବନେଶ୍ୱରୀ, ନାରାୟଣ)ଙ୍କ ଖଟ ଉପରେ ବିଜେ। ଏଥି ସହିତ ମହାଜନ ସେବକମାନେ ଦକ୍ଷିଣ ଘରୁ ସାତମୂର୍ତ୍ତି ଦେବଦେବୀ (ଦୋଳଗୋବିନ୍ଦ, ରାମ, ନୃସିଂହ ବଡ଼ବାଡ଼ରେ, ଶ୍ରୀଦେବୀ, ଭୂଦେବୀ ମଝିବାଡ଼, ମଦନ ମୋହନଙ୍କ ସହ ଶ୍ରୀକୃଷ୍ଣଙ୍କୁ ଜଗନ୍ନାଥ ବାଡ଼ରେ) ଆଣି ଖଟ ଉପରେ ବିଜେ କରାନ୍ତି। ଏ ସମସ୍ତ ଦେବାଦେବୀ ଦଶାବତାର ଭାବେ ପରିଚିତ। ତିନିପଟି ଦିଅଁଙ୍କୁ ତାଟିଦେହରେ ରୁନ୍ଧାଯାଏ। ଦଶାବତାର ଦିଅଁଙ୍କୁ ଦୈନନ୍ଦିନ ନିତି ନିୟମ ଅନୁଯାୟୀ ଭୋଗ ଲାଗି ହୁଏ। ଅନବସର ପିଣ୍ଡିରେ ଠାକୁରମାନଙ୍କ ସେବା ନୀତି ସ୍ୱତନ୍ତ୍ର। ନୀଳାଦ୍ରି ମହୋଦୟ ଗ୍ରନ୍ଥରେ ଏହା ସୂଚିତ। ସ୍ୱୟଂ ବ୍ରହ୍ମା ଇନ୍ଦ୍ରଦ୍ୟୁମ୍ନଙ୍କୁ ମହାପ୍ରଭୁଙ୍କ ଅନବସର ବିଧି ସମ୍ପର୍କରେ କହନ୍ତି, "ଅଣସର ଘରେ ବିଦ୍ୟାପତି ବଂଶର ସେବକମାନେ ପନ୍ଦର ଦିନ ପର୍ଯ୍ୟନ୍ତ କର୍ପୂର ମିଶ୍ରି ପଣା ବିଷ୍ଣୁଙ୍କୁ ଭୋଗଲଗାଇ ପୂଜା କରିବେ। ହେ ରାଜା! ଯେତେ ଶ୍ରଦ୍ଧା ଓ ଭକ୍ତି ଥିଲେ ମଧ୍ୟ ଦୁଇ କାଳର ଶ୍ରୀଅଙ୍ଗର ମାଲ୍ୟ ଚନ୍ଦନାଦି ନିର୍ମାଲ୍ୟ କଦାପି ବାହାରକୁ ନେବେ ନାହିଁ। ମିଶ୍ରି ପଣାରେ କ୍ଷୀର-ସର ମିଶାଇ ପରଂବ୍ରହ୍ମଙ୍କୁ ଚିନ୍ତାକରି ସମର୍ପଣ କରିବେ।" ପ୍ରକାଶ ଥାଉକି, କ୍ଷୀର-ସର ମିଶା ପଣା। ପତି ମହାପାତ୍ର ଅଣସର ତାଟି ଭିତରେ ପରଂବ୍ରହ୍ମଙ୍କୁ ସମର୍ପଣ କରନ୍ତି। ଏତଦ୍‌ଭିନ୍ନ ଦାରୁବ୍ରହ୍ମଙ୍କ ଅନ୍ୟ ସମସ୍ତ ଗୁରୁତ୍ୱପୂର୍ଣ୍ଣ ନୀତି ଦଇତାଙ୍କର। ଏହି ନୀତିକୁ 'ଗୁପ୍ତନୀତି' କୁହାଯାଏ। ଅଣସର ଘରେ ବିଜେ ଦାରୁ ବିଗ୍ରହମାନେ 'ଅଣସରଦିଅଁ' ରୂପେ ପରିଚିତ। ଅଣସରବାସ ସମୟରେ ଦଶାବତାର ଦିଅଁଙ୍କର ବଡ଼ସିଂହାର ଭୋଗ ସହିତ ପହୁଡ଼ ମଧ୍ୟ ହୁଏ। ଏହା ପୂର୍ବରୁ ଅଣସର ଦିଅଁଙ୍କୁ ଚକଟା ଭୋଗ (ଖଇ ସହିତ ଅନ୍ୟାନ୍ୟ ଫଳମୂଳ) ଲାଗି କରାଯାଏ। ଦି'ପହର ଧୂପର ଭୋଗସାମଗ୍ରୀରେ ଧୁଆମୁଗ, ନଡ଼ିଆ ସହିତ ଆଉ କେତେକ ଦ୍ରବ୍ୟ ମିଶ୍ରିତ ଥାଏ। ପ୍ରଭୁ ଅସୁସ୍ଥ, ଶଙ୍ଖୁଡ଼ି ଭୋଗ ଲାଗି ସମ୍ପୂର୍ଣ୍ଣ ବନ୍ଦ। ଅଣସର ବିଧିବିଧାନ ଶାସ୍ତ୍ରଦ୍ୱାରା ନିର୍ଦ୍ଧାରିତ। ପନ୍ଦରଦିନ ଅବଧି। କେଉଁଦିନ କି ପ୍ରକାର ଦିଅଁଙ୍କ ସେବା, ତାହାର ତାଲିକା ରହିଛି। ଅଣସର ଦ୍ୱିତୀୟ ଦିନ ଶ୍ରୀଜୀଉଙ୍କ ସ୍ନାନ ପହଣ୍ଡି ବସ୍ତ୍ର 'ଓଲାଗି', ଚତୁର୍ଥ ଦିନ 'ଶ୍ରୀଅଙ୍ଗ ଫିଟା ନୀତି', ପଞ୍ଚମ ଦିନ 'ଫୁଲୁରି ଲାଗି', ଷଷ୍ଠରୁ ନବମୀ ଯାଏ 'ଓସୁଅ ଲାଗି', ଦଶମୀରେ 'ଚକାବିଜେ', ଏକାଦଶୀରେ 'ଚନ୍ଦନଲାଗି' ନୀତି ହୁଏ। ଏହିଦିନ ହିଁ ଘଣ୍ଟା, କାହାଳୀ, ଅନ୍ୟାନ୍ୟ ବାଦ୍ୟ ବାଜେ। ଦ୍ୱାଦଶୀରେ 'ରାଜପ୍ରସାଦ ନୀତି', ତ୍ରୟୋଦଶୀରେ 'ଘଣାଲାଗି' ସହିତ 'ଶ୍ରୀପୟର ପୂଜା', 'ଶ୍ରୀମୁଖ ଓଡା' ନୀତି। ଚତୁର୍ଦ୍ଦଶୀରେ 'ବନକଲାଗି' ସହିତ 'ଚକାଅବସର ନୀତି' ସମାପନ ହୁଏ। ଏହାପରେ ମହାଜନ ସେବକମାନଙ୍କ ଦାୟିତ୍ୱ। ଦଶାବତାର ମଧ୍ୟରୁ ପାଞ୍ଚମୂର୍ତ୍ତି ଦକ୍ଷିଣ ଘରେ, ଶ୍ରୀଦେବୀ, ଭୂଦେବୀଙ୍କୁ ଖଟସେଜ ଘରେ, ତିନିପଟି ଦିଅଁଙ୍କୁ ବିମଳା ମନ୍ଦିର ନିକଟସ୍ଥ ମଣ୍ଡଣି ଘରକୁ ସେମାନେ ବିଜେ କରାନ୍ତି। ଆଷାଢ଼ ଶୁକ୍ଳ ପ୍ରତିପଦାରେ ଶ୍ରୀଜୀଉଙ୍କ ନେତ୍ରୋତ୍ସବ, ଏହିଦିନ ଠାକୁରମାନଙ୍କ ଆଖିର ରଙ୍ଗ ସମ୍ପୂର୍ଣ୍ଣ ହୁଏ। ଆଷାଢ଼ ଅମାବାସ୍ୟାଟି 'ଉଭା ଅମାବାସ୍ୟା' ନାମରେ ଖ୍ୟାତ। ଏଇଦିନ ଚତୁର୍ଦ୍ଧାମୂର୍ତ୍ତି ଭକ୍ତମାନଙ୍କୁ ନବଯୌବନରେ ଦର୍ଶନ ଦିଅନ୍ତି। ଆଷାଢ଼ ଶୁକ୍ଳ ଦ୍ୱିତୀୟାରେ ଆରମ୍ଭ ହୁଏ ଘୋଷଯାତ୍ରା। ମହାପ୍ରଭୁ ରଥାରୂଢ଼ ହୋଇ ବାହାରନ୍ତି ଗୁଣ୍ଡିଚ୍ଚା ଘର।

ଶ୍ରୀଜୀଉଙ୍କ ଅନବସର ବାସ। ଏହାକୁ ନେଇ କେତେକ କିମ୍ବଦନ୍ତୀ / ଲୋକକଥା ଉଜ୍ଜୀବିତ। ସାଗର ମନ୍ଥନ ହେଲା। ଜନ୍ମନେଲେ ପ୍ରଥମେ ଅଲକ୍ଷ୍ମୀ, ସୌନ୍ଦର୍ଯ୍ୟବତୀ ହେଲେ ମଧ୍ୟ କ୍ରୂରା, ନିଷ୍ଠୁରା। ତାଙ୍କ କୋପରେ ସୃଷ୍ଟି ଲକ୍ଷ୍ମୀଛଡ଼ା ହୋଇଯିବାର ଆଶଙ୍କା। ଅଲକ୍ଷ୍ମୀ ବିଷ୍ଣୁଙ୍କ ମାୟାରେ ଭୋଳ ହେଲେ। ଉଭୟେ ପହଞ୍ଚିଲେ ଘୋର ଅରଣ୍ୟରେ। ସେମାନଙ୍କ ମଧ୍ୟରେ ବିବାହ ବନ୍ଧନ ହେବାର ସ୍ଥିର ହେଲା। କପଟି ବିଷ୍ଣୁଙ୍କ ଚକ୍ରାନ୍ତ। ସ୍ୱୟଂ ନାରଦ, ଶିବ, ବ୍ରହ୍ମାଙ୍କୁ ଅଗୋଚର। ଏକଥା ଅଲକ୍ଷ୍ମୀ ବା ବୁଝିବେ କେମନ୍ତେ? ବିବାହ କାର୍ଯ୍ୟ ସମ୍ପନ୍ନ ହେବ। ଉଦାନକ ଋଷିଙ୍କୁ ବିଷ୍ଣୁ ପାଛୋଟି ଆଣିଲେ। ଋଷି ମନ୍ତ୍ରପାଠ କଲେ। ହେଲେ କପଟି ବିଷ୍ଣୁ ଉଭାନ। ଋଷିଙ୍କ ସହ ଅଲକ୍ଷ୍ମୀଙ୍କୁ ବିବାହ କରାଇଦେଲେ। କ୍ରୋଧରେ ଅଲକ୍ଷ୍ମୀଙ୍କ କମ୍ପିତ ତନୁ। ସେ ବିଷ୍ଣୁଙ୍କୁ ଅଭିଶାପ ଦେଲେ। ବିଷ୍ଣୁଙ୍କ ମିଥ୍ୟା ଆବେଗ, ତାଙ୍କ ଦେହରେ ସୃଷ୍ଟି କରିଥିଲା କମ୍ପନ। ବିଷ୍ଣୁ ତାହା ଭୋଗ କରିବେ ବୋଲି ଶାପ ଦେଲେ। ତାହାହିଁ ହେଲା। ଭୁଲ୍ କରିଥିବାରୁ ମହାପ୍ରଭୁ ବିଷ୍ଣୁ ନିବର୍ତ୍ତି ପାରିଲେନି। ଏଣୁ ସ୍ନାନପୂର୍ଣ୍ଣିମା ପର ପନ୍ଦରଦିନ। ଶ୍ରୀଜଗନ୍ନାଥ କମ୍ପଜ୍ୱରରେ ପୀଡ଼ିତ, ଅଣସର ବାସ କରନ୍ତି, ପଥି ନିଅନ୍ତି। ଏହା ବ୍ୟତୀତ ଆଉ କେତୋଟି କାହାଣୀ ମଧ୍ୟ ରହିଛି। ବର୍ଣ୍ଣମାଦରୀ ନାମକ ଜଣେ ବିଶିଷ୍ଟ ତାନ୍ତ୍ରିକ। ବାରମ୍ବାର ଗୁପ୍ତରେ ଅଣସର ଘରେ ପ୍ରବେଶ କଲେ। ପ୍ରଭୁଙ୍କ ଲୀଳାର ରହସ୍ୟ ଭେଦ କରିବାକୁ ଚେଷ୍ଟା କଲା। ମାତ୍ର ପ୍ରଭୁଙ୍କ ମହିମାରୁ ତାହା ସମ୍ଭବ ହୋଇନଥିଲା। ରହସ୍ୟ ଭେଦ କରିବା ତ ଦୂରର କଥା, ସେ ଭୟକାତର, କେବଳ ବାଉଳି ହେଲା। ଶେଷରେ ଠାକୁରରାଜାଙ୍କ ଶରଣାପନ୍ନ ହେଲେ। ଜମିଖଣ୍ଡେ ଶ୍ରୀକ୍ଷେତ୍ରରେ ମାଗିଲା। ମଠ ଖଣ୍ଡେ କରି ଶେଷ ଜୀବନ କାଟିଲା। ଅଲାରବନ୍ଦାର୍ଯ୍ୟ- ଏ ଜଣେ ମହାରାଷ୍ଟ୍ରୀ ଜଗନ୍ନାଥ ପ୍ରେମୀ। ଅନବସର ସମୟ। ସେ ପ୍ରଭୁଙ୍କ ଦର୍ଶନ ପାଇବା ସମ୍ଭବ ହେଲାନି। ଏଣୁ ପ୍ରାଣ ବିସର୍ଜନ କରିବା ପାଇଁ ମନସ୍ଥ କଲେ। ଯାଉଯାଉ ବ୍ରହ୍ମଗିରିରେ ପହଞ୍ଚିଲେ। ସେଠାରେ ଅଗ୍ନିସଂଯୋଗ ପୂର୍ବକ ଝାସ ଦେବାକୁ ଉଦ୍ୟତ। ଠିକ୍ ସମୟରେ ଶ୍ରୀଜଗନ୍ନାଥଙ୍କ ପଙ୍ଗୁରୂପରେ ଆବିର୍ଭାବ। ତାଙ୍କୁ ଅଣସର ବୃତ୍ତାନ୍ତ କହିଲେ। ଅଣସର ବାସ ସମୟ। ଜଗନ୍ନାଥ ଅଲାରବନ୍ଦାର୍ଯ୍ୟଙ୍କୁ ଦେଖା ଦେଇଥିଲେ। ସେଠାରେ ଜଗନ୍ନାଥ ଅଲାରନାଥ ଭାବେ ପୂଜିତ। ଏଇଟି କିମ୍ବଦନ୍ତୀର ଅଂଶବିଶେଷ। ଠାକୁରଙ୍କ ଅନବସର ବାସ। ଶ୍ରଦ୍ଧାଳୁମାନଙ୍କ ବ୍ରହ୍ମଗିରିରେ ଅଲାରନାଥଙ୍କୁ ଦର୍ଶନ। ଜଗନ୍ନାଥ ଦର୍ଶନର ଆତ୍ମତୃପ୍ତି ଲାଭ କରନ୍ତି। ଆନ କଥାଟିଏ। ଜୀଉମାନଙ୍କର ଅଣସର ବାସ ସମୟ। ନରେନ୍ଦ୍ର ପୁଷ୍କରିଣୀ ନିକଟସ୍ଥ ଉରଗଣେଶ। ଉରବନ୍ଧା ନିର୍ମାଣ ଚାଲିଥାଏ। ଶବ୍ଦ, ଗହଳ ଚହଳ ଦିଅଁଙ୍କର ବିଶ୍ରାମରେ ବାଧା ସୃଷ୍ଟିକଲା। ପ୍ରଭୁଙ୍କ ନିକଟରେ କରିଥିବା ଏ ପ୍ରକାର ତ୍ରୁଟି। ଏହାର ମାର୍ଜନା ହେବ। ଏଥିପାଇଁ ଅଣସର ଏକାଦଶୀରେ ରାଘବ ଦାସ ମଠରୁ ଶାଢ଼େ ସାତସେର ଚନ୍ଦନ ଆସେ। ଏଥିରେ ଶ୍ରୀଜୀଉଙ୍କର ଚନ୍ଦନଲାଗି ସେବା ହୁଏ। ଆଉ ଜଣେ ଭକ୍ତ ମାଧବ ଦାସ। ଦୁରାରୋଗ୍ୟ ବ୍ୟାଧି ପୀଡ଼ିତ। ସ୍ୱର୍ଗଦ୍ୱାରସ୍ଥ ଶ୍ମଶାନ ଘାଟ, ସେଇଠାରେ ଜୀବନ କାଟିଲେ। ଭକ୍ତର ଅସହ୍ୟ ଯନ୍ତ୍ରଣା। ଉଭୟ ବଳଭଦ୍ର, ଜଗନ୍ନାଥ ବାଳକ ବେଶରେ ତାଙ୍କର ସେବା କଲେ। ଦାସେ ରୋଗମୁକ୍ତ ହେଲେ। ସେ ପ୍ରଭୁମାନଙ୍କୁ ପ୍ରତ୍ୟକ୍ଷ ଦର୍ଶନ କଲେ। ଦାରୁବ୍ରହ୍ମଙ୍କୁ ଶ୍ରୀମନ୍ଦିରରେ ଦର୍ଶନ କରିବା ପାଇଁ ପହଞ୍ଚିଲେ। ମାତ୍ର ଦିଅଁମାନେ ଅନବସର ବାସରେ। ତାଙ୍କ ଦର୍ଶନ ନପାଇ ମାଧବ ଦାସ ଚେତାଶୂନ୍ୟ। ତାଙ୍କର ସ୍ୱର୍ଗପ୍ରାପ୍ତି ହେଲା। କଥିତ ଅଛି ଭକ୍ତଙ୍କ ପୀଡ଼ାକୁ ନିଜେ ଗ୍ରହଣ କଲେ ମହାପ୍ରଭୁ। ଏଇଥି ପାଇଁ ଅଣସର ବାସ। ଏମିତି ଅଣସର ବାସକୁ ନେଇ କେତେ କେତେ କଥା ପ୍ରଚଳିତ।

କୋଟିବ୍ରହ୍ମାଣ୍ଡ ପ୍ରଭୁ ଜଗନ୍ନାଥ। କରନ୍ତି ପୂର୍ଣ୍ଣ ପ୍ରାଣୀ ମନୋରଥ। ସେ ପରମବ୍ରହ୍ମ। ବ୍ରହ୍ମ ସତ୍ୟ, ଜଗତ ମିଥ୍ୟା। କାହା ପାଇଁ ସେ ମହାପ୍ରଭୁ, ହର୍ତ୍ତା, କର୍ତ୍ତା, ଭର୍ତ୍ତା, ଦୈବବିଧାତା। ଓଡ଼ିଆଟିର ସେ ଗେହ୍ଲାପୁଅ, କାଳିଆଦିଅଁ। ତାଙ୍କ ଚଳଣି ନୀତିକାନ୍ତିରେ ଓଡ଼ିଆ ଘରର ପ୍ରଥା ପରମ୍ପରା ନିହିତ। ମହାପ୍ରଭୁଙ୍କ ଲୀଳା ଅଲୌକିକ; କିନ୍ତୁ ମାନବୀୟ। ସାଧାରଣ ମନୁଷ୍ୟଟିଏ ପରି ତାଙ୍କ ରୋଗ, କ୍ଲେଶ, ଯାତନା, ବିଶ୍ରାମ, ପଥି – ସବୁକିଛି। ସେଇଥିପାଇଁ ସେ ଗଣଦେବତା। ତାଙ୍କ ଅଣସର ବିଧି ପ୍ରମାଣ କରିଦିଏ ଏହି କଥାଟିକୁ। ପ୍ରତିଟି ଯାତ୍ରାର ସଫଳତା ସୁସ୍ଥତା ଉପରେ ନିର୍ଭର କରେ। ଅସୁସ୍ଥ ଦିଅଁମାନଙ୍କର ଦଇତାଙ୍କ ସେବା। ହୋଇଯାନ୍ତି ସମ୍ପୂର୍ଣ୍ଣ ସୁସ୍ଥ। ତା' ପରେ ଆରମ୍ଭ ହୁଏ ନବଦିନାତ୍ମକ ପତିତପାବନ ଯାତ୍ରା। ଧର୍ମୀୟ ଚିନ୍ତା, ଚେତନା, ଲୋକକଥା, କିମ୍ବଦନ୍ତୀ, ଏସବୁକୁ ବାଦ୍‌ଦେଲେ ଅନ୍ୟ କଥାଟିଏ ଅଣସର ବିଧିର ଉଲ୍ଲେଖନୀୟ। ଶ୍ରୀଜୀଉଙ୍କ ମହାସ୍ନାନ ଯୋଗୁ ମୂର୍ତ୍ତିମାନଙ୍କର ଶ୍ରୀଅଙ୍ଗ ବିରୂପ ହୋଇଯାଏ। ଏଣୁ ଗୁମୁଟ ଘରେ ରଖି ଦିଅଁମାନଙ୍କର ସୁମୂରତି କରାଯାଏ। ଏ ସମସ୍ତ ତଥ୍ୟ ଉପରେ ଆଉ ଗୋଟିଏ ଚରମ ସତ୍ୟ। ଲୀଳାମୟଙ୍କ ଅପାର ବିଭୂତି; ତନ୍ମଧ୍ୟରୁ ଅଣସର ବାସ ଅନ୍ୟତମ। ଏହି ଲୀଳା ମଧ୍ୟ ମହାପ୍ରଭୁଙ୍କ ଭକ୍ତଜନ ଉଦ୍ଧାର ନିମନ୍ତେ। ଅନବସର ପରେ ମହାପ୍ରଭୁଙ୍କ ନବଯୌବନ ଦର୍ଶନ। ଭକ୍ତଟିଏ ବିହ୍ୱଳ। ଉର୍ଦ୍ଧ୍ୱବାହୁ ହୋଇ ଗାଉଛି,

"କଦାଚିତ୍ କାଳିନ୍ଦୀ ତଟ ବିପିନ
ସଙ୍ଗୀତ କରବୋ
ମୁଦାଭୀରୀ ନାରୀ ବଦନ କମଳ
ସ୍ୱାଦ-ମଧୁପଃ
ରମା ଶମ୍ଭୁ ବ୍ରହ୍ମା ସୁରପତି
ଗଣେଶାର୍ଚ୍ଚିତ ପଦୋ
ଜଗନ୍ନାଥଃ ସ୍ୱାମୀ ନୟନ ପଥଗାମୀ
ଭବତୁ ମେ।
ଦାରୁବ୍ରହ୍ମ ସମସ୍ତଙ୍କର ମନୋବାଞ୍ଛା ପୂର୍ଣ୍ଣ କରନ୍ତୁ, ବିଶ୍ୱର କଲ୍ୟାଣ ହେଉ। ଏତିକି ପ୍ରାର୍ଥନା।



ଅକ୍ଷୟ କୁମାର ରାଉତ
ପାରାଦ୍ୱୀପଗଡ଼, କୁଜଙ୍ଗ
ଜଗତ୍‌ସିଂହପୁର
ମୋ-୯୯୩୭୬୯୧୪୭୫

# ଜଙ୍ଗଲ ସୁରକ୍ଷା – ଜୀବନ ରକ୍ଷା

ମାତ୍ର ଜନ ସଂଖ୍ୟାର ଅଭିବୃଦ୍ଧି , କଳକାରଖାନା ମାନଙ୍କର ଅବିଶ୍ୱାସନୀୟ ପ୍ରଗତି ଫଳରେ ଆମର ଏଇ ସୁନ୍ଦର ପ୍ରାକୃତିକ ପରିବେଶ ଆଜି ବିପର୍ଯ୍ୟୟ ଶିଳ୍ପ ସଂସ୍ଥା ମାନଙ୍କ ଦ୍ୱାରା ମାଟି , ବାୟୁ ,ଜଳ ,ଶବ୍ଦ ପ୍ରଦୂଷଣ ସାଧାରଣ ଜୀବନ ପ୍ରଣାଳୀରେ ଅନେକ ସମସ୍ୟା ସୃଷ୍ଟି କରିଛି । ସେଥିପାଇଁ ଆଜିର ଜୀବ ଜଗତ, ମନୁଷ୍ୟ ଅନେକ ମହାମାରୀ ଓ ମାରାତ୍ମକ ରୋଗର ଶିକାର ହେଉଛି । ମନୁଷ୍ୟର ଉଗ୍ର ଆଧୁନିକବାଦ ଓ ବେପରୁଆ ଆଣବିକ ବିସ୍ଫୋରଣ ପ୍ରକୃତି ର ସୌନ୍ଦର୍ଯ୍ୟ ନଷ୍ଟ ଓ ଜଙ୍ଗଲର ଧ୍ୱଂସ । ଏହି ଅବକ୍ଷୟ ପ୍ରକୃତିକୁ ରକ୍ଷା ପାଇଁ ପୂର୍ବ ଯୁଗରେ ପଞ୍ଚଭୂତର ପୂଜା ସଙ୍ଗେ ସଙ୍ଗେ ରାଜା ମହାରାଜା ମାନେ ଅଭୟା ଅରଣ୍ୟ କରୁଥିଲେ । ଆଦିମ ମଣିଷ ତାର ବୃକ୍ଷ ପୂଜାକୁ ଆମ ସଂସ୍କୃତିର ମହାନ ଅଙ୍ଗ ରୂପେ ଧରି ନେଇଥିଲା । ପ୍ରଳୟ ସମୟରେ ଶୁକ୍ଳାମ୍ବର ବିଷ୍ଣୁ ବଟପୁଟ ଉପରେ ଶୟନ କରିଥିଲେ । ସେଥିପାଇଁ ବଟବୃକ୍ଷକୁ ଆଦ୍ୟ ବୃକ୍ଷ ବୋଲି କୁହାଯାଏ ।

ଇଶ୍ୱରଙ୍କ ସୃଷ୍ଟି ସୁନ୍ଦର ପ୍ରକୃତି , ତାର ପଞ୍ଚଭୂତ, ଜଳ, ସ୍ଥଳ, ବାୟୁ , ପ୍ରାଣୀ, ଉଦ୍ଭିଦ ଜଗତ ଆଦିଙ୍କ ସମଷ୍ଟିରେ ଆମର ପରିବେଶ । କେତେବେଳେ ଗ୍ରୀଷ୍ମର ରୌଦ୍ର ପଚଣ୍ଡତା ତ ମେଘର ମନ୍ଦ୍ରଧ୍ୱନି, ଶରତର ଶୁଭ୍ର ଶୋଭାତ ତ ହେମନ୍ତର କାକର, ଶୀତର ଶୀତଳତା ଓ ଋତୁରାଜ ବସନ୍ତର ମଳୟ ପବନ ବହି ଆଣେ କୋଇଲିର କୁହୁକୁହୁ ତାନ, ଷଡ଼ଋତୁ ଲୀଳାରେ ପ୍ରକୃତିର ଜୟଗାନ । ପ୍ରାକୃତିକ ସୁଷମାର ଦିଗନ୍ତବିସ୍ତାରୀ ଶସ୍ୟକ୍ଷେତ୍ର, ତରଙ୍ଗ ଶୋଭିତ ନଦୀ ସକଳ, ଘନବନାନୀ ଆଚ୍ଛାଦିତ ନଭଶ୍ଚୁମ୍ବୀ ପର୍ବତମାଳା , ହଂସ କାରଣ୍ଡକ ଆଦି ବିହଙ୍ଗମ ଶୋଭିତ ହ୍ରଦ ଓ ହ୍ରଦ ତୀର, ଆମ୍ର, ନାରୀକେଳ ପଣସାଦି ବୃକ୍ଷ ପରିପୂର୍ଣ୍ଣ ମାଳ ମାଳ ତୋଟା, ଖଜୁରୀ ଆଦି ବୃକ୍ଷ ଶୋଭିତ ପଥପାର୍ଶ୍ୱ , ଘନସନ୍ନିବିଷ୍ଟ ତୃଣରାଜି ଓ ସବୁଜ ଦ୍ରୁମଲତା ପରିଶୋଭିତ ପ୍ରକୃତିର ଏକ ନୟନାଭିରାମ ଦୃଶ୍ୟ । ମାତ୍ର ଜନ ସଂଖ୍ୟାର ଅଭିବୃଦ୍ଧି , କଳକାରଖାନା ମାନଙ୍କର ଅବିଶ୍ୱାସନୀୟ ପ୍ରଗତି ଫଳରେ ଆମର ଏଇ ସୁନ୍ଦର ପ୍ରାକୃତିକ ପରିବେଶ ଆଜି ବିପର୍ଯ୍ୟୟ ଶିଳ୍ପ ସଂସ୍ଥା ମାନଙ୍କ ଦ୍ୱାରା ମାଟି , ବାୟୁ ,ଜଳ ,ଶବ୍ଦ ପ୍ରଦୂଷଣ ସାଧାରଣ ଜୀବନ ପ୍ରଣାଳୀରେ ଅନେକ ସମସ୍ୟା ସୃଷ୍ଟି କରିଛି । ସେଥିପାଇଁ ଆଜିର ଜୀବ ଜଗତ, ମନୁଷ୍ୟ ଅନେକ ମହାମାରୀ ଓ ମାରାତ୍ମକ ରୋଗର ଶିକାର ହେଉଛି । ମନୁଷ୍ୟର ଉଗ୍ର ଆଧୁନିକବାଦ ଓ ବେପରୁଆ ଆଣବିକ ବିସ୍ଫୋରଣ ପ୍ରକୃତି ର ସୌନ୍ଦର୍ଯ୍ୟ ନଷ୍ଟ ଓ ଜଙ୍ଗଲର ଧ୍ୱଂସ । ଏହି ଅବକ୍ଷୟ ପ୍ରକୃତିକୁ ରକ୍ଷା ପାଇଁ ପୂର୍ବ ଯୁଗରେ ପଞ୍ଚଭୂତର ପୂଜା ସଙ୍ଗେ ସଙ୍ଗେ ରାଜା ମହାରାଜା ମାନେ ଅଭୟା ଅରଣ୍ୟ କରୁଥିଲେ । ଆଦିମ ମଣିଷ ତାର ବୃକ୍ଷ ପୂଜାକୁ ଆମ ସଂସ୍କୃତିର ମହାନ ଅଙ୍ଗ ରୂପେ ଧରି ନେଇଥିଲା । ପ୍ରଳୟ ସମୟରେ ଶୁକ୍ଳାମ୍ବର ବିଷ୍ଣୁ ବଟପୁଟ ଉପରେ ଶୟନ କରିଥିଲେ । ସେଥିପାଇଁ ବଟବୃକ୍ଷକୁ ଆଦ୍ୟ ବୃକ୍ଷ ବୋଲି କୁହାଯାଏ । ହରିବଂଶ ପୁରାଣରେ ଅଚ୍ୟୁତାନନ୍ଦ ବୃକ୍ଷ ପୂଜାର ମାହାତ୍ମ୍ୟ ବର୍ଣ୍ଣନା କରିଛନ୍ତି । ମହାପୁରୁଷ ଅଚ୍ୟୁତାନନ୍ଦ ଅକ୍ଷୟବଟ ମୂଳରେ ସିଦ୍ଧି ଓ ଶୂନ୍ୟ ସମାଧି ନେଇଛନ୍ତି । ଅଶ୍ୱତ୍ଥବୃକ୍ଷ ମୂଳରେ ବୁଦ୍ଧଦେବ ଦିବ୍ୟଜ୍ଞାନ ଲାଭ କରିଥିଲେ । ପ୍ରତ୍ୟେକ ଜୈନ ତୀର୍ଥଙ୍କର ଗୋଟିଏ ଲେଖାଏଁ ଦିବ୍ୟତରୁ ମୂଳରେ ତପସ୍ୟାରତ ହୋଇ ଜ୍ଞାନ ପ୍ରାପ୍ତ ହୋଇଥିଲେ । ଜୈନ ଶାସ୍ତ୍ର ମତରେ ବଟ, ସପ୍ତପର୍ଣ୍ଣ, ଶାଳ, ପ୍ରିୟଙ୍ଗୁ, ଶିରିଷ , ନାଗକେଶର, ତମ୍ବୁର, ପାଟଳିକ, ଜାମୁ ଅଶ୍ୱତଥ୍ , ଦଧିପର୍ଣ୍ଣ , ନନ୍ଦୀବୃକ୍ଷ , ତୀଳକ ତରୁ, ଚୂତ, ଅଶୋକ , ଚମ୍ପକ , ବକୁଳ ଆଦି ବୃକ୍ଷକୁ ବିଭିନ୍ନ ଜୈନ ତୀର୍ଥଙ୍କର ସହିତ ଅବତାରଣା କରାଯାଇଛି । ଉଦୟଗିରି ଓ ଖଣ୍ଡଗିରିରେ ବୃକ୍ଷ ପୂଜାର ପରମ୍ପରା ବର୍ଣ୍ଣନା କରାଯାଇଛି । ନବକଳେବରରେ ନିମ୍ବବୃକ୍ଷରୁ ଦାରୁ ଦେବତା ଓ ଦେବୀ ଦୁର୍ଗା ପୂଜାରେ ନବପତ୍ରିକା ପ୍ରଚଳନ ବୃକ୍ଷ ପୂଜାକୁ ଆହୁରି ଋଦ୍ଧିମନ୍ତ କରିଥାଏ , ତୁଳସୀ ହେଉ କି ଚନ୍ଦନ ହେଉ କି କଳସୀ ପୂଜାର ପଞ୍ଚପଲ୍ଲବ କି ଖମ୍ଭେଶ୍ୱରୀ ଦେବୀ ପୂଜା ହେଉ ସବୁତ ବୃକ୍ଷ । ପ୍ରତି ବୃକ୍ଷଲତା ଗୋଟିଏ ଗୋଟିଏ ଦେବତାଙ୍କର ପ୍ରତିନିଧି ରୂପେ ପୂଜା ପାଇଥାଆନ୍ତି । ଇନ୍ଦ୍ର ଦେବତାଙ୍କର ଖାଣ୍ଡବବନ , ରାବଣର ଅଶୋକ ବାଟିକା , ବାଳିର ମଧୁବନ, ଶ୍ରୀକୃଷ୍ଣଙ୍କର ଗିରିଗୋବର୍ଦ୍ଧନ ପୂଜା ସବୁ ତ ବନ ମହୋତ୍ସବ । ତେଣୁ ସାରା ଦେଶରେ ସରକାର ୧୯୫୦ ମସିହା ଠାରୁ ପ୍ରତି ଜୁଲାଇ ୧ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ବନ ମହୋତ୍ସବ ପାଳନ କରି ଆସୁଛନ୍ତି । ଆମ ପରିବେଶ ଓ ପ୍ରାଣୀ ଜଗତକୁ ସୁସ୍ଥ ନିରାମୟ ରଖିବାରେ ବୃକ୍ଷଲତା ଏକ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି । ଜଳଚକ୍ରର ପ୍ରମୁଖ ଭୂମିକା ଗ୍ରହଣ କରନ୍ତି ଆମ ଚତୁଃପାର୍ଶ୍ୱରେ ଥିବା ବୃକ୍ଷ ଲତା ମାନେ । ଆକଶରୁ ମେଘକୁ ବର୍ଷା କରାଇବାରେ ଏବଂ ପ୍ରାଣୀଜଗତ ପାଇଁ ବିରଳ ଔଷଧ ପ୍ରସ୍ତୁତ କରିବାରେ ବୃକ୍ଷଲତା ମାନଙ୍କର ଅବଦାନ ଗୁରୁତ୍ୱପୂର୍ଣ୍ଣ । ତେଣୁ ବୃକ୍ଷ ଆଦିମକାଳରୁ ମଣିଷର ପରମମିତ୍ର ।

ଆଗକାଳେ ଯିଏ ଘରଟି କରୁଥିଲା ସେ ପ୍ରଥମେ ଶୁଭବୃକ୍ଷ ତୁଳସୀ , ଗୁଆ, କଦଳୀ , ବେଲ ନଡ଼ିଆ ଆଦି ବୃକ୍ଷ ଲଗାଉଥିଲା । ଘରର ଅନତି ଦୂରରେ ବଜ୍ରପାତରୁ ରକ୍ଷା ପାଇଁ ତାଳଗଛ ଲଗା ଯାଉଥିଲା । ଗ୍ରହଦୋଷ ନିବାରଣ ନିମନ୍ତେ ବିଭିନ୍ନ ବୃକ୍ଷର ସାହାଯ୍ୟ ଆଦିମ ଅଧିବାସୀ ମାନେ ନେଉଥିଲେ । କିନ୍ତୁ ବର୍ତ୍ତମାନ ପରିବେଶ ଅସନ୍ତୁଳନରେ ମାନବଜାତି ଅତିଷ୍ଠ ହୋଇ ପଡ଼ିଛି । ବଣଜଙ୍ଗଲ ଘେରା ଦେଶ ଆଜି ବିପର୍ଯ୍ୟସ୍ତ ହୋଇ ପଡ଼ିଛି । ଆମ କେନ୍ଦ୍ର ଓ ରାଜ୍ୟ ସରକାର ବନ ମାନଙ୍କର ସୁରକ୍ଷା ନିମନ୍ତେ ଅନେକ ପଦକ୍ଷେପ ହାତକୁ ନେଇଛନ୍ତି । ବୃକ୍ଷଲତା ମାନଙ୍କର ଉଚିତ୍ ଦେଖାଶୁଣା ତଥା ରକ୍ଷଣାବେକ୍ଷଣ ନିମନ୍ତେ ଏହି ବନଦିବସ ବା ବନ ମହୋତ୍ସବ ସର୍ବତ୍ର ପାଳନ କରାଯାଉଛି । ବୃକ୍ଷକଟା ଓ ଜୀବଜନ୍ତୁ ଶିକାର ଉପରେ ସରକାରୀ କଟକଣା ରହିଛି । ସରକାରଙ୍କ ସାମାଜିକ ବନ ଯୋଜନା ଏକ ମହତ୍ୱପୂର୍ଣ୍ଣ ଯୋଜନା ଅଟେ । ଏହି ଯୋଜନା ପରିବେଶର ସୁରକ୍ଷା ସହିତ କିଛିଟା ବେକାରୀ ସମସ୍ୟା ଦୂର କରି ପାରୁଛି । ବନମହୋତ୍ସବ ସଫଳ ହେଲେ ସବୁଜ ସୁନ୍ଦର ଧରା ହସି ଉଠିବା କଲେ ଆମେ ମିଶି ଜଙ୍ଗଲ ସୁରକ୍ଷା ଜୀବ ଜଗତ ସର୍ବେ ହୋଇବେ ରକ୍ଷା ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୩୦ ଜୁନ୍ ୨୦୨୪ ରବିବାର





# ଭାରିଯାନ ଚଳାଚଳ ଉପରେ କଟକଣା

**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ ଜିଲ୍ଲାର ଜଲହାରପୁର ପହଙ୍ଗା ରାସ୍ତାରେ ଭାରିଯାନ ମାଧ୍ୟମରେ ବାଲି ପରିବହନ କରାଯାଉଥିବାରୁ ଗତ ୫ ମାସ ହେବ ଏହି ରାସ୍ତାର ସଂପ୍ରସାରଣ ଓ ସୁଦୃଢ଼ୀକରଣ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି । ଯାହାଫଳରେ ରାସ୍ତା ଦିନକୁ ଦିନ ଖରାପ ହେବାରେ ଲାଗିଛି । ସ୍ଥାନୀୟ ଜନସାଧାରଣଙ୍କ ଯୋଗାଯୋଗ ସୁବିଧା ଦୃଷ୍ଟିରୁ ଏହି ରାସ୍ତାର ମରାମତି ତଥା ସମ୍ପ୍ରସାରଣ କାର୍ଯ୍ୟ ଗୁରୁତ୍ୱପୂର୍ଣ୍ଣ ହୋଇପଡିଛି । ଏହାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍ ଅରିନ୍ଦମ ଡାକୁଆ କଟକ ଜିଲ୍ଲା ପରିସୀମା ଅନ୍ତର୍ଗତ ଜଲହାରପୁର ପହଙ୍ଗା ରାସ୍ତାରେ ଲଘୁ ଖଣିଜ ପଦାର୍ଥ ପରିବହନ କରୁଥିବା ଭାରି ଯାନବାହନ ଗୁଡିକର ଚଳାଚଳ ଉପରେ କଟକଣା ଲାଗୁ କରିଛନ୍ତି । ଜୁଲାଇ ୨୫ ତାରିଖ ସୁଦ୍ଧା ଏହି ରାସ୍ତାର ସମ୍ପ୍ରସାରଣ ଓ ମରାମତି କାର୍ଯ୍ୟ ଶେଷ ହେବା ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ ।

# 'ଜୈବ ବିବିଧତା ଏବଂ ପ୍ରକୃତିର ସୁରକ୍ଷା ଭବିଷ୍ୟତ ପାଇଁ ଗୁରୁତ୍ୱପୂର୍ଣ୍ଣ'

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**



ବନ୍ୟପ୍ରାଣୀ ଏବଂ ଜୈବ ବିବିଧତା ପ୍ରତି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବା ସହିତ ଏହାର ସୁରକ୍ଷା ଦିଗରେ ସଚେତନ କରିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଲୋକସେବା ଭବନ ପରିସରରେ ଶୁକ୍ରବାର ଦିନ ଏକ ଆଲୋଚନା ଅଧିବେଶନ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅନ୍ତର୍ଜାତୀୟ ସ୍ତରର ପ୍ରସିଦ୍ଧ ତଥା ଖ୍ୟାତିସମ୍ପନ୍ନ ବନ୍ୟପ୍ରାଣୀ ଫୋଟୋଗ୍ରାଫର ତଥା ମାଉଣ୍ଟେନର ଧ୍ରୀତିମାନ ମୁଖାର୍ଜୀ ଯୋଗଦେଇ, ସେ ସାମ୍ନା କରିଥିବା ଆହ୍ୱାନ ଓ ପ୍ରାକୃତିକ ଜୈବ ବିବିଧତା ସମ୍ପର୍କରେ ନିଜର ଅନୁଭୂତି ଛାତ୍ରଛାତ୍ରୀଙ୍କୁ କହିଥିଲେ । ପୃଥିବୀରେ ତଥା ଆମ ଦେଶରେ ଏଭଳି ଅନେକ ସ୍ଥାନ ଏବଂ ଗୁମ୍ଫା ଅଛି ଯେଉଁଠି ସୂର୍ଯ୍ୟକିରଣ ପହଞ୍ଚି ନଥାଏ କିନ୍ତୁ ସେହିସବୁ ସ୍ଥାନରେ କିପରି ଜୀବଜଗତ ତିଷ୍ଠି ରହିବା ସହିତ ଜୈବ ବିବିଧତାର ଏକ ଅଂଶ ହେଇପାରିଛନ୍ତି ସେ ଉପରେ ଛାତ୍ରଛାତ୍ରୀ ମାନଙ୍କୁ ବୁଝାଇଥିଲେ । ସେହିପରି ଗଭୀର ସମୁଦ୍ର ଭିତରେ ମଧ୍ୟ କିପରି ବିଭିନ୍ନ ସରୀସୃପ, ମତ୍ସ୍ୟ, ବିଭିନ୍ନ ଜର୍ଜ ପ୍ରାଣୀ ଓ ଜର୍ଜ ଉଦ୍ଭିଦ ବଞ୍ଚି ରହିଛନ୍ତି ତା' ଉପରେ ନିଜର ବିଭିନ୍ନ ଫୋଟୋଚିତ୍ର ଛାତ୍ରଛାତ୍ରୀଙ୍କୁ ଦେଖାଇଥିଲେ । ଏହାସହ ସେହି ଫଟୋଚିତ୍ର ସହ ଜଡ଼ିତ ତାଙ୍କର ବିଶେଷ ଅନୁଭୂତ ବର୍ଣ୍ଣନା କରିଥିଲେ । ପ୍ରକୃତି କିପରି ଆମମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଏବଂ ଏହାର ସୁରକ୍ଷାକୁ ନେଇ ଭବିଷ୍ୟତରେ ଛାତ୍ରଛାତ୍ରୀଙ୍କର କର୍ତ୍ତବ୍ୟ କ'ଣ, ସେ ନେଇ ଅନେକ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମ ଶେଷରେ ପ୍ରଶ୍ନୋତ୍ତର ସେସନ ଦ୍ୱାରା ଛାତ୍ରଛାତ୍ରୀଙ୍କ ମନରେ ବନ୍ୟପ୍ରାଣୀ ଏବଂ ଜୈବ ବିବିଧତାକୁ ନେଇ ଥିବା ଦ୍ୱନ୍ଦକୁ ଶ୍ରୀ ମୁଖାର୍ଜୀ ଦୂର କରିଥିଲେ । ଶ୍ରୀ ମୁଖାର୍ଜୀ ଏକ ନିମ୍ନ ମଧ୍ୟବିତ୍ତ ପରିବାରରୁ ଆସିଥିଲେ ମଧ୍ୟ ଫୋଟୋଗ୍ରାଫି ପ୍ରତି ତାଙ୍କର ଏକାନ୍ତ ନିଷ୍ଠା ତାଙ୍କୁ ଆଜି ଏହି ସଫଳତା ଆଣିଦେଇଛି । ପାରିବାରିକ ଆର୍ଥିକ ସ୍ଥିତି ଏତେଟା ସୁଦୃଢ଼ ନଥିଲେ ମଧ୍ୟ ଅନେକ ସଂଘର୍ଷ ପରେ ମଧ୍ୟ ସେ ନିଜ ଲକ୍ଷ୍ୟସ୍ଥଳରୁ ବିଚ୍ୟୁତି ହୋଇନଥିଲେ । ସେହିପରି ଜୀବନରେ କଠିନ ପରିଶ୍ରମ କରିବା ସହିତ ଲକ୍ଷ୍ୟ ପଥରୁ ନଓହରିବା ପାଇଁ ସେ ପିଲାମାନଙ୍କୁ ଉପଦେଶ ଦେଇଥିଲେ । ଏହି ଜୈବ ବିବିଧତା ସୁରକ୍ଷା କର୍ମଶାଳାରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱରର ୩୦ରୁ ଅଧିକ ବିଭିନ୍ନ ସରକାରୀ ଉଚ୍ଚ ବିଦ୍ୟାଳୟ, ଓଡ଼ିଶା ଆଇକନିକ ଆଦର୍ଶ ବିଦ୍ୟାଳୟ (ଅନ୍ଧାରୁଆ) ସମେତ ବିଭିନ୍ନ ଘରୋଇ ବିଦ୍ୟାଳୟର ୪ ଶହରୁ ଅଧିକ ଛାତ୍ରଛାତ୍ରୀ ଯୋଗଦେଇଥିଲେ ।

# ଚମ୍ପାପୁରରେ ନଳକୂପ ଅଚଳ:ପିଇବାକୁ ମିଳୁନି ସ୍ୱଚ୍ଛ ପାଣି

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି । ଏହି ସମୟରେ ବହୁ ଅଞ୍ଚଳରେ ପିଇବା ପାଣି ସମସ୍ୟା ଦେଖା ଦେଇଛି । ଯାହାକୁ ନେଇ ପାଣି ମୁନ୍ଦେ ପାଇଁ ଜନସାଧାରଣ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଭଳି ଘଟଣା ଦେଖିବାକୁ ମିଳୁଛି ଯାଜପୁର ଜିଲ୍ଲା ବଡଚଣା ବ୍ଲକ ସମିଆଁ ପଞ୍ଚାୟତସ୍ଥ ଚମ୍ପାପୁର ଓ ଏହାର ସଂଲଗ୍ନ ପଡା ଗ୍ରାମ ଭାଲୁମରା ଗ୍ରାମରେ । ଦୀର୍ଘ ଦିନ ହେବ ଏହି ଅଞ୍ଚଳରେ ପାନୀୟ ଜଳ ପାଇଁ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କେହି ଏହି ଘଟଣା ଉପରେ ଗୁରୁତ୍ୱ ଦେଉନାହାନ୍ତି । ବିଶେଷ କରି ଖରାଦିନ ସମୟରେ ଜଳସ୍ତର ଖସିଯିବା ଫଳରେ ଏହି ସମସ୍ୟା ଲାଗି ରହୁଛି । ଅନ୍ୟପକ୍ଷେ ଏହି ଦୁଇ ଗ୍ରାମକୁ ମେଗା ପାନୀୟ ଜଳ ପ୍ରକଳ୍ପ ଯୋଜନାରେ ପାଇପ୍ ବିଛା ଯାଇଛି । ଘରଘରକୁ ପାଇପ୍ ସଂଯୋଗ କରାଯାଇ ଷ୍ଟାଣ୍ଡପୋଷ୍ଟ ନିର୍ମାଣ କରାଯାଇଛି । ହେଲେ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ନହେବାରୁ ଲୋକେ ଜଳ କଷ୍ଟ ଭୋଗ କରୁଛନ୍ତି । ଏନେଇ ଗ୍ରାମବାସୀ ପଞ୍ଚାୟତ ସରପଞ୍ଚ ବିଶ୍ୱବିଜୟୀ ବ୍ରହ୍ମଙ୍କ ସହ ଯୋଗାଯୋଗ କରିଥିଲେ । ଶ୍ରୀ ବ୍ରହ୍ମ ଏହି ଘଟଣାକୁ ଗୁରୁତର ସହ ନେଇ ଟ୍ରାକ୍ଟର ଦ୍ୱାରା ପାଣି ଟ୍ୟାଙ୍କର ଯୋଗେ ଏହି ଦୁଇ ଗ୍ରାମକୁ ପାଣି ଯୋଗାଇ ଆସୁଛନ୍ତି । ଫଳରେ ପାଣି ଆସିବା ସମୟରେ ଟାକ୍ଟର ପଛରେ ଶହ ଶହ ମହିଳା ପୁରୁଷ ଲମ୍ବା ଧାଡିରେ ରହି ଗରା, ମାଠିଆ, ଡେକ୍‌ଚି ଓ ବାଲ୍ଟି ଦ୍ୱାରା ପାଣି ଘରକୁ ନେଉଛନ୍ତି । ବଡଚଣା ବ୍ଲକ ଓ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ପାନୀୟ ଜଳ ସମସ୍ୟାକୁ ଦୂର କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ସୀମାନ୍ତ ରାଇଘର ଅଞ୍ଚଳର ବିକାଶ କାର୍ଯ୍ୟ ସମୀକ୍ଷା କଲେ ମନ୍ତ୍ରୀ

**ରାଇଘର, ନ୍ୟୁଜ୍ ବ୍ୟୁରୋ**



ନବରଙ୍ଗପୁର ଜିଲ୍ଲା ସୀମାନ୍ତ ରାଇଘର ଠାରେ ବିଦ୍ୟାଳୟ ଗଣଶିକ୍ଷା, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ତଥା ଅନୁସୂଚିତ ଜାତି ଓ ଜନଜାତି ବିଭାଗର କ୍ୟାବିନେଟ୍ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଏହି ଅବସରରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ଲୋକମାନଙ୍କ ଅଭିଯୋଗ ପତ୍ର ଗ୍ରହଣ କରିବା ସହିତ ସମାଧାନ ନିମନ୍ତେ ପ୍ରତିଶୃତି ଦେଇଥିଲେ । ପରବର୍ତ୍ତି ସମୟରେ ସ୍ଥାନୀୟ ବ୍ଲକର ସମ୍ମିଳନୀ କକ୍ଷ ଠାରେ ଆୟୋଜିତ ସମୀକ୍ଷା ବୈଠକରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ବ୍ଲକ ଅଧ୍ୟକ୍ଷ ଗୁପ୍ତପ୍ରସଦ ଝାଙ୍କର ଯୋଗ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ସ୍ଥାନୀୟ ବିଡିଓ ଲକ୍ଷ୍ମୀସାଗର ମାଝୀ, ସ୍ଥାନୀୟ ତହସିଲଦାର ରୀତୁ ସିଂ, ଏଇଇ ସିଦ୍ଧାର୍ଥ ଶଙ୍କର ରଣା ପ୍ରମୁଖ ମଞ୍ଚାସୀନ ଥିଲେ । କାର୍ଯ୍ୟକ୍ରମକୁ ଏବିଡିଓ ବିଜୟ କୁମାର ସେଠୀ ପରିଚାଳନା କରିଥିଲେ । ଏହି ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇ ସ୍ଥାନୀୟ ବ୍ଲକରେ ବିଭିନ୍ନ ଯୋଜନା ମାଧ୍ୟମରେ ଚାଲିଥିବା ଉନ୍ନୟନ ମୂଳକ କାମ ବିଷୟରେ ସୂଚନା ଦେବା ସହିତ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରାଇଥିଲେ । ପ୍ରଥମେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ହାଟଭରଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସାଧିକାରୀ ଡଃ ଦଶରଥ ନାଗଙ୍କୁ ଡାକ୍ତର ସମସ୍ୟା ବିଷୟରେ ପଚାରି ବୁଝିବା ସହିତ ରାଇଘର ମୁଖ୍ୟ ଦପ୍ତର ଠାରେ ରହିଥିବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସିଏଚସି -୨ରେ ପରିଣତ କରିବାକୁ ଆବଶ୍ୟକ କାଗଜପତ୍ର ଯୋଗାଡ଼ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏ ଅଞ୍ଚଳରେ ରହିଥିବା ସ୍ୱାସ୍ଥ୍ୟ ସମସ୍ୟା ଉପରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଆଲୋଚନା କରିଥିଲେ । ସେହିଭଳି ଏ ଅଞ୍ଚଳରେ ସାରର ଅଭାବ ଓ ତାର ସମାଧାନକୁ ନେଇ କୃଷି ବିଭାଗ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ । ଏ ଅଞ୍ଚଳର ଓବିସି ଛାତ୍ରଛାତ୍ରୀଙ୍କୁ କିଭଳି ହଷ୍ଟେଲର ସୁବିଧା ଯୋଗାଇ ଦିଆଯିବ ସେ ନେଇ ମନ୍ତ୍ରୀ ଶ୍ରୀ ଗଣ୍ଡ ନବରଙ୍ଗପୁର ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ । ଏଥିସହିତ ଏ ଅଞ୍ଚଳର ବିଭିନ୍ନ ସମସ୍ୟାକୁ ଗୁରୁତ୍ୱ ଦେବା ସହିତ ୫ଟି ବିଦ୍ୟାଳୟ ଗୁଡ଼ିକର କାମ ସମ୍ପୂର୍ଣ୍ଣ କରିବାକୁ ତାଗିଦ୍ କରିଥିଲେ । ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଦେବାଗାଁ ବିଦ୍ୟାଳୟରେ ପାଇଖାନା ନିର୍ମାଣ ରାଇଘର ସ୍ୱାସ୍ଥ୍ୟକେନ୍ଦ୍ରକୁ ସିଏଚସି-୨ ମାନ୍ୟତା ଦେବା, ଓବିସି ଛାତ୍ରଛାତ୍ରୀଙ୍କୁ ହଷ୍ଟେଲ ସୁବିଧା ଯୋଗାଇ ଦେବା, ଅମୃତ ସରୋବର, ହନୁମାନ ମନ୍ଦିର ଠାରୁ କଳସୀ ମନ୍ଦିର ପର୍ଯ୍ୟନ୍ତ ରାସ୍ତା, ଭିନ୍ନକ୍ଷମ ପିଲାମାନଙ୍କ ପାଇଁ ବିଦ୍ୟାଳୟ, ବ୍ଲକ ପାଇଁ ଯାହା ଆବଶ୍ୟକ ରହିଛି ତାହାକୁ ନେଇ ବିଭିନ୍ନ ବିଭାଗର ଅଧିକାରୀ ପ୍ଲାନ୍ ପ୍ରୋଜେକ୍ଟ ତିଆରି କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ ସ୍ଥାନୀୟ ବ୍ଲକର ସମସ୍ତ ସରପଞ୍ଚ ଓ ସମିତିସଭ୍ୟ ଉପସ୍ଥିତ ଥିଲେ ।

# ସାରା ରାଜ୍ୟରେ ଚାଷୀ ସମାବେଶ କରାଯିବ:ମହେଶ୍ୱର ସାହୁ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାର ଚାଷୀମାନଙ୍କୁ ସମୃଦ୍ଧ କରିବା ସହିତ ସମସ୍ତ ବ୍ଲକରେ ଶୀତଳଭଣ୍ଡାର ପ୍ରତିଷ୍ଠା କରିବା, ଚାଷ ଜମିକୁ ଜଳସେଚିତ କରିବା ଓ ଧାନ କୁଇଣ୍ଟାଲ ପ୍ରତି ୩୧ ଶହ ଟଙ୍କା ଚାଷୀଙ୍କୁ ଦେବାକୁ ନେଇ ବିଜେପି କୃଷକ ମୋର୍ଚ୍ଚା ତରଫରୁ ସାରା ରାଜ୍ୟରେ ବ୍ୟାପକ ଭାବେ ଚାଷୀ ସମାବେଶ କରାଯାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଧନ୍ୟବାଦ ଦିଆଯିବ । ଏହାର ଶୁଭାରମ୍ଭ ଆସନ୍ତା ଜୁନ୍ ୩୦ ତାରିଖ କେନ୍ଦୁଝର ଜିଲ୍ଲାର ପ୍ରଖ୍ୟାତ ପର୍ଯ୍ୟଟନସ୍ଥଳୀ ଆନନ୍ଦପୁର ସବ୍‌ଡିଭିଜନ୍ ଅନ୍ତର୍ଗତ ଶାଳନ୍ଦୀ ଡ୍ୟାମ୍ ହଦଗଡ ଠାରେ ଅନୁଷ୍ଠିତ ହେବ । ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ୩୬ଟି ସାଂଗଠନିକ ଜିଲ୍ଲାରୁ ଦୁଇ ଶହ ଚାଷୀ ନେତାମାନେ ଯୋଗଦାନ କରିବେ ବୋଲି ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବରିଷ୍ଠ ଚାଷୀ ନେତାମାନେ ଯୋଗ ଦେବେ । ଏହି କାର୍ଯ୍ୟକ୍ରମ ପରେ ଓଡ଼ିଶାର ସମସ୍ତ ଜିଲ୍ଲା, ବ୍ଲକ ଓ ପଞ୍ଚାୟତମାନଙ୍କରେ ପ୍ରଧାନମନ୍ତ୍ରୀ ମୋଦି, ମୁଖ୍ୟମନ୍ତ୍ରୀ ମୋହନ ମାଝୀ "ଧନ୍ୟବାଦ କାର୍ଯ୍ୟକ୍ରମ"କୁ ବ୍ୟାପକ ଭାବେ କରାଯିବ ବୋଲି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ସୂଚନା ଦେଇଛନ୍ତି । ଆସନ୍ତା ଖରିଫ ଧାନକିଣା ପ୍ରାରମ୍ଭ ଦିନ ଏହି କାର୍ଯ୍ୟକ୍ରମର ସମାରୋହ ଏକ ବିଶାଳ ଚାଷୀ ସମାବେଶ ଆୟୋଜନ କରାଯିବ । ଓଡ଼ିଶାରେ "ଡବଲ ଇଞ୍ଜିନ ସରକାର" ଆସିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ଖରିଫ ଧାନ କିଣା ସମୟରେ ଧାନ କୁଇଣ୍ଟାଲ ପ୍ରତି ୩୧ ଶହ ଟଙ୍କା ଚାଷୀମାନଙ୍କୁ ଦିଆଯିବା ପାଇଁ ଘୋଷଣା କରିଥିବାରୁ କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ଧନ୍ୟବାଦ ଦେବା ସହିତ କୃତଜ୍ଞତା ଜଣାଇଛନ୍ତି ।

# କ୍ୟାନ୍‌ସରରେ ପୀଡ଼ିତ ଭଗବାନ:ଚିକିତ୍ସାରେ ଅର୍ଥ ସାଜିଛି ବାଧକ

**କୋରେଇ, ନ୍ୟୁଜ୍ ବ୍ୟୁରୋ**

କୋରେଇ ବ୍ଲକ ଅର୍ନ୍ତଗତ ପଥରପଦା ପଞ୍ଚାୟତର ବଡବରୁଣାଇପଦା ଗ୍ରାମର ମରିଚିଆ ସାହିର କାଳିଆ ମୁଣ୍ଡାଙ୍କ ପୁଅ ଭଗବାନ ମୁଣ୍ଡା ଦୁରାରୋଗ୍ୟ କର୍କଟ ରୋଗରେ ପୀଡିତ ଅଛନ୍ତି । ସ୍ଥାନୀୟ ଲୋକମାନଙ୍କ ସହାୟତାରେ ସେ ପ୍ରାଥମିକ ଚିକିତ୍ସା ପାଇବା ପରେ ଏବେ ରୋଗ ସହ ଲଢୁଛନ୍ତି । ହେଲେ ଚିକିତ୍ସାରେ ଅର୍ଥ ସାଜିଛି ବାଧକ । ଜଣେ ଦିନ ମଜୁରିଆ ଭାବେ କାର୍ଯ୍ୟକରି ପରିବାର ପ୍ରତିପୋଷଣ କରୁଥିବା ଭଗବାନ କେଉଁଠୁ ଅର୍ଥ ଆଣି ଚିକିତ୍ସିତ ହେବେ ତାହା ଏବେ ତାଙ୍କ ପାଇଁ ବଡ଼ପ୍ରଶ୍ନ ହୋଇଛି । କୌଣସି ସମାଜିକ ଅନୁଷ୍ଠାନ ବା ସହୃଦୟ ବ୍ୟକ୍ତି ଚାହିଁଲେ ସେ ଉନ୍ନତ ଚିକିତ୍ସା ପାଇପାରନ୍ତେ । ନଚେତ୍ ଅକାଳରେ ଏକ ଜୀବନ ଚାଲିଯିବାର ସମ୍ଭାବନା ସୃଷ୍ଟି ହୋଇଛି । ଅର୍ଥ ଅଭାବରୁ ଉତ୍ତମ ସେବା ପାଇପାରୁ ନାହାନ୍ତି । ତେଣୁ କେହି ତାଙ୍କୁ ସାହାଯ୍ୟର ହାତ ବଢାଇବାକୁ ଅନୁରୋଧ କରିଛନ୍ତି ଭଗବାନ ।

# କଟକ ଜିଲ୍ଲାକୁ ଶିଶୁ ଶ୍ରମିକ ମୁକ୍ତ କରିବା ନିମନ୍ତେ ଟାସ୍କ ଫୋର୍ସ ଗଠିତ



**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ ଜିଲ୍ଲାକୁ ଶିଶୁ ଶ୍ରମିକ ମୁକ୍ତ କରିବା ତଥା ଶିଶୁ ଶ୍ରମିକ ନିୟୋଜନ ବିରୋଧରେ ସଚେତନତା ଲକ୍ଷ୍ୟ ନେଇ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥର ଶୁଭାରମ୍ଭ କରାଯାଇଛି । ଅତିରିକ୍ତ ଜିଲ୍ଲାପାଳ ଉନ୍ନୟନ ଡକ୍ଟର ଦିବ୍ୟଲୋଚନ ମହାନ୍ତ ପତାକା ଦେଖାଇ ଏହି ରଥର ଶୁଭାରମ୍ଭ କରିଛନ୍ତି । ୧୪ ବର୍ଷରୁ କମ୍ ବୟସର ଶିଶୁଙ୍କୁ କୌଣସି ପ୍ରକାରର ବୃତିରେ ନିୟୋଜିତ ନକରିବା ଏବଂ ୧୫ରୁ ୧୮ ବର୍ଷ ବୟସର କିଶୋରମାନଙ୍କୁ ବିପଦଶଙ୍କୁଳ କାର୍ଯ୍ୟରେ ନିୟୋଜିତ କରିବାରୁ ନିବୃତ ରଖିବା ବାର୍ତ୍ତା ନେଇ ଏହି ରଥ ଜିଲ୍ଲାର ୧୪ଟି ଯାକ ବ୍ଲକ ପରିଭ୍ରମଣ କରିବ । ଶିଶୁ ଶ୍ରମିକ ନିୟୋଜିତ କରୁଥିବା ବ୍ୟକ୍ତିମାନଙ୍କ ନିମନ୍ତେ ଜରିମାନା ଓ ଦଣ୍ଡବିଧାନର ପ୍ରାବଧାନ ରହିଛି । ଏ ସମ୍ପର୍କରେ ଯେ କୌଣସି ସଚେତନ ନାଗରିକ ନିଃଶୁଳ୍କ ଶ୍ରମିକ ସହାୟତା ହେଲପଲାଇନ୍ ନମ୍ବର ୧୫୫୩୬୮ ଏବଂ ଚାଇଲ୍ଡ ଲାଇନ୍ ନମ୍ବର ୧୦୯୮ରେ ଅଭିଯୋଗ କରିପାରିବେ । ଜିଲ୍ଲା ପ୍ରଶାସନ ପକ୍ଷରୁ କେବଳ ଶିଶୁ ଶ୍ରମିକମାନଙ୍କୁ ଉଦ୍ଧାର କରାଯାଇନଥାଏ ବରଂ ସେମାନଙ୍କ ଉପଯୁକ୍ତ ଥଇଥାନ, ଶିକ୍ଷା ଓ ପରିବାରର ଆର୍ଥିକ ସ୍ଥିତି ଯାଞ୍ଚ କରାଯାଇ ସମସ୍ୟାର ସମାଧାନ ନିମନ୍ତେ ମଧ୍ୟ ପ୍ରୟାସ କରାଯାଇଥାଏ । ଏହି ଅବସରରେ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଶ୍ରମ ବିଭାଗ ଆନୁକୂଲ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଜିଲ୍ଲାସ୍ତରୀୟ ଶିଶୁ ଓ କିଶୋର ଶ୍ରମିକ ଆଇନ୍ ସମ୍ପର୍କିତ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଡକ୍ଟର ଦିବ୍ୟଲୋଚନ ମହାନ୍ତ ବୈଠକରେ ଅଧ୍ୟକ୍ଷତା କରି ଶିଶୁ ଶ୍ରମିକ ଭଳି ଏକ ସାମଜିକ ବ୍ୟାଧିକୁ ସମାଜରୁ ଦୂରୀଭୂତ କରିବା ନିମନ୍ତେ ଆହ୍ୱାନ ଦେଇଥିଲେ । ବିଭିନ୍ନ ସ୍ଥାନରୁ ଶିଶୁ ଶ୍ରମିକମାନଙ୍କୁ ଚିହ୍ନଟ କରିବା ନିମନ୍ତେ ଜିଲ୍ଲାସ୍ତରୀୟ ଟାସ୍କଫୋର୍ସ ଗଠନ କରାଯାଇ ଅଚାନକ ଚଢଉ କରାଯିବାକୁ ନିଷ୍ପତି ଗ୍ରହଣ କରାଯାଇଛି ।

# ଟ୍ରାକ୍ଟର ଧକ୍କାରେ ମହିଳା ମୃତ

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**

ଲାଠିରୁ ମହୁଡ଼ା ଯିବା ମୁଖ୍ୟ ରାସ୍ତାରେ ଟ୍ରାକ୍ଟର ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି । ଘଟଣାସ୍ଥଳରେ ମହିଳାଙ୍କ ମୃତଦେହ ପଡ଼ିଥିବା ହେତୁ ସ୍ଥାନୀୟ ଲୋକେ ସେଠାରେ ଭିଡ଼ ଜମାଇଛନ୍ତି । ଏ ନେଇ ସ୍ଥାନୀୟ ଲୋକେ ସଦର ଥାନା ପୁଲିସକୁ ଖବର ଦେଇଥିବା ଜଣାପଡିଛି । ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ମୃତ ମହିଳାଙ୍କ ପରିଚୟ ସ୍ପଷ୍ଟ ହେବ ବୋଲି ଜଣାପଡିଛି । ବର୍ତ୍ତମାନ ସ୍ଥାନୀୟ ଲୋକେ ଉକ୍ତ ଟ୍ରାକ୍ଟର ଡ୍ରାଇଭରକୁ କାବୁ କରି ରଖିଥିବା ସୂଚନା ରହିଛି ।

# ୧୭ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ:ବାପ-ପୁଅ ଗିରଫ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗର ସ୍ୱତନ୍ତ୍ର ଟିମ୍ ଦ୍ୱାରା ଭଦ୍ରକ ଜିଲ୍ଲା ଆଗରପଡା ଥାନାଞ୍ଚଳରୁ ୧୭ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ ହୋଇଛି । ଏଥିରେ ସମ୍ପୃକ୍ତ ବାପ ପୁଅ ଗିରଫ ହୋଇଛନ୍ତି । ଭଦ୍ରକ ଜିଲ୍ଲା ଅଗରପଡା ଥାନା ଓଡ଼ଙ୍ଗ ଗ୍ରାମର ଏକ ଫାର୍ମ ହାଉସ୍ ଭିତରୁ ଏହି ବିପୁଳ ପରିମାଣର ଗଞ୍ଜେଇ ଜବତ ହୋଇଛି । ସୂଚନାଯୋଗ୍ୟ, କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗ ଏକ ୧୨ ଜଣିଆ ଅବକାରୀ ଟିମ୍ ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ୍ ଆଗରପଡ଼ା ଥାନା ଅନ୍ତର୍ଗତ ଓଡଙ୍ଗ ଗ୍ରାମରେ ଏକ ଫାର୍ମ ହାଉସ୍‌ରେ ଅତର୍କିତ ଚଢ଼ଉ କରିଥିଲେ । ଚଢ଼ଉ ବେଳେ ୧ କୁଇଣ୍ଟାଲ ୬୦ ଗ୍ରାମ ଗଞ୍ଜେଇ ଶହ ୨ଟି ମୋବାଇଲ ଫୋନ୍ ଏବଂ ଗୋଟେ ବାଇକ୍ ଜବତ କରିଛନ୍ତି । ଏହି କାରବାରରେ ସମ୍ପୃକ୍ତ ବାପ ପୁଅଙ୍କୁ ଗିରଫ କରିଛନ୍ତି । ଦୁଇ ଜଣ ଗିରଫ ଅଭିଯୁକ୍ତ ହେଲେ-ନିରଞ୍ଜନ ମଲିକ (ବାପା) ଓ ପୁଅ ନାରାୟଣ ମଲିକ । ଜବତ ଗଞ୍ଜେଇର ମୂଲ୍ୟ ଆନୁମାନିକ ୧୭ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ଅଧିକାରୀ ମାନେ ସୂଚନା ଦେଇଛନ୍ତି । ଗତ କିଛି ଦିନ ହେବ ଏହି ବାପ-ପୁଅ ଦୁଇ ଜଣ ବେଆଇନ୍ ଭାବେ ଗଞ୍ଜେଇ କାରବାର କରୁଥିଲେ । ଏହି ଖବର କଟକ ସ୍ଥିତ କେନ୍ଦ୍ରୀୟ ଅବକାରୀ ଗୁଇନ୍ଦା ପାଇଲା ପରେ ଅତର୍କିତ ଚଢ଼ଉ କରାଯାଇଥିଲା ।

# ଟ୍ୟୁବ୍‌ଲେସ୍ ଟାୟାର ପାଇଁ ଦ୍ୱନ୍ଦ୍ୱରେ ପଡ଼ିଛି ରାଜଧାନୀ ପୋଲିସ:ଚକ୍‌ମା ଦେଖାଇ ଖସିଯାଉଛନ୍ତି

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ସହରକୁ ସୁରକ୍ଷିତ ଓ ଅପରାଧ ମୁକ୍ତ ଲାଗି ରାତିଅଧିଆ ନାକାବନ୍ଦୀ ଜାରି ରହିଛି । ସହରର ବିଭିନ୍ନ ଛକରେ ରାତିରେ ଯାଞ୍ଚ କରାଯାଉଛି । ଅମାନିଆଙ୍କୁ ଧରିବାକୁ ସ୍ପାଇକ୍ ବ୍ୟାରିଅର ବ୍ୟବସ୍ଥା ହାତକୁ ନିଆଯାଇଛି । ନାକାବନ୍ଦୀ ହେଉଥିବା ୫୦ ମିଟର ପୂର୍ବରୁ ରାସ୍ତାରେ ସ୍ପାଇକ୍ ବ୍ୟାରିଅର ଲଗାଯାଉଛି । ପୋଲିସର ଯାଞ୍ଚରୁ ଖସି ୟୁଟର୍ଣ୍ଣ ମାରି ଖସିଯିବାକୁ ଉଦ୍ୟମ କରୁଥିବା ଚାଳକ ଏଥିରେ ଫସିଯିବେ । ପ୍ରଥମ କିଛି ଦିନ ୟୁଟର୍ଣ୍ଣ ମାରି ଖସିଯାଉଥିବା ଗାଡ଼ିର ଚକରେ କଣ୍ଟା ଫୁଟିଯିବାରୁ ଗାଡ଼ି ଲିକ୍ ହୋଇଯାଇଥିଲା । କିନ୍ତୁ ଏବେ ପୋଲିସ ଲାଗି ଚିନ୍ତା ବଢ଼ାଇଛି ଟ୍ୟୁବ୍‌ଲେସ୍ ଟାୟାର । ଯାଞ୍ଚରେ ପୋଲିସ ହାବୁଡ଼ରୁ ବର୍ତ୍ତିବା ଲାଗି ୟୁଟର୍ଣ୍ଣ ମାରି ଖସି ପଳାଉଛନ୍ତି ଚାଳକ । କାରଣ ଗାଡ଼ିଗୁଡ଼ିକରେ ଟ୍ୟୁବ୍‌ଲେସ୍ ଟାୟାର ବ୍ୟବହାର କରାଯାଉଥିବାରୁ ଲିକ୍ ପରେ ବି ଚାଳପ ପଳାଉଛନ୍ତି । ଗାଡ଼ି ଲିକ୍ ହେଇଯାଉ ପଛେ ୧୦ରୁ ୧୫ ହଜାର ଟଙ୍କା ବଞ୍ଚିଯାଉଛି । ଗାଡ଼ି କିଛି କିଲୋମିଟର ଯିବା ପରେ ଟାଣିଭିଡ଼ି ଘର ଯାଏ ନେଇଯାଉଛି ଚାଳକ । ଲିକ୍ ବାବଦରେ ୨ରୁ ୩ ଶହ ଟଙ୍କା ଖର୍ଚ୍ଚ ହେଉଛି । କିନ୍ତୁ ଚାଳକର ଗାଡ଼ି ଜବତ, ଅବଶିଷ୍ଟ ଟଙ୍କା ବଞ୍ଚିବା ସହ ମାମଲା ରୁଜୁ ହେବାରୁ ମଧ୍ୟ ବର୍ତ୍ତିଯାଉଛି । ସହରରେ ଲାଗୁଥିବା ନାକା ପଏଣ୍ଟରୁ ଟ୍ୟୁବ୍‌ଲେସ୍ ଗାଡ଼ି ଚଳାଉଥିବା ଚାଳକ ଖସି ପଳାଉଥିବା ଦେଖାଯାଉଛି । ସହରର ସମସ୍ତ ଥାନା ଅଞ୍ଚଳରେ ନାକା ଲଗାଯାଇ ଯାଞ୍ଚ କରାଯାଉଛି । ମଦୁଆ ଚାଳକ କ୍ଷେତ୍ରରେ ରାତି ଅଧିଆ ଯାଞ୍ଚ ବେଶ୍ କଡ଼ାକଡ଼ି କରାଯାଉଛି । ନାକାରେ ଯାଞ୍ଚ କରିବା ଫଳରେ ମଦ ପିଇ ଗାଡ଼ି ଚଳାଉଥିବା ଚାଳକ ଧରାପଡୁଛନ୍ତି । କାହାକୁ ପିଆର୍ ଦିଆଯାଉଛି ତ ଆଉ କାହା ନାମରେ ମାମଲା ରୁଜୁ କରାଯାଉଛି । ମଦୁଆ ଚାଳକ ଯେଭଳି ଖସି ନପାରିବେ, ସେଥିଲାଗି ସ୍ପାଇକ୍ ବ୍ୟାରିଅର ବା ହାତ ତିଆରି କଣ୍ଟା ରାସ୍ତାରେ ଲଗାଯାଉଛି । ଏହି କ୍ରମରେ ଦୁଇ ସପ୍ତାହରେ ୭୦ରୁ ଅଧିକ ଗାଡ଼ି ଲିକ୍ ହୋଇଯାଇଥିଲା ।

# ଟ୍ରାକ୍ଟର ଦେବାକୁ କହି ଋଷୀଙ୍କ ଠାରୁ ଠକିନେଲେ ଲକ୍ଷେ ଟଙ୍କା

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ଟାଉନ୍ ଥାନା ଅଞ୍ଚଳରେ ରହୁଥିବା ଜଣେ ଠକ ଋଷୀଙ୍କ ଠାରୁ ଅଭିନବ ଉପାୟରେ ଠକି ଲକ୍ଷେ ଟଙ୍କା ଚଳୁ କରି ଦେଇଥିବା କେନ୍ଦୁଝର ଟାଉନ୍ ଥାନାରେ ଅଭିଯୋଗ ହୋଇଛି । ଠକ ଯୁବକ ଜଣଙ୍କ ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନା ଅଞ୍ଚଳର ହୋଇଥିବା ବେଳେ, ପୂର୍ବରୁ ତା ନାମରେ ଅନେକ ଠକେଇ ଅଭିଯୋଗ ରହିଛି । ବିଭିନ୍ନ ଜିଲ୍ଲାରେ ତା ନାମରେ ମଧ୍ୟ ମାମଲା ରହିଥିବା ପୋଲିସ ଜାଣିବାକୁ ପାଇଛି । ପୋଲିସ ଏକ ଠକେଇ ମାମଲା ରୁଜୁ କରି ଅଭିଯୁକ୍ତକୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଥିବା ଟାଉନ୍ ଥାନା ଭାରପ୍ରାପ୍ତ ଅଧିକାରୀ ରମାକାନ୍ତ ସାଏ ସୂଚନା ଦେଇଛନ୍ତି । ଠକ ଯୁବକ ସୁଶାନ୍ତ କୁମାର ଜେନା ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପରିଚାଳକ ବୋଲି କହିଥିଲା । ଋଷୀମାନଙ୍କୁ ବିଭିନ୍ନ କୃଷି ଉପକରଣ ସୁଲଭ ମୂଲ୍ୟରେ ଯୋଗାଇ ଆସୁଛନ୍ତି ବୋଲି ଲୋଭ ଦେଖାଇ ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଥାନା ଝୁମୁକାକୁଦର ଗ୍ରାମର ଋଷୀ ପରମାନନ୍ଦ ଟୁଡୁଙ୍କୁ ବାରମ୍ବାର ଯୋଗାଯୋଗ କରିଥିଲା । ତାଙ୍କ ଜରିଆରେ ଋଷୀ କୃଷି ଉପକରଣ କ୍ରୟ କରିନେଲେ ଲକ୍ଷାଧିକ ଟଙ୍କା ରିହାତି ମିଳିବ ବୋଲି ସେ ପ୍ରଲୋଭିତ କରିଥିଲା । ଫଳରେ ଶ୍ରୀ ଟୁଡୁ ଏକ ଟ୍ରାକ୍ଟର ନେବା ପାଇଁ ଆଗ୍ରହ ଦେଖାଇଥିଲେ । ଠକ ସୁଶାନ୍ତ ବୁଧବାର ଦିନ କେନ୍ଦୁଝରରେ ରହି ଋଷୀ ଶ୍ରୀ ଟୁଡୁଙ୍କୁ ଡାକିଥିଲା । ଟ୍ରାକ୍ଟର ନେବାକୁ ହେଲେ ୧ ଲକ୍ଷ ଟଙ୍କା ଜମା କରିବାକୁ ସେ କହିଥିଲା । ବ୍ୟାଙ୍କ ଅଫ୍ ଇଣ୍ଡିଆ ଚେକ୍ ମାଧ୍ୟମରେ ଟଙ୍କା ଦେବାକୁ ଶ୍ରୀ ଟୁଡୁ ରାଜି ହୋଇଥିଲେ । ମାତ୍ର ତତ୍‌କ୍ଷଣାତ ଟଙ୍କା ହେଲେ ତୁରନ୍ତ ବ୍ୟାଙ୍କରୁ ଋଣ ମଞ୍ଜୁରୀ ହୋଇପାରିବ ବୋଲି ଯୁବକ ଜଣଙ୍କ କହି ନଗଦ ଟଙ୍କା ନେବା ପାଇଁ ଯୋଜନା କରିଥିଲା । ଫଳରେ ନଗଦ ୪୯ ହଜାର ଟଙ୍କା ନେବା ପରେ ଅବଶିଷ୍ଟ ୫୦ ହଜାର ଟଙ୍କା ଫୋନ୍ ପେ ମାଧ୍ୟମରେ ସେ ଶ୍ରୀ ଟୁଡୁଙ୍କ ଠାରୁ ନେଇଥିଲା । ଟଙ୍କା ନେବା ପରେ ଅଦାଲତରେ ଏକ ସତ୍ୟପାଠର ଆବଶ୍ୟକତା ରହିଥିବା କହି ଉଭୟ କେନ୍ଦୁଝର କୋର୍ଟକୁ ଯାଇଥିଲେ । ସେଠାରେ ରେଭିନ୍ୟୁ ଷ୍ଟାମ୍ପ ଆଣିବାକୁ କହି ସୁଶାନ୍ତ ଅଦାଲତରୁ ଚମ୍ପଟ ମାରିଥିଲା । ଦୀର୍ଘସମୟ ଧରି ଋଷୀ ଶ୍ରୀ ଟୁଡୁ ଅଦାଲତରେ ଅପେକ୍ଷା କରି ନିରାଶ ହୋଇପଡିଥିଲେ । ସୁଶାନ୍ତଙ୍କୁ ଯୋଗାଯୋଗ କରିବାରୁ ତାଙ୍କର ମୋବାଇଲ ତୁରନ୍ତ ବନ୍ଦ କରିଦେଇଥିବାରୁ ସେମାନଙ୍କ ସନ୍ଦେହ ବଢ଼ିଯାଇଥିଲା । ଦୀର୍ଘସମୟ ଅପେକ୍ଷା କରିବା ପରେ ସୁଶାନ୍ତ ସହିତ ଯୋଗାଯୋଗ ହୋଇ ନପାରିବାରୁ ଶ୍ରୀ ଟୁଡୁ ବାଧ୍ୟ ହୋଇ ଟାଉନ୍ ଥାନାର ଆଶ୍ରୟ ନେଇଥିଲେ । ପୋଲିସ ଅଭିଯୋଗ ପାଇବା ପରେ ୩୪୫/୨୦୨୪ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚନା ପୁଲିସ ସଂଗ୍ରହ କରିଛି । ସେ ଜଣେ ପେଷାଦାର ଠକ ବୋଲି ପୋଲିସ ଜାଣିବାକୁ ପାଇଛି । ବାଲେଶ୍ୱର ଜିଲ୍ଲା ନୀଳଗିରି ଅଞ୍ଚଳର ବାସିନ୍ଦା ହୋଇଥିବା ବେଳେ କିଛିଦିନ ହେବ କେନ୍ଦୁଝରରେ ରହି ନିଜର ଅପରାଧିକ ସାମ୍ରାଜ୍ୟକୁ ସେ ବିସ୍ତାର କରିଚାଲିଥିଲା ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି । ଠକ ଯୁବକକୁ ଧରିବା ପାଇଁ ପୁଲିସର ଏକ ଟିମ୍ ଜିଲ୍ଲା ବାହାରକୁ ଯାଇ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଥିବା ସୂଚନା ମିଳିଛି ।

# ନିର୍ମାଣ ଓ ପୁନଃ ନିର୍ମାଣରେ କୋଟି କୋଟି ଟଙ୍କା ଖର୍ଚ୍ଚ ସତ୍ତ୍ୱେ କାମରେ ଆସୁନି କରନାଳୀ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଚାଷ ଜମିରେ ଜଳସେଚନର ସୁବିଧା ପାଇଁ କୋଟି କୋଟି ଟଙ୍କା ବ୍ୟୟ ଅଟକଳରେ କରନାଳୀ ବା କାଡା ନାଳ ନିର୍ମାଣ କରାଯାଉଛି । କେବଳ ନିର୍ମାଣ ନୁହେଁ ବରଂ ଏହାର ମରାମତି ଲାଗି ବି କୋଟି କୋଟି ଟଙ୍କା ବ୍ୟୟ କରାଯାଉଛି । ତେବେ ଏତେ ନିମ୍ନମାନର କାମ ହେଉଛି ଯେ, ଏହା ଚାଷୀଙ୍କ କାମରେ ଆଦୌ ଲାଗୁନି । ଫଳରେ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ସୂଚନାଯୋଗ୍ୟ, ଭଦ୍ରକ ଜିଲ୍ଲା ସଦର ମହକୁମାରେ ଏକ ଭଡାଘରେ ଚାଲିଛି ସେଚାଞ୍ଚଳ ଉନ୍ନୟନ (ସିଏଡି)ଙ୍କ ନିର୍ବାହୀଯନ୍ତ୍ରୀଙ୍କ ଦପ୍ତର । ଏହି ଦପ୍ତର ଅଧିନରେ ଆର୍.ଆଇ.ଡି.ଏଫ୍ ଜରିଆରେ ଚାଷ ଓ ଚାଷୀର ଉନ୍ନତି ଲାଗି ଏହି ପ୍ରକଳ୍ପ କରାଯାଇଛି । ମୁଖ୍ୟତଃ ଜଳସେଚିତ କରି ଚାଷ କାର୍ଯ୍ୟ କରାଯିବା ଏହାର ମୁଖ୍ୟ ଉଦ୍ଦେଶ୍ୟ । ଏଥିପାଇଁ ପାଣି ପଞ୍ଚାୟତ ଜରିଆରେ କୋଟି କୋଟି ଟଙ୍କା ବ୍ୟୟ କରାଯାଇ କାଡା ନାଳ (କର ନାଳୀ) ନିର୍ମାଣ ହୋଇଥିଲା ବେଳେ ଏହାକୁ ଉପଯୁକ୍ତ ଭାବେ ନିର୍ମାଣ କରାଯାଇନଥିବାରୁ ତାହା ଚାଷୀମାନଙ୍କ କାମରେ ଲାଗୁନାହିଁ । ବିଭାଗୀୟ ସୂଚନାନୁଯାୟୀ, ଭଦ୍ରକରେ ଥିବା ସେଚାଞ୍ଚଳ ଉନ୍ନୟନ (ସିଏଡି) ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଅଧିନରେ ୨୦୨୩-୨୪ ଆର୍ଥିକ ବର୍ଷରେ ବୈତରଣୀ ନଦୀ କମାଣ୍ଡରେ ଆରଆଇଡିଏଫ୍ ପ୍ରୋଜେକ୍ଟରେ ୧୩୦ ହେକ୍ଟର ଜମିରେ କର ନାଳି ବା କାଡା ନାଳ ଲାଗି ୧୧୧.୯୫ ଲକ୍ଷ ଟଙ୍କା ବ୍ୟୟ କରାଯାଇଥିବା ବେଳେ ସାଳନ୍ଦୀ ନଦୀର (ରାଇଟ୍ କେନାଲ୍)ରେ ଥିବା ୧୫୦ ହେକ୍ଟର ଚାଷ ଜମିରେ ୧୨୯.୨୨ ଲକ୍ଷ ଟଙ୍କା ବ୍ୟୟରେ ଉଭୟ ଭଦ୍ରକ ଓ କେନ୍ଦୁଝର ଜିଲ୍ଲାର ଚାଷୀଙ୍କ ଲାଗି କାଡା ନାଳ ନିର୍ମାଣ କରାଯାଇଛି । ସେହିଭଳି ସାଳନ୍ଦୀ ଲେଫ୍ଟରେ ୨୦୨୦ ହେକ୍ଟର ଚାଷଜମି ଲାଗି ୬୦୦.୯୫ ଲକ୍ଷ ଟଙ୍କା ବ୍ୟୟରେ ଉକ୍ତ ପ୍ରକଳ୍ପ କରାଯାଇଥିବା ସୂଚନା ମିଳିଛି । ଏହି କର ନାଳି ବା କାଡା ନାଳ ଦ୍ୱାରା ଭଦ୍ରକ ଜିଲ୍ଲାର ଭଦ୍ରକ, ବାସୁଦେବପୁର ଓ ବାଲେଶ୍ୱର ଜିଲ୍ଲାର ସିମୁଳିଆ ଓ ଖଇରା ବ୍ଲକ ଅଞ୍ଚଳର ଚାଷୀମାନେ ଉପକୃତ ହୋଇପାରିବେ ବୋଲି ଜଣାଯାଇଛି । ସେହିଭଳି ଉକ୍ତ ନାଳର ପୁର୍ନନିର୍ମାଣ ବାବଦକୁ ୧୧୯୪ ହେକ୍ଟର ଜମିରେ ୩୫୫.୨୧ ଲକ୍ଷ ଟଙ୍କା ବ୍ୟୟ ହୋଇଥିବା ବିଭାଗୀୟ ସୂତ୍ରରୁ ଜଣାଯାଇଛି । ଏହି କାର୍ଯ୍ୟରେ ଜଣେ ନିର୍ବାହୀ ଯନ୍ତ୍ରୀଙ୍କ ସମେତ ୨ ଜଣ ଏସଡିଓ, ୩ ଜଣ ଜେଇ, ଜଣେ ଏଇ, ହେଡକ୍ଲର୍କ ଓ ସହକାରୀ କ୍ଲର୍କ ଆଦି କାର୍ଯ୍ୟ କରୁଛନ୍ତି । ମାତ୍ର ଏହି ଦପ୍ତରରେ କାର୍ଯ୍ୟ କରୁଥିବା ଜନୈକ ଏସ୍‌ଡିଓ /ଯନ୍ତ୍ରୀ ଦୀର୍ଘବର୍ଷ ହେବ ଗାଦି ମାଡି ବସି ମିଥ୍ୟା ବିଲ୍ ଜରିଆରେ ବହୁ ଠିକାଦାରଙ୍କୁ ପୋଷି ଚାଲିଛନ୍ତି । ଏପରିକି ଲୋକମାନେ ଏହି କାର୍ଯ୍ୟାଳୟକୁ ଅଭିଯୋଗ କରିବାକୁ ଆସି ସପ୍ତାହରେ କୌଣସି ଦିନ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଦେଖିବାକୁ ପାଆନ୍ତିନାହିଁ । ଆଉ ଭଦ୍ରକ, ବାଲେଶ୍ୱର, କେନ୍ଦୁଝର ଓ ଯାଜପୁର ଜିଲ୍ଲାରେ ଏହି ପ୍ରୋଜେକ୍ଟ ଚାଲିଥିବା ଜଣାଯାଇଛି । ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏହି କର ନାଳି ବା କାଡା ନାଳରେ ଜଳସେଚିତ ହେବା ତ ଦୂରର କଥା ଏହା ସମତଳ ଓ ଅତି ନିମ୍ନମାନର କଂକ୍ରିଟ୍ ୱାଲ ନିର୍ମିତ ହୋଇଥିବାରୁ ଏହା କାର୍ଯ୍ୟରେ ଲାଗୁନି । ଭଦ୍ରକ ଜିଲ୍ଲା ଧାମନଗର ଓ ଭଣ୍ଡାରି ପୋଖରୀ ବ୍ଲକ ଅଞ୍ଚଳରେ ଏହି ଦୃଶ୍ୟ ଏକାଧିକ ସ୍ଥାନରେ ଦେଖିବାକୁ ମିଳୁଛି । ଅନେକ ସ୍ଥାନରେ ନାଳ ଦୁଇପାର୍ଶ୍ୱରେ ଥିବା କଂକ୍ରିଟ ପାଚେରୀ ଭାଙ୍ଗି ଯାଇ ନାଳର ଅସ୍ତିତ୍ୱ ଲୋପ ପାଇଗଲାଣି । ଅନେକ ସ୍ଥାନରେ ନିର୍ମାଣ କାର୍ଯ୍ୟ କେବଳ ଧର୍ମକୁ ଆଖିଠାର ମାରିବା ଭଳି କରାଯାଇଥିବାରୁ ଏଥିରେ ଦୀର୍ଘବର୍ଷ ହେବ ଗାଦି ମାଡି ବସିଥିବା ବିଭାଗୀୟ ଯନ୍ତ୍ରୀ ଓ ପାଣି ପଞ୍ଚାୟତ ନାମରେ ଠିକାଦାରୀ କରୁଥିବା ବ୍ୟକ୍ତିଙ୍କର ଆର୍ଥିକ ଫାଇଦା ହୋଇଥିବା ବେଳେ ଚାଷଜମିରେ ପାଣି ମାଡ଼ିବା ସମ୍ଭବ ହେଉନାହିଁ । ଏପରିକି ନିର୍ମାଣ ବେଳେ ମାଟିର ପତନ ସ୍ଥିର କରାଯାଇନଥିବାରୁ କେତେକ ସ୍ଥାନରେ ପାଣି ମାଡ଼ିବା ବାଧାପ୍ରାପ୍ତ ହେଉଛି । ଧାମନଗର ବ୍ଲକ ଅଧିନ କଟସାହି, ଖପରପଦା ପଞ୍ଚାୟତର ଏକାଧିକ ସ୍ଥାନ ଓ ଭଣ୍ଡାରିପୋଖରୀ ବ୍ଲକ ଅଧିନ ନାଆମୀ ପଞ୍ଚାୟତର ନାଆମୀ, ସାତଶୋଳା, ରାଜେନ୍ଦ୍ରପୁର ପଞ୍ଚାୟତର ଦେଓପଦା, ରହଣିଆ ପଞ୍ଚାୟତରେ ରାଢୋ ଆଦି ସ୍ଥାନରେ ଏଗୁଡିକ ଅବ୍ୟବସ୍ଥାର ଜ୍ୱଳନ୍ତ ନମୁନା ଦେଖିବାକୁ ମିଳିଛି । ଫଳରେ ଖରିଫ ଧାନ ଚାଷ କାମ ପାଇଁ ଜଳସେଚନ ସୁବିଧା ମିଳୁନଥିବାରୁ କାଡା ନାଳ ଉପରେ ନିର୍ଭରଶୀଳ ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କେତେକ ସ୍ଥାନରେ ଜଳସେଚନର ସୁବିଧା ନପାଇ ମଧ୍ୟ ଜଳକର ବାବଦରେ ରାଜସ୍ୱ ଆଦାୟ କରାଯାଉଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ମୁଖ୍ୟ କଥା ହେଲା, ପାଣି ପଞ୍ଚାୟତ ଗୁଡିକ ଜରିଆରେ ସେଚାଞ୍ଚଳ ଉନ୍ନୟନ ସଂସ୍ଥା (ସିଏଡି) ପକ୍ଷରୁ ଏହି କାର୍ଯ୍ୟ ଅତି ନିମ୍ନମାନର କରାଯାଇ କୋଟି କୋଟି ଟଙ୍କା ହଡପ୍ ଚାଲିଛି । ଫଳରେ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।

## ଚାଷୀଙ୍କ ମଧ୍ୟରେ ଅସନ୍ତୋଷ

# ଜାଭେଲିନ୍ ଥ୍ରୋୟର ମନୁ ସସ୍‌ପେଣ୍ଡ



**ହରିୟାଣା**

ଡୋପ୍ ଟେଷ୍ଟରେ ଆନାବୋଲିକ୍ ଷ୍ଟେରଏଡ୍ ପାଇଁ ପଜିଟିଭ ଆସିବାରୁ ଅଲିମ୍ପିକ ଆଶାୟୀ ଭାରତୀୟ ଜାଭେଲିନ ଥ୍ରୋୟର ଡି.ପି. ମନୁଙ୍କୁ ନ୍ୟାସନାଲ ଆଣ୍ଟି ଡୋପିଙ୍ଗ ଏଜେନ୍ସି(ନାଡା) ପକ୍ଷରୁ ସସ୍‌ପେଣ୍ଡ କରାଯାଇଛି । ଚଳିତ ବର୍ଷ ଏପ୍ରିଲରେ ଅନୁଷ୍ଠିତ ଇଣ୍ଡିଆନ ଗ୍ରାଁ ପ୍ରି ସମୟରେ ମନୁଙ୍କର ଡୋପ୍ ଟେଷ୍ଟ ହୋଇଥିବା କୁହାଯାଉଛି । ପୂର୍ବରୁ ମନୁଙ୍କୁ ପ୍ରତିଯୋଗିତାରୁ ଦୂରେଇ ରଖିବା ଲାଗି ନାଡା ଆଥ୍‌ଲେଟିକ୍ସ ଫେଡେରେସନ ଅଫ୍ ଇଣ୍ଡିଆ(ଏଏଫ୍ଆଇ)କୁ ନିର୍ଦ୍ଦେଶ ପ୍ରଦାନ କରିଥିବା ବେଳେ ସେ ଡୋପ୍ ଜାଲରେ ପଡ଼ିଥିବା ସନ୍ଦେହ କରାଯାଉଥିଲା । ୨୦୨୩ ଏସିଆନ ଋମ୍ପିୟନସିପ୍‌ରେ ଏକ ରୌପ୍ୟ ଜିତିଥିବା ୨୪ ବର୍ଷୀୟ ମନୁ ବିଶ୍ୱ ର୍‌ୟାଙ୍କିଂ ଭିତ୍ତିରେ ଅଲିମ୍ପିକ କ୍ୱାଲିଫାଏ କରିବା ନିଶ୍ଚିତ ଥିଲା । ମାତ୍ର ସଦ୍ୟତମ ପରିସ୍ଥିତିକୁ ନେଇ ସେ ପ୍ୟାରିସ ଗେମ୍ସରୁ ବଞ୍ଚିତ ହେବାକୁ ଯାଉଛନ୍ତି । ଗୁରୁବାରଠାରୁ ଆରମ୍ଭ ହୋଇଥିବା ଜାତୀୟ ଆନ୍ତଃରାଜ୍ୟ ଋମ୍ପିୟନସିପ୍‌ରେ ଭାଗ ନେଉଥିବା ଆଥ୍‌ଲେଟମାନଙ୍କ ପ୍ରଥମ ତାଲିକା ମଧ୍ୟରେ ଡି.ପି. ମନୁଙ୍କ ନାମ ରହିଥିଲା । ମାତ୍ର ପରେ ତାଙ୍କୁ ଏଥିରୁ ବାଦ୍ ଦିଆଯାଇଥିଲା । ଏଏଫ୍ଆଇ ସଭାପତି ଆଦିଲ ସୁମାରିୱାଲାଙ୍କୁ ଏ ବିଷୟରେ ପଚରାଯିବାରେ ପ୍ରତିଯୋଗିତାରୁ ମନୁଙ୍କୁ ବାଦ୍ ଦେବାଲାଗି ଫେଡେରେସନକୁ ନାଡା କହିଥିବା ସେ କହିଥିଲେ । ମାତ୍ର ଆଥ୍‌ଲେଟ ଜଣକ କୌଣସି ଡୋପିଙ୍ଗ ଅପରାଧ କରିଛନ୍ତି କି ନା ସେ ବିଷୟରେ କିଛି ସ୍ପଷ୍ଟ କରି ନ ଥିଲା । ଏଏଫ୍ଆଇ କାର୍ଯ୍ୟାଳୟକୁ ନାଡାରୁ ଏକ ଫୋନ୍ କଲ୍ ଆସିଥିଲା । ମନୁଙ୍କୁ ଏଣିକି ପ୍ରତିଯୋଗିତାରୁ ବାରଣ କରିବା ଲାଗି ନିର୍ଦ୍ଦେଶ ଆସିଥିଲା । ସମ୍ଭବତଃ ଏହି ଆଥ୍‌ଲେଟଙ୍କ ସମ୍ପର୍କରେ ନାଡା କୌଣସି ସୂଚନା ପାଇ ଥିଲା । ସୂଚନାଯୋଗ୍ୟ, ଗତ ମେ ୧୫ରୁ ୧୯ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଅନୁଷ୍ଠିତ ଫେଡେରେସନ କପ୍‌ରେ ମନୁ ୮୨.୦୬ ମିଟର ଥ୍ରୋ କରି ଅଲିମ୍ପିକ ଋମ୍ପିୟନ ନୀରଜ ଚୋପ୍ରାଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଥିଲେ । ପରେ ସେ ଜୁନ୍ ୧ରେ ତାଇପେ ସିଟିରେ ଅନୁଷ୍ଠିତ ତାଇୱାନ ଆଥ୍‌ଲେଟିକ୍ସ ଓପନରେ ୮୧.୫୮ମିଟର ଥ୍ରୋ କରି ସ୍ୱର୍ଣ୍ଣ ଜିତିଥିଲେ । ପ୍ୟାରିସ ଅଲିମ୍ପିକ୍ସ ପୁରୁଷ ଜାଭେଲିନ୍ ଥ୍ରୋରେ ୩୨ ଜଣ ଆଥ୍‌ଲେଟ ଭାଗ ନେବେ । ୱାର୍ଲ୍ଡ ଆଥ୍‌ଲେଟିକ୍ସ ରୋଡ୍ ଟୁ ପ୍ୟାରିସ ତାଲିକାରେ ମନୁ ୧୫ତମ ସ୍ଥାନରେ ଅଛନ୍ତି । ଯୋଗ୍ୟତା ହାସଲ ସମୟସୀମା ଜୁନ୍ ୩୦ ତାରିଖ ରହିଛି । ଚୋପ୍ରା ଓ କିଶୋର ଜେନା ଅଲିମ୍ପିକ ମାନଦଣ୍ଡ ୮୫.୫୦ ମିଟର ଅଙ୍କ ହାସଲ କରି ଆପେ ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିସାରିଛନ୍ତି । ଏକ ଅଲିମ୍ପିକ୍ସ ଟ୍ରାକ୍ ଆଣ୍ଡ୍ ଫିଲ୍ଡ ଇଭେଣ୍ଟରେ ଗୋଟିଏ ଦେଶର ସର୍ବାଧିକ ୩ଜଣ ଆଥ୍‌ଲେଟ ଅଂଶଗ୍ରହଣ କରିପାରିବେ ।

# ଟି-୨୦ ବିଜେତାଙ୍କ ଉପରେ ହେବ ଧନ ବର୍ଷା

**ନୂଆଦିଲ୍ଲୀ**

ଆଇସିସି ଟି -୨୦ ବିଶ୍ୱକପ ୨୦୨୪ ପାଇଁ ମୋଟ ୧୧.୨୫ ମିଲିୟନ ଆମେରିକୀୟ ଡଲାର ପୁରସ୍କାର ଘୋଷଣା କରାଯାଇଛି । ଭାରତୀୟ ମୁଦ୍ରାରେ ଏହି ପରିମାଣ ପ୍ରାୟ ୯୩.୫ କୋଟି ଟଙ୍କା ସହିତ ସମାନ । ସୂଚନାଯୋଗ୍ୟ, ୨୦୨୨ରେ ଅନୁଷ୍ଠିତ ଶେଷ ବିଶ୍ୱକପ ତୁଳନାରେ ଏଥର ପୁରସ୍କାର ରାଶି ପ୍ରାୟ ଦୁଇଗୁଣ ହୋଇଛି । ୨୦୨୨ରେ ପୁରସ୍କାର ରାଶି ପ୍ରାୟ ୪୬.୬ କୋଟି ଟଙ୍କା ଥିଲା । ବିଜେତା ଦଳ ଇଂଲଣ୍ଡକୁ ପୁରସ୍କାର ସ୍ୱରୂପ ପ୍ରାୟ ୧୩.୩ କୋଟି ଟଙ୍କା ପ୍ରଦାନ କରାଯାଇଥିଲା । ତେବେ ୨୦୨୪ ଟି -୨୦ ବିଶ୍ୱକପ ବିଜେତା ଦଳ କେତେ ଟଙ୍କା ପାଇବାକୁ ଯାଉଛି ।

ଟି -୨୦ ବିଶ୍ୱକପ ୨୦୨୪ର ଅନ୍ତିମ ମ୍ୟାଚ ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯାଇଥିଲା ସେମାନେ ଭାରତୀୟ ମୁଦ୍ରାରେ ପ୍ରାୟ ୨୦.୪ କୋଟି ଟଙ୍କା ପୁରସ୍କାର ରାଶି ପାଇବେ । ଅନ୍ୟପକ୍ଷରେ ରନର୍ ଅପ ଦଳ ପ୍ରାୟ ୧୦.୬ କୋଟି ଟଙ୍କା ପୁରସ୍କାର ରାଶି ପାଇବ । ଟି-୨୦ ବିଶ୍ୱକପ ୨୦୨୪ରେ ପଏଣ୍ଟ ଟେବୁଲରେ ସର୍ବନିମ୍ନ ଦଳକୁ ମଧ ପୁରସ୍କାର ରାଶି ଦିଆଯିବ । ସେମିଫାଇନାଲରେ ହାରିଥିବା ଦଳକୁ ମଧ ଟଙ୍କା ଦିଆଯିବ । ସେହି ଉଭୟ ଦଳ ୬.୫କୋଟି ଟଙ୍କା ପାଇବାକୁ ଯାଉଛନ୍ତି ।

ଟି-୨୦ ବିଶ୍ୱକପ ୨୦୨୪ର ସୁପର -୮ରେ ପହଞ୍ଚିଥିବା ପ୍ରତ୍ୟେକ ଦଳକୁ ପ୍ରାୟ ୩.୧୯ କୋଟି ଟଙ୍କା ପ୍ରଦାନ କରାଯିବ । ଗ୍ରୁପ ପର୍ଯ୍ୟାୟରେ ହଟାଯାଇଥିବା ଦଳଗୁଡିକ ପୁରସ୍କାର ରାଶି ପାଇବେ । ଗ୍ରୁପ ପର୍ଯ୍ୟାୟରେ, ପ୍ରତ୍ୟେକ ଦଳ ନିଜ ଗ୍ରୁପରେ ତୃତୀୟ ସ୍ଥାନରେ ରହି ୨.୫ କୋଟି ଟଙ୍କା ପାଇବେ । ପଏଣ୍ଟ ଆଧାରରେ ୧୩ ରୁ ୨୦ତମ ସ୍ଥାନରେ ଥିବା ଦଳଗୁଡିକର ପ୍ରତ୍ୟେକ ଦଳକୁ ୧.୮୭କୋଟି ଟଙ୍କା ପ୍ରଦାନ କରାଯିବ ।

**ପ୍ରତ୍ୟେକ ମ୍ୟାଚ ଜିତିବା ପାଇଁ ୨୬ ଲକ୍ଷ ଟଙ୍କା ମିଳିବ**

ଏହା ବ୍ୟତୀତ ଦଳଗୁଡିକ ଟି -୨୦ ବିଶ୍ୱକପ ୨୦୨୪ରେ ଏକ ମ୍ୟାଚ ଜିତିବା ପାଇଁ ପୃଥକ ଭାବରେ ୨୬ ଲକ୍ଷ ଟଙ୍କା ପାଇବେ । ଯଦି କୌଣସି ଦଳ ଟୁର୍ଣ୍ଣାମେଣ୍ଟରେ କେବଳ ଗୋଟିଏ ମ୍ୟାଚ ଜିତନ୍ତି, ତେବେ ଏହାକୁ ପୃଥକ ଭାବରେ ୨୬ ଲକ୍ଷ ଟଙ୍କା ମିଳିବ । ୨ ଟି ମ୍ୟାଚ ଜିତିଥିବା ଦଳକୁ ୫୨ ଲକ୍ଷ ଟଙ୍କା ଦିଆଯିବ । ଏହିପରି, ଟିମ ଇଣ୍ଡିଆ ଏବଂ ଦକ୍ଷିଣ ଆଫ୍ରିକା ଉପରେ ଟଙ୍କା ବର୍ଷା ହେବାକୁ ଯାଉଛି କାରଣ ଉଭୟ ଦଳ ସର୍ବାଧିକ ମ୍ୟାଚ ଜିତିଛନ୍ତି ।

# ପୁରସ୍କାର ପାଇଁ ଖର୍ଚ୍ଚ ହୋଇଛି ୯୩ କୋଟି ଟଙ୍କା

**ନୂଆଦିଲ୍ଲୀ**

ଭାରତୀୟ ଦଳ ୧୦ବର୍ଷ ପରେ ଟି-୨୦ ବିଶ୍ୱକପ ଫାଇନାଲରେ ଏଣ୍ଟ୍ରି କରିଛି ଭାରତ । ଶେଷ ଥର ପାଇଁ ୨୦୧୪ରେ ଫାଇନାଲରେ ପହଞ୍ଚିଥିଲା । ମାତ୍ର ଫାଇନାଲରେ ଶ୍ରୀଲଙ୍କା ଦ୍ୱାରା ପରାଜୟର ସମ୍ମୁଖୀନ ହେବାକୁ ପଡିଥିଲା ଏଥର ଟି-୨୦ ମ୍ୟାଚ୍ ଆମେରିକା ଏବଂ ୱେଷ୍ଟଇଣ୍ଡିଜରେ ଖେଳାଯାଉଛି । ଏଥିରେ ମୋଟ ୨୦ଟି ଦଳ ଅଂଶଗ୍ରହଣ କରିଛନ୍ତି । ସମସ୍ତଙ୍କୁ ପରାଜିତ କରି ଭାରତ ଏବଂ ଦକ୍ଷିଣ ଆଫ୍ରିକା ଫାଇନାଲରେ ଏଣ୍ଟ୍ରି କରିଛନ୍ତି । ତେବେ ଶନିବାର ଭାରତ ଓ ଦ.ଆଫ୍ରିକା ମଧ୍ୟରେ ଏକ ଧୂଆଁଧାର ମ୍ୟାଚ୍ ଦେଖିବାକୁ ମିଳିଛି ।

ଟି-୨୦ ଏଥର ଐତିହାସିକ ହେବାକୁ ଯାଉଛି । କାରଣ ଏପର୍ଯ୍ୟନ୍ତ ଖେଳାଯାଇଥିବା ସମସ୍ତ ବିଶ୍ୱକପ ତୁଳନାରେ ଏଥର ସର୍ବାଧିକ ପୁରସ୍କାର ରାଶି ରଖାଯାଇଛି । ଆଇସିସି ଅନୁଯାୟୀ ଟି-୨୦ ବିଶ୍ୱକପର ନବମ ସଂସ୍କରଣ ପାଇଁ ମୋଟ ୧୧.୨୫ ମିଲିୟନ ଆମେରିକୀୟ ଡଲାରର ପାଣ୍ଠି ଆବଣ୍ଟନ କରାଯାଇଛି । ଭାରତୀୟ ଟଙ୍କା ହିସାବରେ ଏହା ପ୍ରାୟ ୯୩.୮୦ କୋଟି ଟଙ୍କା ।

ତେବେ ଫାଇନାଲ ମ୍ୟାଚ୍‌ରେ ଯେଉଁ ଦଳ ବିଶ୍ୱକପ୍ ଜିତିବେ ସେ ୨.୪୫ ମିଲିୟନ ଆମେରିକୀୟ ଡଲାର ପୁରସ୍କାର ରାଶି ପାଇବେ । ଯାହା ଭାରତୀୟ ଟଙ୍କାରେ ପ୍ରାୟ ୨୦.୪୨ କୋଟି ଅଟେ । ଏହା ବ୍ୟତୀତ ଏକ ବିଜେତା ଟ୍ରଫି ମଧ ପାଇବେ । ଅନ୍ୟପକ୍ଷରେ ରନର୍ସଅପ ଦଳ ପାଇଁ ମଧ ବିପୁଳ ପୁରସ୍କାର ରାଶି ସ୍ଥିର କରାଯାଇଛି । ସବୁଠାରୁ ବଡ଼ କଥା ହେଉଛି ବିଶ୍ୱକପରେ ପରାଜିତ ଦଳକୁ ମଧ ୧.୨୮ ମିଲିୟନ ଡ଼ଲାର ବା ୧୦.୬୭ କୋଟି ଟଙ୍କା ମିଳିବ ।

ତେବେ ଆମେ ଟି-୨୦ ବିଶ୍ୱକପ ବିଜେତା ଏବଂ ରନର୍ସଅପ ବିଷୟରେ କହିଲେ । କିନ୍ତୁ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରୁଥିବା ସମସ୍ତ ଦଳ ପାଇଁ ମଧ ଭଲ ପରିମାଣର ପୁରସ୍କାର ରାଶି ସ୍ଥିର କରାଯାଇଛି । ଉଦାହରଣ ସ୍ୱରୂପ, ସେମିଫାଇନାଲରୁ ହଟାଯାଇଥିବା ଦଳ ପାଇଁ ୭୮୭,୫୦୦ ଡଲାରର ପରିମାଣ ସ୍ଥିର କରାଯାଇଛି । ତେଣୁ ସୁପର ୮ରେ ହଟାଯାଇଥିବା ଦଳଗୁଡିକ ୩୮୨,୫୦୦ଡଲାର କିମ୍ବା ୩.୮ କୋଟି ଟଙ୍କା ପାଇବେ । ସେହିଭଳି ନବମରୁ ଦ୍ୱାଦଶ ତମ ସ୍ଥାନରେ ଥିବା ଟିମ୍‌ଙ୍କୁ ୨୪୭,୫୦୦ ଡଲାର କିମ୍ବା ୨.୬ କୋଟି ଟଙ୍କା ମିଳିବ । ସେହିପରି ୧୩ରୁ ୨୦ ତମ ଥିବା ଦଳଗୁଡିକ ୧.୮୭ କୋଟି ଟଙ୍କା ପୁରସ୍କାର ରାଶି ପାଇବେ ।

ପୁରସ୍କାର ରାଶି ବ୍ୟତୀତ, ଆପଣ ପ୍ରତ୍ୟେକ ମ୍ୟାଚ ଜିତିବା ପାଇଁ ମଧ ଟଙ୍କା ପାଇବେ । ଆଇସିସି ଅନୁଯାୟୀ, ପ୍ରତ୍ୟେକ ମ୍ୟାଚ ଜିତିବା ପାଇଁ ଦଳ ୨୬ଲକ୍ଷ ଟଙ୍କା ପାଇବେ । ତେବେ ଏଥିରେ ସେମିଫାଇନାଲ କିମ୍ବା ଫାଇନାଲ ମ୍ୟାଚ (ଆଇସିସି ଟି -୨୦ ବିଶ୍ୱକପ) ଅନ୍ତର୍ଭୁକ୍ତ କରାଯାଇ ନାହିଁ ।

ପ୍ରତ୍ୟେକ ଟୁର୍ଣ୍ଣାମେଣ୍ଟର ପୁରସ୍କାର ରାଶି ସ୍ଥିର କରିବାବେଳେ ଆଇସିସି ଅନେକଗଡିଏ ଜିନିଷ ଧ୍ୟାନରେ ରଖିଥାଏ । ସେହି ଟୁର୍ଣ୍ଣାମେଣ୍ଟର ରାଇଟ୍ସ ଏବଂ କେତେ ପ୍ରଯୋଜକ ଜଡିତ ତାକୁ ମଧ ଧ୍ୟାନରେ ରଖିଥାନ୍ତି । ଡିଜନି ପ୍ଲସ ହଟଷ୍ଟାର ଅନୁଯାୟୀ, ଏଥର ୧୯ ଟି କମ୍ପାନୀ ଟି-୨୦ ବିଶ୍ୱକପରେ ପ୍ରାୟୋଜକ ଅଛନ୍ତି ।

# ସିଲି ପଏଣ୍ଟ : ନୂଆ ଲୁକ୍‌ରେ ଧୋନି





**ସିଲିପଏଣ୍ଟ**

ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂହ ଧୋନି ଏବେ ପୁଣି ଏକ ନୂଆ ଲୁକ୍‌ରେ ଆସିଛନ୍ତି । ସେଲିବ୍ରିଟି ହେୟାର ଷ୍ଟାଇଲିଷ୍ଟ ଆଲିମ୍ ହାକିମ୍ ସାମାଜିକ ଗଣମାଧ୍ୟମରେ ଧୋନିଙ୍କ ନୂଆ ଲୁକ୍‌ର ଏକ ଫଟୋ ସେୟାର କରିଛନ୍ତି, ଯାହାକୁ ତାଙ୍କ ପ୍ରଶଂସକମାନେ ବହୁମାତ୍ରାରେ ପସନ୍ଦ କରିଛନ୍ତି । କେତେକ ଏହି ନୂଆ ଷ୍ଟାଇଲ୍ ପାଇଁ ତାଙ୍କୁ ପ୍ରଶଂସା କରିଥିଲା ବେଳେ ପୂର୍ବାପେକ୍ଷା ସେ ଅଧିକ ଯୁବ ସୁଲଭ ହୋଇଯାଇଥିବା ପ୍ରତିକ୍ରିୟା ଦେଇଛନ୍ତି । ଆଇପିଏଲ୍ ସମୟରେ ଧୋନୀ ଲମ୍ବା ଚୁଟି ରଖୁଥିବା ଦେଖାଯାଇଥିଲା ବେଳେ ଏବେ ସେ ଛୋଟ ଚୁଟି ରଖିଛନ୍ତି ।

ଆଲିମ ହାକିମ ହେଉଛନ୍ତି ଧୋନିଙ୍କ ନିୟମିତ ହେୟାର ଷ୍ଟାଇଲିଷ୍ଟ । ମଝିରେ ମଝିରେ ସେ ଧୋନିଙ୍କ ନୂଆ ଲୁକ୍‌ର ଫଟୋକୁ ସାମାଜିକ ଗଣମାଧ୍ୟମରେ ପୋଷ୍ଟ୍ କରିଥାନ୍ତି । ଧୋନି ମଧ ତାଙ୍କ ପ୍ରଶଂସକଙ୍କ ପାଇଁ ଚୁଟି ମାଧ୍ୟମରେ ଭଲ ଦେଖାଯିବା ପାଇଁ ନୂଆ ନୂଆ ଲୁକ୍‌ରେ ଆସୁଛନ୍ତି । ପୂର୍ବରୁ ଚୁଟି ସଜାଡ଼ିବାକୁ ତାଙ୍କୁ ଯେଉଁଠି ୨୦ ମିନିଟ୍ ସମୟ ଲାଗୁଥିଲା, ଏବେ ସେଠାରେ ଘଣ୍ଟାଏ ୧୦ ମିନିଟ୍ ସମୟ ଲାଗୁଥିବା ଧୋନି ଏକ ସାକ୍ଷାତକାରରେ କହିଥିଲେ । ତେବେ ପ୍ରଶଂସକମାନେ ଏଭଳି ଲୁକ୍‌କୁ ପସନ୍ଦ କରୁଥିବାରୁ ସେ ହେୟାର ଷ୍ଟାଇଲ୍‌କୁ ନିୟମିତ ଅନ୍ତରାଳରେ ପରିବର୍ତ୍ତନ କରୁଛନ୍ତି । କିନ୍ତୁ ଏମିତି ଏକ ଦିନ ଆସିବ, ଯେତେବେଳେ ସକାଳୁ ଉଠିବି ଓ ବାସ୍ ଏତିକି କହିବା ସହ ସବୁ ଚୁଟି କାଟିଦେବି ବୋଲି ଉକ୍ତ ସାକ୍ଷାତକାରରେ କହିଥିଲେ ।

# ଟିମ ଇଣ୍ଡିଆକୁ ଗୁରୁଦକ୍ଷିଣା ମାଗିଲେ ରାହୁଲ ଦ୍ରାବିଡ

**ବାର୍ବୋଡାସ୍**

ବିଶ୍ୱକପର ଫାଇନାଲରେ ଶନିବାର ବାର୍ବୋଡାସ୍‌ର ବ୍ରିଜ୍‌ଟୋନର କେସିଙ୍ଗଟୋନ ଓଭାଲରେ ଟିମ ଇଣ୍ଡିଆ ଏବଂ ଦକ୍ଷିଣ ଆଫ୍ରିକା ମୁହାଁମୁହିଁ ହେବା ପୂର୍ବରୁ ଟିମ ଇଣ୍ଡିଆକୁ କୋଚ ରାହୁଲ ଦ୍ରାବିଡ ଗୁରୁଦକ୍ଷିଣା ମାଗିଛନ୍ତି ।

ଏହି ମ୍ୟାଚ ଭାରତର ମୁଖ୍ୟ ପ୍ରଶିକ୍ଷକ ରାହୁଲ ଦ୍ରାବିଡଙ୍କ କୋଚ ଭାବରେ ଶେଷ ମ୍ୟାଚ୍ ଭାରତୀୟ ଦଳ ମଧ ଏହି ମ୍ୟାଚ ଜିତି ତାର କୋଚ୍‌ଙ୍କୁ ଏକ ଫୋରଲେ ଦେଖିବାକୁ ଋହୁଁଛି । ରାହୁଲ ଦ୍ରାବିଡ ମଧ ଦଳକୁ ଗୁରୁଦକ୍ଷିଣା ମାଗିଛନ୍ତି ।



ରାହୁଲ ଦ୍ରାବିଡଙ୍କ କୋଚିଂରେ ଭାରତୀୟ ଦଳ ୨୦୨୨ ଟି-୨୦ ବିଶ୍ୱକପରେ ସେମିଫାଇନାଲରେ ପ୍ରବେଶ କରିଥିଲେ । ଏହା ପରେ ରାହୁଲ ଦ୍ରାବିଡ ୨୦୨୨ ଦିନିକିଆ ବିଶ୍ୱକପରେ ଭାରତକୁ ଫାଇନାଲକୁ ନେଇଥିଲେ । ୨୦୨୩ ମସିହାରେ ରାହୁଲ ଦ୍ରାବିଡଙ୍କ ନେତୃତ୍ୱରେ ଭାରତ ବିଶ୍ୱ ଟେଷ୍ଟ ଋମ୍ପିଅନସିପର ଫାଇନାଲ ଖେଳିଥିଲା । ତେବେ ଉଭୟ ଫାଇନାଲ ମ୍ୟାଚରେ ଭାରତକୁ ପରାଜୟର ସାମ୍ନା କରିବାକୁ ପଡିଥିଲା ।

ଗତ ଏକ ବର୍ଷ ମଧ୍ୟରେ ଭାରତ ବିଶ୍ୱ ଟେଷ୍ଟ ଋମ୍ପିଅନସିପ ଏବଂ ଏକଦିବସୀୟ ବିଶ୍ୱକପ୍‌ର ଅନ୍ତିମ ମ୍ୟାଚ ହାରିଛି । ଏଭଳି ପରିସ୍ଥିତିରେ ଗତ ଦୁଇଟି ମ୍ୟାଚ୍‌ର ପରାଜୟକୁ ଭୁଲିଯିବା ଏବଂ କ୍ରିକେଟ ପ୍ରଶଂସକଙ୍କୁ ବିଜୟର ଉପହାର ଦେବାର ସୁଯୋଗ ଟିମ ଇଣ୍ଡିଆ ପାଖରେ ରହିଛି ।

## ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ

# ପ୍ରତିଷ୍ଠା ହେବ ନୂତନ ଶିକ୍ଷା କେନ୍ଦ୍ର ଓ ଭାଷା ପରୀକ୍ଷାଗାର

**ଭୁବନେଶ୍ୱର : ନ୍ୟୁଜ୍ ବ୍ୟୁରୋ**

ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗର ୧୦୦ ଦିନିଆ ଯୋଜନା ଅଧୀନରେ ସହରସ୍ଥିତ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ (ଏଟିଏସି) ପାଇଁ ଏକ ନୂତନ ଏକାଡେମିକ୍ ସେଣ୍ଟର ଏବଂ ଭାଷା ପରୀକ୍ଷାଗାର ପ୍ରତିଷ୍ଠା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ସହର ଉପକଣ୍ଠସ୍ଥ ଗୋଠପାଟଣାରେ ପ୍ରସ୍ତାବିତ ଆଦିବାସୀ ଭବନ ନିକଟରେ ଏଟିଏଲସି ପାଇଁ ଏକ ନୂତନ ଏକାଡେମିକ୍ ସେଣ୍ଟର ଏବଂ ଭାଷା ପରୀକ୍ଷାଗାର ବିକଶିତ କରାଯିବ । ପ୍ରସ୍ତାବିତ ଏହି ଆଦିବାସୀ ଭବନରେ ଆଦିବାସୀ କଳା, ସଂସ୍କୃତି ଏବଂ ବିକାଶର ସଭା, ସମ୍ମିଳନୀ, ପ୍ରଦର୍ଶନ ଏବଂ ପ୍ରଦର୍ଶନୀ ପାଇଁ ଏକ ବହୁମୁଖୀ କେନ୍ଦ୍ର ଯୋଜନା କରାଯାଇଛି । ଏଟିଏସିର ୧୦୦ ଦିନିଆ ଯୋଜନା ପ୍ରସ୍ତୁତ ହୋଇଛି । ଓଡ଼ିଶାରେ ବର୍ତ୍ତମାନ ୬୪ଟି ଜନଜାତି ଓ ୧୩ଟି ଆଦିମ ଜନଜାତି ଗୋଷ୍ଠୀ ରହିଛନ୍ତି । ସେମାନଙ୍କ ଲୋକକଥା, ସଂସ୍କୃତି ଓ ପରମ୍ପରା, ଜୀବନୀ, ରୋଷେଇ, ଅଭିଧାନ, ଗୀତ, ଲୋକଗୀତ, ଉପନ୍ୟାସ, ଦକ୍ଷତା ମଡ୍ୟୁଲ ଓ ବହୁଭାଷୀ ଶିକ୍ଷା ଓ ସଶକ୍ତିକରଣ ପାଇଁ ଇଚ୍ଛୁକ ଏଟିଏ ଭୁବନେଶ୍ୱରର କେନ୍ଦ୍ରସ୍ଥଳରେ ଏକମାତ୍ର ଗନ୍ତବ୍ୟସ୍ଥଳ । ଏହାର ଅନ୍ୟତମ ଶ୍ରେଷ୍ଠ ପୁସ୍ତକ ହେଉଛି 'ଓଡ଼ିଶାର ଆଦିବାସୀ ଆଟଲାସ' । ଏଟିଏସି ହେଉଛି ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ଅଧୀନରେ ଥିବା ଏକ ପ୍ରମୁଖ ସ୍ୱୟଂ ଶାସିତ ଅନୁଷ୍ଠାନ । ଏହା ପୂର୍ବରୁ ଆଦିବାସୀ ଉପଭାଷା ଓ ସଂସ୍କୃତି ଏକାଡେମୀ (ଏଟିଡିସି) ନାମରେ ପରିଚିତ ଥିଲା । ୧୯୭୯ରେ ସ୍ଥାପିତ ଏଟିଡିସିକୁ ପରବର୍ତ୍ତୀ ସମୟରେ ୨୦୦୭-୨୦୦୮ରେ ଏହାକୁ ଏଟିଏସି ନାମରେ ନାମିତ କରାଯାଇଯାଇଥିଲା । ବର୍ତ୍ତମାନ ଏହା ଭୁବନେଶ୍ୱର ୟୁନିଟ୍-୧ସ୍ଥିତ ଆଦିବାସୀ ପ୍ରଦର୍ଶନୀ ପଡ଼ିଆରୁ କାର୍ଯ୍ୟ କରୁଛି । ଗବେଷଣା ଏବଂ ପ୍ରକାଶନ ବ୍ୟତୀତ ଏଟିଏସି ଏକ ବହୁମୁଖୀ ବର୍ଷବ୍ୟାପୀ କାର୍ଯ୍ୟକଳାପରେ ନିୟୋଜିତ ଅଛି । ଏକାଡେମୀ ପକ୍ଷରୁ ବିଭିନ୍ନ ଆଦିବାସୀ ଉପଯୋଜନା (ଟିଏସପି) ଅଞ୍ଚଳରେ ଭାଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ତୃଣମୂଳସ୍ତରର କର୍ମଚାରୀ ଓ ଶିକ୍ଷକଙ୍କୁ ଭାଷା କୌଶଳ ପ୍ରଦାନ ସହ ଆଦିବାସୀ ଭାଷା ବିଷୟରେ ସେମାନଙ୍କ ଜ୍ଞାନ ବୃଦ୍ଧି କରାଯାଉଛି । ବିଭିନ୍ନ କ୍ଷେତ୍ରରେ ୧୦ ଜଣ ଜନଜାତି ପ୍ରତିଭାଙ୍କୁ ବାର୍ଷିକ ଆଦିବାସୀ ମେଳାରେ 'ଉତ୍କୃଷ୍ଟ ଆଦିବାସୀ ପ୍ରତିଭା' ଭାବେ ସମ୍ବର୍ଦ୍ଧିତ କରାଯାଉଛି । ବିଭାଗୀୟ ସଚିବ ରୂପା ରୋଶନ ସାହୁ କହିଛନ୍ତି ଯେ, ଆଦିବାସୀ ମେଳାରେ ସଫଳତା ହାସଲ କରିଥିବା ଜନଜାତିଙ୍କୁ ଏଟିଏଲସି ପକ୍ଷରୁ ସମ୍ମାନିତ କରାଯିବା ପ୍ରଶଂସନୀୟ । ବର୍ତ୍ତମାନ ଏକାଡେମୀ ବିଭିନ୍ନ ବର୍ଗରେ ୯ଟି ବିଭିନ୍ନ ଆଦିବାସୀ ଭାଷାର ୧୭୨ ଜଣ ଆଦିବାସୀ ଲେଖକଙ୍କ ପାଣ୍ଡୁଲିପି ସଂଗ୍ରହ କରି ପ୍ରକାଶନ କରୁଛି ।

# ଏଣିକି ତଥ୍ୟ ଦେବେ ସବୁ ଘରୋଇ ହସ୍ପିଟାଲ

**ଭୁବନେଶ୍ୱର : ନ୍ୟୁଜ୍ ବ୍ୟୁରୋ**

ଏଣିକି ରୋଗୀ, ରୋଗ ଓ ଚିକିତ୍ସା ସମ୍ପର୍କରେ ସମସ୍ତ ତଥ୍ୟ ଦେବେ ଘରୋଇ ହସ୍ପିଟାଲ । ଏହା ନକରିବା ଯୋଗୁଁ ସ୍ୱାସ୍ଥ୍ୟ ବିଭାଗ ବହୁ ସମୟରେ ସମାଲୋଚିତ ହେଉଛି । ଚଳିତ ବର୍ଷ ଯେପରି ଏମିତି ପରିସ୍ଥିତି ସୃଷ୍ଟି ନହୁଏ ସେଥିପାଇଁ ତତ୍ପରତା ପ୍ରକାଶ କରିଛି ସ୍ୱାସ୍ଥ୍ୟ ବିଭାଗ । ଚିକିତ୍ସା ପାଇଁ ଭର୍ତ୍ତି ହେଉଥିବା ରୋଗୀ, ସେମାନଙ୍କ ଚିକିତ୍ସା ଓ ମୃତ୍ୟୁର କାରଣ ସମ୍ପର୍କରେ ତଥ୍ୟ ଦେବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି । ପୂର୍ବରୁ ଏ ସମ୍ପର୍କରେ ନିର୍ଦ୍ଦେଶନାମା ଜାରି କରାଯାଇଥିଲା ଓ ସେହି ଆଧାରରେ କାର୍ଯ୍ୟ କରିବାକୁ ଘରୋଇ ହସ୍ପିଟାଲକୁ ଅବଗତ କରାଯାଇଥିଲା । ହେଲେ ଏ ସମ୍ପର୍କରେ କୌଣସି ଘରୋଇ ହସ୍ପିଟାଲ ପଦକ୍ଷେପ ନେଇନଥିଲେ । ଏହାଦ୍ୱାରା ଅନେକ ସମୟରେ ସ୍ୱାସ୍ଥ୍ୟ ବିଭାଗ ସଠିକ୍ ତଥ୍ୟ ଆକଳନ କରିପାରୁନାହିଁ । ଅନେକ ସମୟରେ ତଥ୍ୟରେ ତାଳମେଳ ରହୁନାହିଁ । ରାଜ୍ୟରେ ହେପାଟାଇଟିସ୍, ଡେଙ୍ଗୁ, ମେଲେରିଆ, ଜାପାନିଜ ଏନସେଫାଲାଇଟିସ୍, ଯକ୍ଷ୍ମା ଆଦି ବିଭିନ୍ନ ରୋଗ ସମ୍ପର୍କରେ ତଥ୍ୟ ପ୍ରଦାନ ନିମନ୍ତେ ଘରୋଇ ହସ୍ପିଟାଲକୁ ନିର୍ଦ୍ଦେଶ ରହିଛି । କେତେ ରୋଗୀ ଏବଂ କେଉଁ ଅଞ୍ଚଳରୁ ଭର୍ତ୍ତି ହେଲେ ତା'ର ତଥ୍ୟ ସ୍ୱାସ୍ଥ୍ୟ ବିଭାଗକୁ ଜଣାଇବେ । ଯଦି କୌଣସି ରୋଗୀଙ୍କ ମୃତ୍ୟୁ ହେଉଛି ଏହାର କାରଣ ମଧ ଜଣାଇବେ ।

# ମହିଳାଙ୍କୁ ଘରୁ ଉଠାଇ ନେଇ ଜଙ୍ଗଲରେ ମାଡ଼

**ବଇଣ୍ଡା : ନ୍ୟୁଜ୍ ବ୍ୟୁରୋ**

ଠାକୁରଗଡ଼ ଥାନା ଅନ୍ତର୍ଗତ ସାନଦାଦର ଗ୍ରାମର ଜଣେ ବିବାହିତ ମହିଳାଙ୍କୁ ଘରୁ ବିଳମ୍ବିତ ରାତିରେ ଉଠାଇ ନେଇ ଜଙ୍ଗଲରେ ନିଷ୍ଠୁର ମାଡ଼ ମାରିବା ସହ ହତ୍ୟା ଧମକ ଦିଆଯାଇଛି । ଏହି ଘଟଣା ଚଳିତ ମାସ ୧୬ ତାରିଖରେ ଘଟିଥିଲେ ହେଁ ମହିଳାଜଣଙ୍କ ଏ ସଂକ୍ରାନ୍ତରେ ଥାନାରେ ଅଭିଯୋଗ କରିଛନ୍ତି । ପୁଲିସ ଏକ ମାମଲା ରୁଜୁ କରି ଘଟଣାର ଖୋଳତାଡ ଆରମ୍ଭ କରିଛି । ପାରିବାରିକ ବିବାଦରୁ ଆକ୍ରମଣ ହୋଇଥିବା ସୂଚନା ମିଳିଛି । ସୂଚନା ମୁତାବକ ସାନଦାଦର ଗ୍ରାମର ଦିଲୀପ ଦାସ ଇନ୍ଦିରା ମହାକୁଡଙ୍କୁ ଦ୍ୱିତୀୟ ବିବାହ କରିଛନ୍ତି । ଦିଲୀପଙ୍କ ପ୍ରଥମ ପତ୍ନୀ ଅନ୍ୟ ଏକ ଗ୍ରାମରେ ରହୁଛନ୍ତି । ଗତ ୧୬ ତାରିଖରେ ମହିଳା ଜଣଙ୍କ ତାଙ୍କ ଘରେ ନିଜ ଛୁଆ ସହିତ ଥିବା ବେଳେ କୁସୁମଦରା ଗ୍ରାମର ଦୀପକ ଦାସ, ମାୟା ପ୍ରଧାନ, ବିମ୍ବା ମହାକୁଡ଼, ପୁରୁଣାକୋଟ ଥାନା ଅନ୍ତର୍ଗତ ଅନ୍ତୁଳିଆ ଗ୍ରାମର ନିରୋଦ ଦାସ, ଛେଣ୍ଡିପଦା ଥାନା ଅନ୍ତର୍ଗତ କୁରୁଡ଼ା ଗ୍ରାମର ବାବୁଲି ଦାସ, କିଶୋରନଗର ଥାନା ଅନ୍ତର୍ଗତ ବରପଦର ଗ୍ରାମର ରିଙ୍କୁ ଦାସ ବିଳମ୍ବିତ ରାତିରେ ଏକ ବାଲେରୋ ଗାଡିରେ ତାଙ୍କ ଘରେ ପହଞ୍ଚି ଥିଲେ । ମହିଳାଜଣକ କିଛି ବୁଝିବା ପୂର୍ବରୁ ସେମାନେ ଅତର୍କିତ ଭାବେ ମାଡ଼ ମାରିଥିଲେ । ଏହାପରେ ଉପରୋକ୍ତ ବ୍ୟକ୍ତିମାନେ ମହିଳାଙ୍କୁ ଜବରଦସ୍ତ ଘରୁ ଉଠାଇ ନେଇ ବୋଲେରୋରେ ବସାଇ ଏକ ଜଙ୍ଗଲ ଭିତରକୁ ନେଇ ଯାଇଥିଲେ । ସେଠାରେ ପୁଣି ମାଡ଼ ମାରିଥିଲେ ।

# ଟ୍ରେନ୍‌ଟ୍ରାକ୍‌ରେ ଆତ୍ମହତ୍ୟା ମାମଲା ବଢ଼ୁଛି

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ଟ୍ରେନ୍‌ଟ୍ରାକ୍‌ରେ ଆତ୍ମହତ୍ୟା ମାମଲା ବଢ଼ିବାରେ ଲାଗିଛି । ପ୍ରତିବର୍ଷ ଏହି ମାମଲା ବଢୁଥିବା ଯୋଗୁଁ ଏହା ଚିନ୍ତାର କାରଣ ହୋଇଛି । ପାରିବାରିକ ଅଶାନ୍ତି ହେଉ ଅବା ମାନସିକ ଦୁଶ୍ଚିନ୍ତାରେ କିଛି ଯୁବକ ଟ୍ରେନ୍‌ଟ୍ରାକ୍‌ରେ ଆତ୍ମହତ୍ୟା କରିବାକୁ ସୁରକ୍ଷିତ ସ୍ଥାନ ବୋଲି ଭାବୁଛନ୍ତି । ଏଭଳି ଘଟଣାକୁ ରୋକିବା ପାଇଁ କୌଣସି ବିକଳ୍ପ ବ୍ୟବସ୍ଥା ନଥିବା ଯୋଗୁଁ ରେଳବାଇ କର୍ତ୍ତୃପକ୍ଷ ବି ନାଚାର । ଟ୍ରେନ୍‌ଟ୍ରାକ୍‌ରେ ଆତ୍ମହତ୍ୟା ଠାରୁ ଆରମ୍ଭ କରି ଭିଡ଼ ଟ୍ରେନ୍‌ରେ ଯାତ୍ରା କରିବା ବେଳେ ଗୋଡ଼ ଖସି ମୃତ୍ୟୁ ହେବା ଅବା ଟ୍ରେନ୍ ଫାଟକରେ ବସି ଯାତ୍ରା କରିବା ବେଳେ କିଛି ଯାତ୍ରୀଙ୍କ ମୃତ୍ୟୁ ହେଉଥିବା ଜଣାଯାଇଛି । ଜିଆରପି ପକ୍ଷରୁ ଏଗୁଡ଼ିକ ଅପମୃତ୍ୟୁ ମାମଲା ଭାବେ ଗଣନା କରାଯାଉଛି । ଏଥିରୁ କିଛି ଜଣଙ୍କ ପରିଚୟ ମିଳୁଛି ଏବଂ କିଛି ଜଣଙ୍କ ପରିଚୟ ମିଳିପାରୁନାହିଁ । ବ୍ରହ୍ମପୁର ଜିଆରପି ଅଧୀନରେ ବି ଅପମୃତ୍ୟୁ ମାମଲା କିଛି କମ୍ ନୁହଁ ।



ଟ୍ରେନ୍ ଯାତ୍ରୀଙ୍କ ସୁରକ୍ଷା, ଚୋରି, ରାହାଜାନି ଭଳି ମାମଲାକୁ ରୋକିବା ଉଦ୍ଦେଶ୍ୟରେ ରହିଛି ଜିଆରପି । ବ୍ରହ୍ମପୁର ଜିଆରପିର ସୀମା ଚିଲିକା ଠାରୁ ଆରମ୍ଭ ହୋଇ ସୁର୍ଲାଗଡ଼ ଏବଂ ଗୁଣପୁର ପର୍ଯ୍ୟନ୍ତ ଲମ୍ବିଛି । ପ୍ରାୟ ୧୪୫ କିମି ପର୍ଯ୍ୟନ୍ତ ଲମ୍ବିଛି ଏହାର ସୀମା । ଗତ ତିନି ବର୍ଷ ମଧ୍ୟରେ ବ୍ରହ୍ମପୁର ଜିଆରପି ପକ୍ଷରୁ ୨୫୧ଟି ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ଏଥିରୁ ୧୯୩ ଜଣଙ୍କ ପରିଚୟ ମିଳିଥିବା ବେଳେ ୫୮ ଜଣଙ୍କ ପରିଚୟ ମିଳିପାରିନାହିଁ । ୨୦୨୨ ମସିହାରେ ସର୍ବାଧିକ ୧୦୬ଟି ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ଆଜି ପର୍ଯ୍ୟନ୍ତ ୨୮ ଜଣଙ୍କ ପରିଚୟ ମିଳିପାରିନାହିଁ । ୨୦୨୩ ମସିହାରେ ୯୩ଟି ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ବେଳେ ୧୮ ଜଣଙ୍କ ପରିଚୟ ମିଳିପାରିନାହିଁ । ସେଭଳି ୨୦୨୪ ମସିହାରେ ୫୨ଟି ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୪୦ ଜଣଙ୍କ ପରିଚୟ ମିଳିଥିବା ବେଳେ ୧୨ ଜଣଙ୍କ ପରିଚୟ ଅଦ୍ୟାବଧି ମିଳିପାରିନାହିଁ । ବ୍ରହ୍ମପୁର ଜିଆରପି ଅଧୀନରେ କିଛି ନିର୍ଦ୍ଦିଷ୍ଟ ପଏଣ୍ଟ ରହିଛି ସେଠାରେ ଅଧିକ ସଂଖ୍ୟକ ଆତ୍ମହତ୍ୟା ହେଉଥିବା ସୂଚନା ମିଳିଛି । ବିଶେଷ କରି ଖଲ୍ଲିକୋଟ, ସୁର୍ଲାଗଡ଼, ଖୋଡ଼ାସିଙ୍ଗି ଅଂଚଳ ଆଦି ରହିଛି । ଟ୍ରେନ୍‌ଟ୍ରାକ୍ ପାର ହେବାକୁ ମନା କରାଯାଉଥିବା ବେଳେ କିଛି ବ୍ୟକ୍ତି ଜାଣିଶୁଣି ଟ୍ରାକ୍ ପାର ହେବା ସମୟରେ ଟ୍ରେନ୍ ଧକ୍କାରେ ମୃତ୍ୟୁବରଣ କରୁଛନ୍ତି । ବିଶେଷ କରି ବୃଦ୍ଧବୃଦ୍ଧାମାନେ ଏଭଳି ଘଟଣାର ଶିକାର ହେଉଛନ୍ତି । ଏଥିନେଇ ଜିଆରପି ଥାନାଅଧିକାରୀଙ୍କ ସହ ଯୋଗାଯୋଗ କରାଯିବାରେ କରୋନା ପୂର୍ବରୁ ଅପମୃତ୍ୟୁ ମାମଲା ଅଧିକ ରହୁଥିବା ବେଳେ ବର୍ତ୍ତମାନ ସଂଖ୍ୟା ଦୃଷ୍ଟିକୋଣରୁ କମିଛି । ମାନସିକ ଦୁଶ୍ଚିନ୍ତା, ନିଶାଗ୍ରସ୍ତ ଯୁବକମାନେ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେଉଥିବା କହିଛନ୍ତି । ବ୍ରହ୍ମପୁର ଜିଆରପି ଅଧୀନରେ ଟ୍ରେନ୍‌ରେ ଚୋରି ଠାରୁ ଆରମ୍ଭ କରି ମିସ୍ କେସ୍, ୟୁଡ଼ି କେସ୍ ଆଦି ହେଉଛି । ତେବେ ଚୋରି ମାମଲା ଗୁଡ଼ିକରେ ରିକଭରି ପ୍ରତିଶତ କମ୍ ରହୁଛି । କାରଣ ଟ୍ରେନ୍ ଯାତ୍ରୀ ଜଣକ ଚୋରି ହେବାର ବହୁ ବିଳମ୍ବରେ ଜାଣୁଛନ୍ତି ଏବଂ ଅଭିଯୋଗ କରୁଛନ୍ତି । ଏଭଳି ଘଟଣାର ଗୁଡ଼ିକରେ ଚୋରି ସାମଗ୍ରୀ ଉଦ୍ଧାର କରିବା ଏବଂ ଚୋରକୁ ଧରିବା ପୋଲିସ ପାଇଁ କଷ୍ଟକର ହୋଇପଡୁଛି ବୋଲି କହିଛନ୍ତି ।

## ଜାତମୁଣ୍ଡିଆ ସୁବର୍ଣ୍ଣପୁର ମହାନଦୀ ସେତୁ ଆଲୋକୀକରଣ ଦାବି

**କଳାପଥର(ବାଙ୍କୀ) ନ୍ୟୁଜ୍ ବ୍ୟୁରୋ**

ବାଙ୍କୀ ଜାତମୁଣ୍ଡିଆ ସୁବର୍ଣ୍ଣପୁର ମହାନଦୀ ସେତୁ ଉପରେ ପ୍ରତିଦିନ ହଜାର ହଜାର ଲୋକ ଯାତାୟାତ କରନ୍ତି । କଟକ, ଭୁବନେଶ୍ୱର, ଖୋର୍ଦ୍ଧା, ଢେଙ୍କାନାଳ, ଅନୁଗୁଳ, ସମ୍ବଲପୁର ଜିଲାକୁ ପ୍ରତିଦିନ ଶହଶହ ସଂଖ୍ୟାରେ ମାଲବାହୀ ଏବଂ ଯାତ୍ରୀବାହୀ ବସ୍ ଯାତାୟାତ କରୁଛି । କିନ୍ତୁ ଏହି ସେତୁ ଉପରେ ଲାଇଟ୍‌ର ବନ୍ଦୋବସ୍ତ ନଥିବାରୁ ସନ୍ଧ୍ୟା ହେଲେ ସେତୁଟି ସମ୍ପୂର୍ଣ୍ଣ ଅନ୍ଧାର ହୋଇଯାଉଛି । ଏହାର ସୁଯୋଗ ନେଇ ବିଭିନ୍ନ ଚୋରି ଡକାୟତି ହେବା ସହ ଦୁର୍ଘଟଣା ମଧ ଘଟୁଛି । ଫଳରେ ରାତି ହେଲେ ଜନସାଧାରଣ ସେତୁ ଉପରେ ଯାତାୟାତ କରିବା ପାଇଁ ଭୟ କରୁଛନ୍ତି । ସେଥିପାଇଁ ତୁରନ୍ତ ସେତୁ ଉପରେ ଆଲୋକୀକରଣ ବ୍ୟବସ୍ଥା କରିବା ସହ ମୁଖ୍ୟରାସ୍ତାର ଦୁଇ ପାର୍ଶ୍ୱ ମରାମତି କରିବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି ।

# ସୂଚନା ଓ ଲୋକସମ୍ପର୍କ ବିଭାଗରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା

**ଭୁବନେଶ୍ୱର ନ୍ୟୁଜ୍‌ବ୍ୟୁରୋ**

ସୂଚନା ଓ ଲୋକସମ୍ପର୍କ ବିଭାଗରେ ବିଶ୍ୱନାଥ ସ୍ୱାଇଁଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଲୋକସମ୍ପର୍କ ଭବନର ସମ୍ମିଳନୀ କକ୍ଷରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଯୋଗଦେଇ ବିଭାଗୀୟ ନିର୍ଦ୍ଦେଶକ ସରୋଜ କୁମାର ସାମଲ ସେବାନିବୃତ୍ତ କର୍ମଚାରୀ ଶ୍ରୀ ସ୍ୱାଇଁଙ୍କ ସୁସ୍ଥ ଓ ନିରାମୟ ଅବସରକାଳୀନ ଜୀବନ କାମନା କରିଥିଲେ । ଏ ଅବସରରେ ନିର୍ଦ୍ଦେଶକ ଶ୍ରୀ ସାମଲ କହିଛନ୍ତି, ଶ୍ରୀ ସ୍ୱାଇଁଙ୍କ କର୍ମତତ୍ପରତା ଓ ନିଃସ୍ୱାର୍ଥପର ସେବା ଓ ବ୍ୟକ୍ତିଗତସ୍ତରରେ ସମାଜସେବା ମନୋଭାବ ସର୍ବଦା ପ୍ରଶଂସନୀୟ ହୋଇ ରହିବ । ସେ ଥିଲେ ବିଭାଗର ଅଭିଜ୍ଞତାସଂପନ୍ନ ଓ ନିଷ୍ଠାପର କର୍ମଚାରୀ । ତାଙ୍କ ଅନୁପସ୍ଥିତି ବିଭାଗର ଅନ୍ୟ କର୍ମଚାରୀମାନଙ୍କ ପାଇଁ ଦୁଃଖଦ ରହିବ ବୋଲି ଶ୍ରୀ ସାମଲ ମତ ବ୍ୟକ୍ତ କରିଛନ୍ତି ।



ଏହି ଅବସରରେ ନିର୍ଗମନ ଶାଖାରେ କାର୍ଯ୍ୟରତ ଶ୍ରୀ ସ୍ୱାଇଁ ନିଜର କର୍ମମୟ ଜୀବନର ଅଭିଜ୍ଞତା ବର୍ଣ୍ଣନା କରିବା ସହ ବିଭାଗ ତରଫରୁ ପାଇଥିବା ସ୍ନେହ ଓ ଶ୍ରଦ୍ଧା ପାଇଁ ସମସ୍ତ କର୍ମଚାରୀ ଓ ଅଧିକାରୀଙ୍କୁ ଧନ୍ୟବାଦ ଜଣାଇଥିଲେ । ବିଭାଗୀୟ ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଉପନିର୍ଦ୍ଦେଶକ (କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀ ଓ ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ଶ୍ରୀ ସ୍ୱାଇଁଙ୍କ ଅବସରକାଳୀନ ଜୀବନ ନିମନ୍ତେ ଶୁଭେଚ୍ଛା ଜଣାଇ ତାଙ୍କର ପ୍ରସଂଶା କରିଥିଲେ । ଶେଷରେ ନିର୍ଦ୍ଦେଶକ ଶ୍ରୀ ସାମଲ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ଶୁଭକାମନା ଜ୍ଞାପନ କରିଥିଲେ ।



# 'ବିଶିଷ୍ଟ ସାହିତ୍ୟିକମାନେ ଶିଶୁ ସାହିତ୍ୟକୁ ଉତ୍ସାହ ଦେବା ଆବଶ୍ୟକ'




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଶିଶୁ ସାହିତ୍ୟ କ୍ଷେତ୍ରରେ ନୂତନ ପ୍ରତିଭାମାନଙ୍କ ପ୍ରୋତ୍ସାହନ, ପ୍ରକାଶକମାନଙ୍କ ଦିଗ୍‌ଦର୍ଶନ ନେଇ ଶିଶୁ ସାହିତ୍ୟିକ ମାନସ ରଂଜନ ସାମଲ ଗୁରୁତ୍ୱ ଆରୋପ କରିଛନ୍ତି । ଶନିବାର ସନ୍ଧ୍ୟାରେ ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟର 'ସାହିତ୍ୟ ମାସିକୀ' କାର୍ଯ୍ୟକ୍ରମରେ ଯୋଗଦେଇ ରାଷ୍ଟ୍ରୀୟ ବାଲ୍ ସାହିତ୍ୟ ପୁରସ୍କାର ବିଜେତା ଶ୍ରୀ ସାମଲ 'ମୋ ଜୀବନ: ମୋ ସୃଜନ' ପ୍ରସଙ୍ଗରେ ବକ୍ତବ୍ୟ ରଖି ତାଙ୍କର ଲେଖକୀୟ ଜୀବନର ପ୍ରେରଣା, ପ୍ରଥମ ଲେଖା ପ୍ରକାଶନ, ପତ୍ରିକା ସଂପାଦନା ଓ ପ୍ରକାଶନରେ ସମସ୍ୟା ତଥା ପାଠକୀୟତା ବୃଦ୍ଧି ପାଇଁ ଉଦ୍ୟମ ଇତ୍ୟାଦି ବିଷୟରେ ଆଲୋକପାତ କରିଥିଲେ । ସେ ତାଙ୍କ ସଂପାଦିତ 'ଝୁମୁକା' ଶିଶୁ ପତ୍ରିକାର ବିଭିନ୍ନ ଦିଗ ଉପରେ ମଧ୍ୟ ଉଲ୍ଲେଖ କରିଥିଲେ । ବିଶିଷ୍ଟ ସାହିତ୍ୟିକମାନେ ଶିଶୁ ସାହିତ୍ୟ କ୍ଷେତ୍ରରେ ମନୋନିବେଶ କରି ଭବିଷ୍ୟତ ନାଗରିକଙ୍କ ସୃଜନ କୃତିତ୍ୱକୁ ଉତ୍ସାହ ଦେବାକୁ ସେ ଅନୁରୋଧ କରିଥିଲେ । ଅନୁଷ୍ଠାନ ପକ୍ଷରୁ ଶ୍ରୀ ସାମଲଙ୍କୁ ଅଙ୍ଗବସ୍ତ୍ର ଓ ଉପଢୌକନ ପ୍ରଦାନପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ରକ୍ଷକ ନାୟକ ପୌରୋହିତ୍ୟ କରିଥିବାବେଳେ ସଭାପତି ସୂର୍ଯ୍ୟ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଡା. ଜୀବନକୃଷ୍ଣ ମିଶ୍ର ବେଦପାଠ କରିଥିଲାବେଳେ 'ଏ ମାସର କବି' ଭାବରେ ସ୍ୱାଗତିକା ମିଶ୍ର ସ୍ୱରଚିତ କବିତା ପାଠ କରିଥିଲେ । ପରେ ଅଭୟ ନାରାୟଣ ନାୟକ ଓ ସ୍ନେହଲତା ଦାସଲେଙ୍କାଙ୍କ ଯୁଗ୍ମ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ନନ୍ଦକିଶୋର ବିଶ୍ୱାଳ, ମୌସୁମୀ ଦାସ, ଶ୍ରୁତକୀର୍ତ୍ତି ତ୍ରିପାଠୀ, ପ୍ରଦୀପ୍ତ ବାରିକ, ମହେନ୍ଦ୍ର କୁମାର ମଲ୍ଲିକ, ପ୍ରବୀଣା ପରିଡ଼ା, ସୁଷମା ଦାଶ, ସତ୍ୟନାରାୟଣ ସିଂହ, ଶୈଳେନ୍ଦ୍ର ଜେନା, ସତ୍ୟରଞ୍ଜନ ପ୍ରହରାଜ, ଚିନ୍ମୟୀ ଜେନା, ଆଭାସ ବରାଳ ଓ ନମିତା ପାଇକରାୟ ପ୍ରମୁଖ କବିତା ପାଠ କରିଥିଲେ । ଅନୁଷ୍ଠାନର ସଦସ୍ୟ ବିଧୁଭୂଷଣ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅଙ୍ଗନୱାଡ଼ି ଶ୍ରମିକମାନଙ୍କ ବିକାଶ ପାଇଁ ଜେଏସ୍‌ଡବ୍ଲୁ ଫାଉଣ୍ଡେସନର ପଦକ୍ଷେପ



**ସମ୍ବଲପୁର, ନ୍ୟୁଜ ବ୍ୟୁରୋ**
ଜେଏସ୍‌ଡବ୍ଲୁ ଫାଉଣ୍ଡେସନ ଏହାର କାର୍ଯ୍ୟକାରୀ ସହଯୋଗୀ ଚାଇଲ୍ଡ ଇନ୍ ଆବଶ୍ୟକତା ପ୍ରତିଷ୍ଠାନ (ସିଆଇଏନ୍‌ଆଇ)ଙ୍କ ସହଯୋଗରେ ଶ୍ରୀପୁରାର କମ୍ୟୁନିଟି ସେଣ୍ଟରରେ ତିନି ଦିନିଆ ଅଭିବୃଦ୍ଧି ମନିଟରିଂ କର୍ମଶାଳା ସଫଳତାର ସହିତ ପରିଚାଳନା କଲଶ । ସିଆଇଏନ୍‌ଆଇର ୩୩ ଅଙ୍ଗନୱାଡ଼ି କର୍ମୀ ଏବଂ ୧୦ ପ୍ରୋଜେକ୍ଟ ଷ୍ଟାଫ୍ ଯୋଗଦେଇ ଏହି କର୍ମଶାଳାରେ ଅଭିବୃଦ୍ଧି ମନିଟରିଂ କର୍ମଶାଳାରେ ଦକ୍ଷତା ବୃଦ୍ଧି, ଶିଶୁର ଖାଦ୍ୟର ପ୍ରମୁଖ ପୁଷ୍ଟିକର ଖାଦ୍ୟ ଏବଂ ସେମାନଙ୍କର ଭୂମିକା ବୁଝିବା ଏବଂ ଅଙ୍ଗନୱାଡ଼ି କେନ୍ଦ୍ର ଖାଦ୍ୟ ସହିତ ଘର ଭିତ୍ତିକ ସନ୍ତୁଳିତ ଖାଦ୍ୟକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଆଚ୍ଛାଦିତ ବିଷୟଗୁଡ଼ିକରେ ଖାଦ୍ୟ ନିରାପତ୍ତା, ଖାଦ୍ୟ ସ୍ୱଚ୍ଛତା ବଜାୟ ରଖିବା, ଘରେ ସୁସ୍ଥ ଖାଦ୍ୟ ଖାଇବା ଅଭ୍ୟାସ ଏବଂ ଅଙ୍ଗନୱାଡ଼ି କେନ୍ଦ୍ର, ମାଇକ୍ରୋନ୍ୟୁଟ୍ରିଏଣ୍ଟ ସପ୍ଲିମେଣ୍ଟସ୍, କୀଟନାଶକ, ଆୟୋଡିନ୍, ଭିଟାମିନ-ଏ, ଏବଂ ଲୁହା ସମୃଦ୍ଧ ଖାଦ୍ୟ ଅନ୍ତର୍ଭୁକ୍ତ । ଏହି କାର୍ଯ୍ୟକ୍ରମଟି ଭୁବନେଶ୍ୱରର ସିଆଇଏନ୍‌ଆଇରେ ଦକ୍ଷତା ବିକାଶ ଅଧିକାରୀ ଶ୍ରୀମତୀ ସ୍ନେହପ୍ରଭା ମହାପାତ୍ରଙ୍କ ଦ୍ୱାରା ସହଜ ହୋଇଛି । ଏହି କାର୍ଯ୍ୟକ୍ରମଟି ପ୍ରକଳ୍ପ କ୍ଷେତ୍ରରେ ବାଲ୍ୟକାଳର ଯତ୍ନ ଏବଂ ବିକାଶ ଅଭ୍ୟାସରେ ଉନ୍ନତି ଆଣିବାକୁ ଲକ୍ଷ୍ୟ ରଖିଛି ।। ଓଡ଼ିଶାର ଜେଏସ୍‌ଡବ୍ଲୁ ବିପିଏସ୍‌ଏଲର ସିଏସ୍‌ଆର୍ ମୁଖ୍ୟ ଶ୍ରୀ ବିଶାଲ ରାଜ ଏବଂ ସିଏସ୍‌ଆ ପ୍ରତିନିଧିଙ୍କ ଉପସ୍ଥିତିରେ ଏହି କର୍ମଶାଳାକୁ ସମ୍ମାନିତ କରାଯାଇଥିଲା ।

# ବ୍ୟାପୁଛି ସଂକ୍ରାମକ ରୋଗ, ଚିନ୍ତାରେ ଶିଶୁ ସୁରକ୍ଷା ଆୟୋଗ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ରାଜ୍ୟରେ ଜାପାନୀ ଜ୍ୱର, ଡିପ୍‌ଥେରିଆ, କାମଳ କାୟା ବିସ୍ତାର କରୁଥିବାବେଳେ ଡେଙ୍ଗୁ ଆଶଙ୍କା ବଢୁଛି । ଡିପ୍‌ଥେରିଆରେ ଜଣେ ଶିଶୁର ମୃତ୍ୟୁ ମଧ୍ୟ ଘଟିଛି । ଏହାକୁ ନେଇ ଗତ ୨୫ରେ 'ସରକାରଙ୍କୁ ଘାରିଛି ସ୍ୱାସ୍ଥ୍ୟ ଚିନ୍ତା' ଓ ୨୬ରେ 'କାମଳ ଆକ୍ରାନ୍ତଙ୍କ ସଂଖ୍ୟା ୯୩ରେ ପହଞ୍ଚିଲା' ଶୀର୍ଷକ ଖବର ପ୍ରକାଶ ପାଇଥିଲା । ଏହି ଦୁଇ ଖବରକୁ ଆଧାର କରି ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ପକ୍ଷରୁ ସମସ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ (ସିଡିଏମ୍‌ଓ)ଙ୍କୁ ପ୍ରତିଷେଧମୂଳକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସଚିବଙ୍କୁ ପିଲାଙ୍କ ଟିକାକରଣ ଠିକ୍ ଭାବେ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧକ୍ଷା ମନ୍ଦାକିନୀ କର ସିଡିଏମ୍‌ଓଙ୍କୁ ଚିଠି ଲେଖି ଜଣାଇଛନ୍ତି ଯେ, ଜାପାନିଜ୍ ଏନ୍‌ସେଫାଲାଇଟିସ୍ ଜ୍ୱର, ଡିପ୍‌ଥେରିଆ, କାମଳ, ଡେଙ୍ଗୁ ଓ ଡାଇରିଆରେ ୧୪ ବର୍ଷରୁ କମ୍ ବୟସର ଶିଶୁ ଜାପାନୀ ଆକ୍ରାନ୍ତ ହେଉଛନ୍ତି । ଅନୁଗୋଳ, ରାୟଗଡ଼ା ଓ ସମ୍ବଲପୁରରେ ଏହା ଅଧିକ ଦେଖାଦେଇଛି । ଏହା ନିହାତି ଭାବେ ଚିନ୍ତାଜନକ । ସମ୍ପୃକ୍ତ ଜିଲ୍ଲାର ପ୍ରଶାସନ ଏହାକୁ ଗମ୍ଭୀରତାର ସହ ନେବା ପୂର୍ବକ ପ୍ରତିଷେଧକମୂଳକ ପଦକ୍ଷେପ ଗ୍ରହଣ କରିବା ଏବଂ ମୁକାବିଲା ଦିଗରେ ପଦକ୍ଷେପ ନେବା ଆବଶ୍ୟକ । ଜିଲ୍ଲା ପ୍ରଶାସନ ଟିକାକରଣ ଶେଷ କରିବା ସହ ଏହି ଅଞ୍ଚଳରେ ସ୍ୱଚ୍ଛ ପିଇବା ପାଣି ଯୋଗାଇବା ଦରକାର । ଅସ୍ୱାସ୍ଥ୍ୟକର ପରିବେଶରେ ବଜାରରେ ବିକ୍ରି ହେଉଥିବା ଖାଦ୍ୟ ସାମଗ୍ରୀ ଉପରେ କଟକଣା ଲଗାଇବା ଦରକାର । ଜିଲ୍ଲା ପ୍ରଶାସନ ଚିକିତ୍ସାଳୟରେ ସ୍ୱତନ୍ତ୍ର ୱାର୍ଡ ବ୍ୟବସ୍ଥା କରିବା ସହ ଶିଶୁ ଓ ଆକ୍ରାନ୍ତଙ୍କ ମୂଲ୍ୟବାନ ଜୀବନ ରକ୍ଷା ଦିଗରେ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଛି । କାର୍ଯ୍ୟାନୁଷ୍ଠାନ ନେବା ପରେ ଆୟୋଗଙ୍କୁ ରିପୋର୍ଟ ଦେବାକୁ ଚିଠିରେ ଉଲ୍ଲେଖ କରାଯାଇଛି । ଅନୁରୂପ ଭାବେ ଆୟୋଗଙ୍କ ପକ୍ଷରୁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସଚିବଙ୍କୁ ଚିଠି ଲେଖାଯାଇଛି । ଶିଶୁଙ୍କର ପୂର୍ଣ୍ଣ ଟିକାକରଣ ସାରିବ, ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ସହ ସମସ୍ତପ୍ରକାର ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ତୁରନ୍ତ ପଦକ୍ଷେପ ନେଇ ରିପୋର୍ଟ ଦେବାକୁ ଚିଠିରେ ଉଲ୍ଲେଖ ରହିଛି ।

# କାମୁଡ଼ି ଗୋଡ଼ାଉଥିବା ମାଙ୍କଡ ଧରାହେଲା



**ବାଲକାଟି, ନ୍ୟୁଜ ବ୍ୟୁରୋ**
ରାଜଧାନୀ ଉପକଣ୍ଠ ବାଲି ପାଟଣା ବନାଞ୍ଚଳରେ ଆତଙ୍କ ରଚିଥିବା ଦୁଇ ଗେଧ ମାଙ୍କଡ଼କୁ ବନବିଭାଗ କାବୁ କରିଛି । ନନ୍ଦନକାନନ ପ୍ରାଣୀ ଉଦ୍ୟାନ କର୍ମଚାରୀ ଓ ବାଲିପାଟଣା ବନାଞ୍ଚଳ କର୍ମଚାରୀ ପୂର୍ବାହ୍ନରେ କାମୁଡ଼ି ଗୋଡ଼ାଉଥିବା ମାଙ୍କଡ଼ ପିଛାକରି ଟ୍ରାଙ୍କୁଲାଇଜ କରି ଧରିଥିଲେ । ପରବର୍ତ୍ତୀ ସମୟରେ ଆଉ ଏକ ମାଙ୍କଡ଼କୁ ମଧ୍ୟ ବନବିଭାଗ କାବୁକରି ଉଭୟକୁ ବରୁଣେଇ ପାହାଡ଼ ପାର୍ଶ୍ୱବର୍ତ୍ତୀ ଜଙ୍ଗଲରେ ଛାଡ଼ି ଦିଆଯାଇଛି । ସୂଚନାଥାଉକି ଗତ କିଛିଦିନ ହେଲା ବାଲକାଟି, ବାଲିଅନ୍ତା, ଭିଙ୍ଗାରପୁର ଆଦି ଅଞ୍ଚଳରେ ମାଙ୍କଡ଼ ଉତ୍ପାତରେ ଲୋକମାନେ ଭୟଭୀତ ହୋଇପଡ଼ିଥିଲେ । ଏପରିକି ରାସ୍ତାରେ ଲୋକଙ୍କୁ ଦେଖିଲେ ଉପରକୁ ଡେଇଁପଡ଼ି କାମୁଡ଼ି ଗୋଡ଼ାଉଥିଲେ । ଏ ନେଇ ଲୋକମାନେ ଭୟଭୀତ ହୋଇ ବାଲିପାଟଣା ବନାଞ୍ଚଳ କାର୍ଯ୍ୟାଳୟ କର୍ମଚାରୀଙ୍କୁ ଜଣାଇଥିଲେ । ଖବରପାଇ ବାଲିପାଟଣା ବନାଞ୍ଚଳ କର୍ମଚାରୀ ୧୫ ଦିନ ପରେ ମାଙ୍କଡ଼ଦ୍ୱୟକୁ ଧରିବାରେ ସକ୍ଷମ ହୋଇଛନ୍ତି ।

# କିସ୍‌ର ସୁରକ୍ଷା ପାଇଁ ବାହାରିଲେ ଜନଜାତି



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
କିସ୍‌କୁ ଲଗାତାର ବଦନାମ କରାଯାଉଥିବାରୁ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଏବେ ଭୟଭୀତ । ଗ୍ରୀଷ୍ମ ଛୁଟି ପରେ ସ୍କୁଲ୍ ଖୋଲିବା ପୂର୍ବରୁ କିସ୍‌ର ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମଧ୍ୟରେ ଭୟ ଓ ଆତଙ୍କ ଖେଳିଯାଇଛି । ଏଥିପାଇଁ କିସ୍‌ର ୪୦ ହଜାର ଛାତ୍ରଛାତ୍ରୀଙ୍କ ଅଭିଭାବକଙ୍କ ୫ଶହ ପ୍ରତିନିଧି ଓ ଜନଜାତି ନେତା ଶନିବାର କିସ୍‌ରେ ପହଞ୍ଚି କିସ୍‌ର ସୁରକ୍ଷା ନେଇ ବ୍ୟାପକ ଆଲୋଚନା କରିଥିଲେ । କୌଣସି କାରଣ ନଥାଇ କିସ୍ ଉପରେ ନିୟମିତ ଆକ୍ରମଣ କରାଯାଉଥିବାରୁ ସେମାନେ ମର୍ମାହତ ହୋଇଛନ୍ତି । କିସ୍ ହେଉଛି ଜନଜାତିଙ୍କ ଜୀବନ ରେଖା ଏବଂ କିସ୍ ପରିଚାଳନାରେ କିଟ୍ ଅନୁଷ୍ଠାନର ପ୍ରମୁଖ ଭୂମିକା ରହିଛି ବୋଲି ସେମାନେ କହିଛନ୍ତି । ଆଲୋଚନା ସମୟରେ ଆଗାମୀ ୧୫ ଦିନ ସ୍ଥିତି ସମୀକ୍ଷା କରିବା ପରେ ସ୍ଥିତିରେ ସୁଧାର ନଆସିଲେ ଏହାକୁ ପ୍ରତିହତ ପାଇଁ ଆବଶ୍ୟକ କାର୍ଯ୍ୟପନ୍ଥା ହାତକୁ ନିଆଯିବ ବୋଲି ସେମାନେ ପ୍ରକାଶ କରିଥିଲେ । କିସ୍ ସମଗ୍ର ଜନଜାତି ସମାଜ ପାଇଁ ଏକ ସମ୍ମାନର ପ୍ରଶ୍ନ ବୋଲି ସେମାନେ ମତ ଦେଇଛନ୍ତି ।

# ସିଆଇଏସଏଫର ପାସିଂ ଆଉଟ୍ ପରେଡ



**କଟକ/ ବାରଙ୍ଗ, ନ୍ୟୁଜ ବ୍ୟୁରୋ**
ମୁଣ୍ଡଳୀ ସ୍ଥିତ ସିଆଇଏସଏଫ ଖାରବେଳ ଆଞ୍ଚଳିକ ତାଲିମ କେନ୍ଦ୍ର ପରିସରରେ ହେଡ କନେଷ୍ଟବଳ ପ୍ରଥମ ବ୍ୟାଚର ପାସିଂ ଆଉଟ ପରେଡ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରଶିକ୍ଷଣ ପ୍ରତିଷ୍ଠାନରେ ୨୬ ସପ୍ତାହ ଧରି ସିଆଇଏସଏଫର ୩୭୦ ଜଣ ହେଡ୍ କନଷ୍ଟବଳ ଯବାନଙ୍କ ମୌଳିକ ପ୍ରଶିକ୍ଷଣ ଚାଲିଥିଲା । ସିଆଇଏସଏଫ ଡିଆଇଜି ମାମୁନ ଉର୍ ରସିଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପାସିଂ ଆଉଟ ପରେଡ୍ ସମୀକ୍ଷା କରିଥିଲେ । ସିଆଇଏସଏଫ କମାଣ୍ଡାଣ୍ଟ ସଙ୍କରା ରାଓ ବାଇରେଡ୍ଡି ଉପସ୍ଥିତ ଯବାନ ମାନଙ୍କୁ ଭାରତର ସମ୍ବିଧାନ ପ୍ରତି କର୍ତ୍ତବ୍ୟ ଏବଂ ଶପଥ ଗ୍ରହଣ କରାଇଥିଲେ । ଏହା ପରେ ପ୍ରଶିକ୍ଷଣ ଦଳଙ୍କ ଦ୍ୱାରା ବିଭିନ୍ନ କୌଶଳ ଏବଂ ବିଭିନ୍ନ ପ୍ରକାରର ଚିତ୍ତାକର୍ଷକ ପ୍ରଦର୍ଶନ କରାଯାଇଥିଲା । ଏହା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଯାହାକି ପ୍ରଶିକ୍ଷାର୍ଥୀମାନଙ୍କ ଦ୍ୱାରା ଉତ୍ସାହର ସହିତ ପ୍ରଦର୍ଶନ କରାଯାଇଥିଲା ଯାହା ଦର୍ଶକଙ୍କୁ ମୁଗ୍ଧ କରିଥିଲା । ଶେଷରେ ମୁଖ୍ୟ ଅତିଥି ଶ୍ରେଷ୍ଠ ପ୍ରଶିକ୍ଷାର୍ଥୀଙ୍କୁ ମାନପତ୍ର ଏବଂ ଟ୍ରଫି ପ୍ରଦାନ କରିଥିଲେ । ଏହି ପାସିଂ ଆଉଟ୍ ପ୍ୟାରେଡରେ ସିଆଇଏସଏଫର ସମସ୍ତ ଅଧିକାରୀ ଏବଂ ଯବାନ ମାନେ ଉପସ୍ଥିତ ରହିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବୈଦେଶିକ ବ୍ୟାପାର...

ଗୁରୁତ୍ୱ ଦେଇଥିଲେ । ଦୁବାଇରେ ଓଡ଼ିଶାର ଅନେକ ଲୋକ କାମ କରୁଥିବାରୁ ଓ ଦୁବାଇ ସହିତ ବ୍ୟବସାୟିକ ସଂପର୍କ ବୃଦ୍ଧି ପାଇଁ ଏହା ବିଶେଷ ସହାୟକ ହେବ ବୋଲି ସେ କହିଥିଲେ । ଓଡ଼ିଶାର ୮ ଜଣ ବ୍ୟକ୍ତି ଦୁବାଇରେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବା ଓ ରାଜ୍ୟକୁ ଫେରି ପାରୁନଥିବା କଥା ଉଠାଇ ଏଥିରେ କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସହଯୋଗ ସେ କାମନା କରିଥିଲେ । ଏସବୁ ସଂପର୍କରେ ଗୁରୁତ୍ୱ ଦିଆଯାଇ ଆଶୁ ପଦକ୍ଷେପ ନିଆଯିବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ଜୟଶଙ୍କର ପ୍ରତିଶ୍ରୁତି ଦେଇଥିଲେ ।

ଓଡ଼ିଶାରେ ପର୍ଯ୍ୟଟନ କ୍ଷେତ୍ର ଗୁଡ଼ିକର ବିକାଶ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା । ବିଦେଶୀ ପର୍ଯ୍ୟଟକ ମାନଙ୍କୁ ଆକୃଷ୍ଟ କରିବା ପାଇଁ ରାଜ୍ୟର ବୌଦ୍ଧ ପର୍ଯ୍ୟଟନ କ୍ଷେତ୍ରରେ ଗଲ୍ଫ କୋର୍ସ ପ୍ରତିଷ୍ଠା, ରାଜ୍ୟରେ ଏକ ପ୍ରମୁଖ ନୌବାଣିଜ୍ୟ କେନ୍ଦ୍ର ପ୍ରତିଷ୍ଠା ଓ ଏକ ଅନ୍ତର୍ଜାତୀୟ ପର୍ଯ୍ୟଟନ କେନ୍ଦ୍ର ଖୋଲିବା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା । ଏହାଦ୍ୱାରା ଓଡ଼ିଶାକୁ ବିଦେଶୀ ପର୍ଯ୍ୟଟକମାନେ ଅଧିକ ସଂଖ୍ୟାରେ ଆସିବାକୁ ଆଗ୍ରହୀ ହେବେ ବୋଲି ଆଲୋଚନାରେ ମତ ପ୍ରକାଶ ପାଇଥିଲା ।

ବିଶେଷ କରି ବୌଦ୍ଧ ପର୍ଯ୍ୟଟନ କ୍ଷେତ୍ରର ବିକାଶ ଦ୍ୱାରା ଜାପାନ ଓ ଓଡ଼ିଶା ମଧ୍ୟରେ ସାଂସ୍କୃତିକ ଓ ବାଣିଜ୍ୟିକ ସମ୍ପର୍କ ବୃଦ୍ଧି ହେବ ବୋଲି ବୈଠକରେ ଆଶା ପ୍ରକାଶ କରାଯାଇଥିଲା । ନୌବାଣିଜ୍ୟ କେନ୍ଦ୍ର ପାଇଁ କେନ୍ଦ୍ର ସରକାର ଏକ ବିଶେଷଜ୍ଞ ଟିମ୍ ପଠାଇବାକୁ ନିଷ୍ପତ୍ତି ହୋଇଥିଲା ।

ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ନଡ୍ଡାଙ୍କ ସହିତ ଆଲୋଚନାରେ ମୁଖ୍ୟମନ୍ତ୍ରୀ ରାଜ୍ୟର ଯେଉଁସବୁ ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ମେଡିକାଲ କଲେଜ ଖୋଲାଯାଇ ନାହିଁ, ସେ ସବୁ ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା କରିବା ଉପରେ ଗୁରୁତ୍ୱ ଦେଇଥିଲେ । ରାଜ୍ୟର ସବୁ ଜିଲ୍ଲାରେ ଯେପରି ମେଡିକାଲ କଲେଜ ଖୋଲିବ, ତାକୁ ଦୃଷ୍ଟିରେ ରଖି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ସେ ଅନୁରୋଧ କରିଥିଲେ ।

ସେହିପରି ସମ୍ବଲପୁରରେ ଦ୍ୱିତୀୟ ଏମ୍‌ସ ଖୋଲିବା ପ୍ରସ୍ତାବ ଉପରେ ମଧ୍ୟ ଆଲୋଚନା ହୋଇଥିଲା । ଏହା ସହିତ ଭୁବନେଶ୍ୱର ସ୍ଥିତ ଏମ୍ସର ସମ୍ପ୍ରସାରଣ ଉପରେ ମଧ୍ୟ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ ଆଲୋଚନା କରିଥିଲେ ।

ବୈଠକରେ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ବା ଆୟୁଷ୍ମାନ ଭାରତ ଯୋଜନା ଓଡ଼ିଶାରେ ଖୁବ ଶୀଘ୍ର କାର୍ଯ୍ୟକାରୀ କରିବା ଉପରେ ମଧ୍ୟ ଆଲୋଚନା ହୋଇଥିଲା । ଏହା ଓଡ଼ିଶାର ଗରିବ ଓ ବୟୋଜ୍ୟେଷ୍ଠ ବ୍ୟକ୍ତି ମାନଙ୍କ ପାଇଁ ଖୁବ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ମୁଖ୍ୟମନ୍ତ୍ରୀ ଓ ଦୁଇ ଉପ-ମୁଖ୍ୟମନ୍ତ୍ରୀ ତିନି ଦିନ ମଧ୍ୟରେ ରାଷ୍ଟ୍ରପତି, ଉପ-ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ଅନେକ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟି କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଅଧିକ ସହଯୋଗ ଓ ସହଭାଗିତା ଉପରେ ଗୁରୁତ୍ୱ ଦେଇ ଆଲୋଚନା କରିଥିଲେ । ଏହାଦ୍ୱାରା କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସୁସଂପର୍କ ପ୍ରତିଷ୍ଠା ହେବା ସହିତ ରାଜ୍ୟର ବିକାଶ ତ୍ୱରାନ୍ୱିତ ହେବ ବୋଲି ସେ ଆଶାପ୍ରକାଶ କରିଛନ୍ତି ।

## ଜୁଲାଇ ୧ରୁ ଅଭିଯୋଗ ...

ସହ ବ୍ୟାରିକେଡ ବ୍ୟବସ୍ଥା, ସିରିଏଲ ମାଧ୍ୟମରେ ଲୋକେ କିପରି ଆସିବେ, ସେନେଇ ଅଧିକାରୀଙ୍କ ସହ କଥା ହୋଇଛନ୍ତି ।

ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ସମୟରେ ୩୦ ଜଣ ବସିବା ପାଇଁ ବ୍ୟବସ୍ଥା ରହିବ । ସେଠାରେ ପାନୀୟ ଜଳ ବ୍ୟବସ୍ଥା ମଧ୍ୟ କରାଯିବ । ୨ ଦିନରେ ସବୁ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହାସହ ମୁଖ୍ୟମନ୍ତ୍ରୀଙ୍କ ବାସଗୃହ ବୁଲି ଦେଖିଛନ୍ତି ସଚିବ । ଖୁବଶୀଘ୍ର ବାସଗୃହ କାମ ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

## ନିଟ୍ ପେପର...

ଖବରକାଗଜରେ କାର୍ଯ୍ୟରତ ବୋଲି ତଦନ୍ତରୁ ଜଣାପଡିଛି । ସେ ଫୋନ ମାଧ୍ୟମରେ ଲଗାତର ପ୍ରିନ୍ସିପାଲ ଓ ଭାଇସ ପ୍ରିନ୍ସିପାଲଙ୍କ ସହ ଯୋଗାଯୋଗରେ ଥିଲେ । କଲ ଲିଷ୍ଟ ଏବଂ ପଚରାଉଚରା ମାଧ୍ୟମରେ ପେପର ଲିକରେ ପ୍ରିନ୍ସିପାଲ ଏବଂ ଭାଇସ ପ୍ରିନ୍ସିପାଲଙ୍କୁ ଜମାଲୁଦ୍ଦିନ ସହାୟତା କରିଥିବା ସିବିଆଇ ଜାଣିବାକୁ ପାଇଥିଲା ।

## ନଦୀରେ ଭାସିଗଲା...

ଯବାନ । ସମସ୍ତଙ୍କର ମୃତଦେହ ଉଦ୍ଧାର ହୋଇଛି । ଏନେଇ ପ୍ରତିରକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । କୁହାଯାଉଛି ଯେ ଦୁର୍ଘଟଣାଗ୍ରସ୍ତ ଟ୍ୟାଙ୍କଟି ହେଉଛି ଟି-୭୨ । ସରକାରୀ ସୂତ୍ରରୁ ପ୍ରକାଶ ଯେ ଏହି ଟ୍ୟାଙ୍କ ଏକ ଟ୍ରେନିଂ ମିଶନରେ ଥିଲା, ଯେଉଁଥିରେ ଏକ ନଦୀ ପାର ହେଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା ।

ଶୁକ୍ରବାର ରାତି ଗୋଟାଏ ବେଳେ ଦୌଲତ ବେଗ ଓଲଡି ଅନ୍ତର୍ଗତ ବୋଧି ନଦୀରେ ବୁଡ଼ି ଯାଇଥିଲା ସେନାର ଗୋଟିଏ ଟି-୭୨ ଟ୍ୟାଙ୍କ । ସେନା ପକ୍ଷରୁ ବୋଧି ନଦୀରେ ଅଭ୍ୟାସ ଚାଲିଥିଲା । ଏତିକି ବେଳେ ହଠାତ ମାଡି ଆସିଥିଲା ପାଣି । ବଢି ପାଣିରେ ବୁଡ଼ି ଯାଇଥିଲା ଟି-୭୨ ଟ୍ୟାଙ୍କ । ଏହି ଟ୍ୟାଙ୍କରେ ୫ ଜଣ ଯବାନ ଥିଲେ ।

ବର୍ଷ ଭିତରେ ଦୁର୍ନୀତି ବଢିଯାଇଛି । ତାକୁ ରୋକିବାକୁ ପଡ଼ିବ । ସେଥିପାଇଁ ଟେକ୍ନୋଲୋଜିର ବ୍ୟବହାର କରିବାକୁ ପଡ଼ିବ ।

ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି, ନିକଟରେ ମୁଁ କୋରାପୁଟ,ମାଲକାନଗିରି ଓ ରାୟଗଡ଼ା ଗସ୍ତରେ ଯାଇଥିଲି । ସେଠାରେ ବିଭିନ୍ନ ପ୍ରକାର ବିଶୃଙ୍ଖଳା ଓ ବହୁତ କେଲେଙ୍କାରୀ ଅଛି । ଭବିଷ୍ୟତରେ ଯେପରି ଏଭଳି ଆଉ ନଘଟେ ସେଥିପାଇଁ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛି । ସବୁ ମଣ୍ଡିରେ ସିସିଟିଭି ଲାଗିବ । ମାସେ ଦୁଇ ମାସ ଭିତରେ ଏହାକୁ କାର୍ଯ୍ୟକାରୀ କରାଯିବ । ମଣ୍ଡିରେ ଦିନ ଦିନ ବା ମାସ ମାସ ଧରି କୃଷକମାନେ ଯେପରି ବସିବେ ନାହିଁ, ସେଥିନେଇ ନିର୍ଦ୍ଦେଶ ଦେଇଛି । କଟନୀ ଛଟନୀ ଆଦୌ ହେବ ନାହିଁ । କାଁ ଭାଁ କେଉଁଠି ଧାନର ଗୁଣାତ୍ମକମାନରେ ଯେଉଁଠି ଗଡବଡ଼ ଥିବ, ସେଠାରେ କିଛି କଟନୀ ଛଟନୀ ହୋଇପାରେ ।

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କହିଛନ୍ତି, ଦରଦାମକୁ ଆମେ ନିୟନ୍ତ୍ରଣକୁ ଆଣିଛୁ । ପିଆଜ ଦର ୪୦ରୁ ଉପରକୁ ଯାଉ ନାହିଁ । ଆଳୁ ଦର ମଧ୍ୟ ୩୦/୩୫ ଟଙ୍କା ଭିତରେ ରହିଛି । ନାସିକ ଓ ଆନ୍ଧ୍ରରୁ ଆମ ରାଜ୍ୟକୁ ପିଆଜ ଆସୁଛି । ସେହିପରି ପଶ୍ଚିମବଙ୍ଗରୁ ଆଳୁ ଆସୁଛି । ସେଠାରେ ରେଟ୍ ଅଧିକ ଅଛି । ଏନେଇ ଆମେ ତଥ୍ୟ ସଂଗ୍ରହ କରିଛୁ । ଯଦି ଖୁଚୁରା ବେପାରୀମାନେ ବହୁତ ଲାଭ ଆଶାରେ ଉଚ୍ଚ ଦରରେ ବିକ୍ରି କରିବେ, ତା'ହେଲେ ରେଡ ହେବ । ଏନେଇ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି,ଆମ ସରକାର ଶୀତଳ ଭଣ୍ଡାର ନିର୍ମାଣ କରିବା ପାଇଁ ବଦ୍ଧପରିକର । ଆମେ ନିର୍ବାଚନୀ ଇସ୍ତାହାରରେ କହିଥିଲୁ ଯେ ପ୍ରତ୍ୟେକ ବ୍ଲକରେ ଗୋଟିଏ ଲେଖାଏଁ ଶୀତଳ ଭଣ୍ଡାର କରାଯିବ । ସେ ଦିଗରେ ଆମର ଆଲୋଚନା ଚାଲିଛି । ଶୀତଳ ଭଣ୍ଡାର କୃଷି ବିଭାଗ ଅଧୀନରେ ଆସୁଛି । ଆମେ ଏନେଇ ବୈଠକ କରିବୁ । ମୁଖ୍ୟମନ୍ତ୍ରୀ ଚାହୁଁଛନ୍ତି ଶୀତଳ ଭଣ୍ଡାର ନିର୍ମାଣ ହେଉ ।

## ଅନୁଗୁଳରେ କୁମ୍ଭୀର...

ପ୍ରକାଶ କରିଛନ୍ତି ।

ଏହା ସହିତ ମୃତ ବାଳକର ପରିବାରର ନିକଟତମ ଆତ୍ମୀୟଙ୍କୁ ୬ ଲକ୍ଷ ଟଙ୍କାର ଅନୁକମ୍ପା ମୂଳକ ସହାୟତା ଯୋଗାଇ ଦେବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ।

## ମୁଖ୍ୟମନ୍ତ୍ରୀଙ୍କ...

ପ୍ରତିରକ୍ଷା କ୍ଷେତ୍ରରେ ସବୁଦିନ ପାଇଁ ସ୍ମରଣୀୟ ହୋଇ ରହିବ । ଦେଶବାସୀ ସେମାନଙ୍କ ବଳିଦାନକୁ କେବେ ଭୁଲିବେ ନାହିଁ ।

ମୁଖ୍ୟମନ୍ତ୍ରୀ ସହିଦ ଯବାନଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରଙ୍କ ପ୍ରତି ସମବେଦନା ଜଣାଇଛନ୍ତି ।

## ଏନଡିଆରଏଫ ଥିଲେ...

ଏନଡିଆରଏଫର ଆଧୁନିକୀକରଣ ପାଇଁ ନରେନ୍ଦ୍ର ମୋଦି ସରକାର କୌଣସି ସୁଯୋଗ ଛାଡି ନାହାନ୍ତି । ଏହି ଅବସରରେ ଶ୍ରୀ ଶାହା ଘୋଷଣା କରିଛନ୍ତି ଯେ ସରକାର ଏନଡିଆରଏଫ ଯବାନଙ୍କ ପାଇଁ ହାଜର୍ଡ ଆଣ୍ଡ ହାର୍ଡ ଏରିଆ ଭତ୍ତାକୁ ଅନୁମୋଦନ କରିଛନ୍ତି । ପର୍ବତାରୋହଣ ଅଭିଯାନର ସଫଳତା ପାଇଁ ଟିମ ଏବଂ ସମଗ୍ର ଏନଡିଆରଏଫ ଟିମକୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ କେନ୍ଦ୍ର ଗୃହ ସଚିବ ଅଜୟ କୁମାର ଭଲ୍ଲା ଏବଂ ଏନଡିଆରଏଫ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ ।

## କାହା ଭୁଲ ଯୋଗୁ ...

ଅଟକି ରହିଛନ୍ତି । ନାସା ଏବଂ ବୋଇଂ ଅଧିକାରୀ କହିଛନ୍ତି, ସେମାନେ ପୃଥିବୀକୁ ଫେରିବା ପୂର୍ବରୁ ଅଧିକ ଜାଣିବା ପାଇଁ ସମୟ ବ୍ୟବହାର କରୁଛନ୍ତି ।

ସେ କହିଛନ୍ତି, ଷ୍ଟେସନ ବନ୍ଦ ହେବା ପାଇଁ ଏକ ଭଲ ଏବଂ ନିରାପଦ ସ୍ଥାନ ଆମେ ଘରକୁ ଆସିବାକୁ ପ୍ରସ୍ତୁତ ବୋଲି ନିଶ୍ଚିତ କରିବୁ । ନାସା ଏବଂ ବୋଇଂ ଆଇଏସ୍‌ଏସରୁ ପୃଥିବୀକୁ ଫେରିବା ପୂର୍ବରୁ ଷ୍ଟାର୍ଲାଇନର ପ୍ରବୃତ୍ତି ପ୍ରଣାଳୀର କାର୍ଯ୍ୟଦକ୍ଷତାକୁ ମୂଲ୍ୟାଙ୍କନ କରିଚାଲିଛି ।

# ମହାନଦୀରେ କମୁଛି ଜଳ, ବଢୁଛି ବାଲି



**କଣ୍ଟିଲୋ, ନ୍ୟୁଜ ବ୍ୟୁରୋ**
ଓଡ଼ିଶାର ଜୀବନରେଖା କୁହାଯାଉଥିବା ମହାନଦୀର ଜଳ କ୍ରମଶଃ ଶୁଖିବାରେ ଲାଗିଛି । ନୟାଗଡ଼ ଜିଲ୍ଲାରେ ମହାନଦୀର ବହୁ ସ୍ଥାନରେ ପାଣି ଶୁଖିଥିବାବେଳେ ବାଲିର ପାହାଡ଼ ଦେଖାଦେଇଛି । ଏଣେ ବାଲି ଚୋରାଚାଲାଣ ବଢୁଥିବାବେଳେ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି । ଗଣିଆଁଠାରୁ ବଡ଼ମୂଳ ପର୍ଯ୍ୟନ୍ତ ଏଭଳି ବାଲିର ପାହାଡ଼ ଦୃଶ୍ୟମାନ ହେଉଛି । ରାଜ୍ୟ ସରକାର ଏ ସମ୍ବନ୍ଧରେ ଅନୁସନ୍ଧାନ କରି ପଦକ୍ଷେପ ଗ୍ରହଣ ନ କଲେ ମହାନଦୀ ଆଗାମୀ ପିଢ଼ି ପାଇଁ ଇତିହାସ ପାଲଟିଯିବ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଉଛି ।
ବନ୍ୟା ସମୟରେ ବାଲି ସମୁଦ୍ରକୁ ଯାଇ ନ ପାରି ତଳ ମୁଣ୍ଡରେ ଥିବା ଆନିକଟରେ ଅଟକି ରହୁଛି । ଫଳରେ ନଦୀ କୂଳବାସୀ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଅନ୍ୟପକ୍ଷରେ ମହାନଦୀ ତଟବର୍ତ୍ତୀ ସିଧାମୂଳା, କଣ୍ଟିଲୋ, ପଥରଚକଡ଼ାରୁ ପ୍ରତିଦିନ ହଜାର ହଜାର ଟ୍ରକ ବାଲି ଚୋରାଚାଲାଣ ହେଉଛି । ବାଲି ଚୋରାଚାଲାଣ କରୁଥିବା ଏହି ଟ୍ରକ୍‌ଗୁଡ଼ିକରୁ ଟିକସ ଆଦାୟ ହେଉ ନଥିବାରୁ ରାଜ୍ୟ ସରକାର କୋଟି କୋଟି ଟଙ୍କା ହରାଉଥିବା ଅଭିଯୋଗ ହେଉଛି । ସୂଚନାଯୋଗ୍ୟ ଯେ, ଦୀର୍ଘ ବର୍ଷ ହେଲା ରାଜସ୍ୱ ବିଭାଗ ଅଧୀନରେ ଏହା କାର୍ଯ୍ୟକାରୀ ହେଉଥିଲା ବେଳେ ବର୍ତ୍ତମାନ ଖଣି ବିଭାଗ ଦାୟିତ୍ୱରେ ରହିଛି । ମହାନଦୀକୁ ବଞ୍ଚାଇବାକୁ ହେଲେ ଲକ୍ଷଲକ୍ଷ ଟନ୍ ବାଲି ନଦୀ ଶଯ୍ୟାରୁ ଖଲାସ କରିବାର ଆବଶ୍ୟକତା ରହିଛି । ଫଳରେ ମହାନଦୀରେ ପାଣି ଜମା ହୋଇ ରହିବା ସଙ୍ଗେସଙ୍ଗେ ବନ୍ୟା ସ୍ରୋତରେ ବାଲି ନିମ୍ନ ଆଡ଼କୁ ଖସି ଯିବାର ସମ୍ଭାବନା ରହିଛି । ନଦୀର ବିଭିନ୍ନ ସ୍ଥାନଗୁଡ଼ିକରୁ ସ୍ୱଚ୍ଛ ଭାବରେ ଟିକସ ଆଦାୟ କରାଯାଇ ବାଲି ଉଠାଣ ପାଇଁ ଅନୁମତି ଦେଲେ ଚୋରା ଚାଲାଣକୁ ରୋକା ଯାଇପାରିବ ଏବଂ ସରକାରଙ୍କର ରାଜସ୍ୱ ସଂଗ୍ରହ ବୃଦ୍ଧି ପାଇବ । ମହାନଦୀରୁ ବାଲି ନିଷ୍କାସନ ପରେ ନଦୀର ବିଭିନ୍ନ ଅଣ ଓସାରିଆ ସ୍ଥାନଗୁଡ଼ିକରେ ବ୍ୟାରେଜ ନିର୍ମାଣ ହୋଇପାରିଲେ ଆଗାମୀ ଦିନରେ ତଟବର୍ତ୍ତୀ ବାସିନ୍ଦା ନିୟମିତ ଜଳ ପାଇପାରିବେ ଓ ବ୍ୟବସାୟ ହରାଇ ନିର୍ଯାତିତ ହେଉଥିବା କୈବର୍ତ୍ତ ସମାଜ ପୂର୍ବପରି ମାଛ ଉତ୍ପାଦନ କରିପାରିବେ ବୋଲି କୈବର୍ତ୍ତ ସମାଜ ସଭାପତି ପ୍ରମୋଦ କୁମାର ଦଳାଇ, ସରପଞ୍ଚ ଶ୍ରୀୟା ରାଣୀ ବେହେରା, ରବୀନ୍ଦ୍ର କୁମାର ବେହେରା ପ୍ରମୁଖ କହିଛନ୍ତି । ଏଥିସହ ରାଜ୍ୟ ସରକାର ଜନସାଧାରଣଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଛତିଶଗଡ଼ ପ୍ରକଳ୍ପ ସହିତ ସମାଧାନର ସୂତ୍ର ବାହାର କରିବାକୁ ଆଲୋଚନା ଜାରି ରଖିବା ସଙ୍ଗେସଙ୍ଗେ ମହାନଦୀରୁ ବାଲି ସ୍ଥାନାନ୍ତର, ଛୋଟ ବଡ଼ ଜଳ ସଂରକ୍ଷଣ ପ୍ରକଳ୍ପ ନିର୍ମାଣ କରିବାକୁ ସେମାନେ ଦାବି କରିଛନ୍ତି ।

**ଦକ୍ଷିଣ ପୂର୍ବ ମଧ୍ୟ ରେଲୱେ**
**ବ୍ୟାପକ ଦେଖାରଖା କାର୍ଯ୍ୟ ନିମନ୍ତେ ଟେଣ୍ଡର ସୂଚନା**
ଟେଣ୍ଡର ସୂଚନା କ୍ରମିକ ସଂଖ୍ୟା Sr. DEE (RS&G) BSP / OTP / 24-25-06 ତାରିଖ : 24.06.2024
କାର୍ଯ୍ୟର ନାମ : ଦୁଇ ବର୍ଷ ସମୟ ପାଇଁ ବିଏସ୍‌ପି ଡିଭିଜନ (ବିଏସ୍‌ପି ସେଟଲମେଣ୍ଟକୁ ଛାଡ଼ି)ରେ ଇଲେକ୍ଟ୍ରିକାଲ (ଆରଏସ୍ ଆଣ୍ଡ ଜି) ବିଭାଗର ବିଭିନ୍ନ ପ୍ରକାର ସ୍ପ୍ଲିଟ୍ ୱିଣ୍ଡୋ ଏୟାର କଣ୍ଡିସନର, ରେଫ୍ରିଜରେଟର ଓ ୱାଟର କୁଲରର ବ୍ୟାପକ ଦେଖାରଖା ।
ଟେଣ୍ଡର ମୂଲ୍ୟ : ₹ 94.10.072.84/- । ଅମାନତ ରାଶି : ₹ 1.88.200/- ।
ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ ତା 17/07/2024, 15ଟାରେ ।
ବିସ୍ତୃତ ସୂଚନା / ଟେଣ୍ଡର କାଗଜ ପତ୍ର ବିକ୍ରୟ ପ୍ରାର୍ଥୀର ମାପଦଣ୍ଡ ତଥା ଅନ୍ୟ ବିସ୍ତୃତ ବିବରଣୀ ଟେଣ୍ଡର କାଗଜପତ୍ର ଯାହା ଆମର ୱେବସାଇଟ୍ www.ireps.gov.In ରେ ଉପଲବ୍ଧ ତାକୁ ଡାଉନଲୋଡ୍ କରନ୍ତୁ / ଦେଖିପାରିବେ ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ ଅଭିଯନ୍ତା (RS&G)
CPR/10/124 ଦ.ପୂ.ମ ରେଲୱେ ବିଳାସପୁର
South East Central Railway @secrail

# ଓଟିପି ନେଇ ୧୯ ଲକ୍ଷ ଅନ୍‌ଲାଇନ୍ ଋଣ

**କଟକ, ନ୍ୟୁଜ ବ୍ୟୁରୋ**
ଜଣେ ଇଞ୍ଜିନିୟରଙ୍କ ନାଁରେ ୧୯ ଲକ୍ଷ ଟଙ୍କାର ଅନଲାଇନ ଋଣ ଉଠାଇ ନେଇଛନ୍ତି ସାଇବର ଅପରାଧୀ । ଏକ କୋରିଅର ସଂସ୍ଥା ନାଁରେ ଏଭଳି ଠକେଇ ହୋଇଛି । ଏନେଇ କଟକ ସାଇବର ଥାନାରେ ଅଭିଯୋଗ ହୋଇଛି । ସୂଚନା ଅନୁସାରେ, ବିଡାନାସୀ ଥାନା ଅଞ୍ଚଳର ଜଣେ ଇଞ୍ଜିନିୟରଙ୍କ ପାଖକୁ ଗଲା ୨୫ ତାରିଖରେ ଏକ ଅଜଣା ନମ୍ବରରୁ ଫୋନ ଆସିଥିଲା । କଲ କରିଥିବା ଯୁବକ ନିଜକୁ ଏକ କୋରିଅର ସଂସ୍ଥାର କର୍ମଚାରୀ ଭାବେ ପରିଚୟ ଦେଇ ତାଙ୍କ ନାଁରେ ଆସିଥିବା ଏକ ପାର୍ସଲରେ ବ୍ରାଉନସୁଗର ଥିବା ଜଣାପଡ଼ିଛି ବୋଲି କହିଥିଲା । ଏଥିପାଇଁ ଫୋନ କଲ ମୁମ୍ବାଇ ସାଇବର ପୋଲିସକୁ ଟ୍ରାନ୍ସଫର କରାଯାଉଥିବା ସେ କହିଥିଲା । କିନ୍ତୁ ସେଭଳି କୌଣସି ପାର୍ସଲ ତାଙ୍କ ନାଁରେ ନଥିବା ଇଞ୍ଜିନିୟର ଜଣକ କହିଥିଲେ । କିଛି ସମୟ ପରେ ଡିଏସପି ପରିଚୟ ଦେଉଥିବା ଆଉ ଜଣେ ବ୍ୟକ୍ତି ଇଞ୍ଜିନିୟରଙ୍କୁ ଫୋନ କରି ତାଙ୍କର ଆଧାର ଓ ପ୍ୟାନ କାର୍ଡ ପଠାଇବାକୁ କହିଲେ । ଇଞ୍ଜିନିୟର ଜଣକ ତାହା ପଠାଇବାର କିଛି ସମୟ ପରେ ତାଙ୍କ ମୋବାଇଲକୁ ଏକ ଲିଙ୍କ ଆସିଥିଲା । ଏଥିରେ ତାଙ୍କର ବ୍ୟକ୍ତିଗତ ତଥ୍ୟ ଦେବାକୁ କୁହାଯାଇଥିଲା । ଇଞ୍ଜିନିୟର ଜଣକ ବ୍ୟକ୍ତିଗତ ତଥ୍ୟ ଦେବା ପରେ ତାଙ୍କ ନାଁରେ ୧୯ ଲକ୍ଷ ଟଙ୍କାର ଋଣ ଉଠାଇ ନିଆଯାଇଥିଲା ।

**ଦକ୍ଷିଣ ପୂର୍ବ ମଧ୍ୟ ରେଲୱେ**
**ବିଭିନ୍ନ କାର୍ଯ୍ୟ ନିମନ୍ତେ ଟେଣ୍ଡର ସୂଚନା**
କ୍ର.ସଂ. (୧)ଇ-ଟେଣ୍ଡର ସଂଖ୍ୟା ଡିଆରଏମ୍-ଇଞ୍ଜି.ବିଏସ୍‌ପି-ଟି-71-24-25, ତାରିଖ 21-06-2024
କାର୍ଯ୍ୟ : ବିଳାସପୁର ମଣ୍ଡଳର ସହାୟକ ମଣ୍ଡଳ ଅଭିଯନ୍ତା ରାୟଗଡର ଅଧିକାର କ୍ଷେତ୍ରର ଅନ୍ତର୍ଗତ ଭୁପଦେବପୁର ଏବଂ ରୋବର୍ଟସନ୍‌ଗୁଡ୍ସ ସେଡ୍‌ରେ ଗେଲ୍ ଭଲ୍ୟୁମ୍ ସିଡ୍ସ, ସ୍କ୍ରିଙ୍କଲର ଏବଂ ଅନ୍ୟ ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟର ପ୍ରାବଧାନ । ଟେଣ୍ଡର ମୂଲ୍ୟ : 14.77.33.434/-, ଅମାନତ ରାଶି :₹8,88.700/-, କାର୍ଯ୍ୟ ପୂର୍ଣ୍ଣତାର ଅବଧି : 12 ମାସ । ଟେଣ୍ଡର ଜମା କରିବାର ଆରମ୍ଭ ତାରିଖ : 01.07.2024ରୁ ଟେଣ୍ଡର ଜମା କରିବାର ଅନ୍ତିମ ତାରିଖ 15.07.2024ର 11ଟା ପର୍ଯ୍ୟନ୍ତ । ଉପରୋକ୍ତ ଇ-ଟେଣ୍ଡର ସୂଚନାର ସମସ୍ତ ତଥ୍ୟ https://www.ireps.gov.in ରେ ଉପଲବ୍ଧ ।
ଉପରୋକ୍ତ ଟେଣ୍ଡର ହେତୁ ଇ-ଟେଣ୍ଡର ବ୍ୟତୀତ ଅନ୍ୟ ଟେଣ୍ଡର ସ୍ୱୀକାର କରାଯିବ ନାହିଁ ।
ମଣ୍ଡଳ ରେଲୱେ ପ୍ରବନ୍ଧକ (ଅଭି.)
CPR/10/FL/115 ଦ.ପୂ.ମ ରେଲୱେ, ବିଳାସପୁର
South East Central Railway @secrail

ଭୁବନେଶ୍ୱର
୩୦ ଜୁନ୍
ରବିବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24

## ରାଜ୍ୟସ୍ତରୀୟ ଇ-ବିଧାନ ତାଲିମ ଶିବିର ଉଦ୍‌ଘାଟିତ

# ବିଧାନସଭାର ସମସ୍ତ କାର୍ଯ୍ୟ କାଗଜମୁକ୍ତ ହେବ : ବାଚସ୍ପତି




**ଭୁବନେଶ୍ୱର, ୨୯/୦୬ ନ୍ୟୁଜ ବ୍ୟୁରୋ**

ଓଡ଼ିଶା ବିଧାନସଭା ସ୍ୱରୂପ ବଦଳିଛି ଓ କାର୍ଯ୍ୟଧାରାରେ ବ୍ୟାପକ ପରିବର୍ତ୍ତନ ସମ୍ଭବ ହୋଇପାରିଛି। ସମସ୍ତ କାର୍ଯ୍ୟର ଡିଜିଟାଇଜେସନ୍ ପ୍ରକ୍ରିୟା ଆରମ୍ଭ ହୋଇଛି। ବିଧାନସଭାର କାର୍ଯ୍ୟକୁ କାଗଜବିହୀନ କରିବା ଉପରେ ଗୁରୁତ୍ୱାରୋପ କରାଯାଉଛି। ଏହାର ଫଳ ସ୍ୱରୂପ ଜାତୀୟ ଇନ୍‌ଫରମେଟିକ୍ ସେଣ୍ଟର (ଏନ୍‌ଆଇସି) ପକ୍ଷରୁ ରାଜ୍ୟ ବିଧାନସଭାରେ ନେଭା ନାମରେ ଇ-ବିଧାନ ପ୍ରକଳ୍ପ ଆରମ୍ଭ ହୋଇଛି। ଓଡ଼ିଶା ବିଧାନସଭା ସିଏସ୍ ଆଇ-ଇ-ଗଭର୍ଣ୍ଣାନ୍ସ ଉତ୍କର୍ଷ ସମ୍ମାନରେ ସମ୍ମାନିତ ହୋଇଛି ବୋଲି ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ପ୍ରକାଶ କରିଛନ୍ତି। ଓଡ଼ିଶା ବିଧାନସଭା ପରିସରରେ ରାଜ୍ୟସ୍ତରୀୟ ଇ-ବିଧାନ ତାଲିମ ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ବାଚସ୍ପତି ଶ୍ରୀମତୀ ପାଢ଼ୀ କହିଲେ ଯେ ବିଧାନସଭାର ସମସ୍ତ କାର୍ଯ୍ୟ କାଗଜମୁକ୍ତ ହେବା ଦ୍ୱାରା ପରିବେଶ ସନ୍ତୁଳନ ରକ୍ଷାରେ ଏହା ସହାୟକ ହେବ। ପୂର୍ବ ବିଧାନସଭାରେ ଏହି କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ଚଳିତ ବିଧାନସଭାରେ ଏହା ସଂପୂର୍ଣ୍ଣ ହେବ। ବିଧାନସଭାର ସମସ୍ତ କାର୍ଯ୍ୟଧାରା, ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମଠାରୁ ଆରମ୍ଭ କରି ସମସ୍ତ ବିଲ୍ ଓ ଆନୁଷଙ୍ଗିକ କାର୍ଯ୍ୟକଳାପ ନେଭା ମାଧ୍ୟମରେ ସହଜ ଓ ସରଳ ହୋଇପାରିବ। କୃତ୍ରିମ ବୁଦ୍ଧିମତାର ପରିସର ଯେପରି ବ୍ୟାପକ ହେବାରେ ଲାଗିଛି। ଏହି ପ୍ରକଳ୍ପକୁ ଆମକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସାରିବାକୁ ପଡ଼ିବ, ନହେଲେ ବୈଷୟିକ ଦୃଷ୍ଟିରୁ ଆମେ ପଛରେ ପଡ଼ିଯିବା। ଆଗାମୀ ଦିନରେ ନେଭା କାର୍ଯ୍ୟକ୍ରମକୁ କାଗଜମୁକ୍ତ କରାଯିବା ଫଳରେ ଜୀବନ୍ତ ସଦନ, ଜୀବନ୍ତ ପ୍ରଜାତନ୍ତ୍ରର ଆଭିମୁଖ୍ୟ ହାସଲ ହୋଇପାରିବ ବୋଲି ବାଚସ୍ପତି ଶ୍ରୀମତୀ ପାଢ଼ୀ କହିଥିଲେ। ଏହି ଅବସରରେ ବିଧାନସଭାର ସଚିବ ଦାଶରଥି ଶତପଥୀ କହିଲେ ଯେ ଗଣତାନ୍ତ୍ରିକ ପଦ୍ଧତିରେ ଚାଲୁଥିବା ବିଧାନସଭାର କାର୍ଯ୍ୟଧାରା କାଗଜମୁକ୍ତ ହୋଇପାରିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହା ଫଳରେ ସମସ୍ତ କାର୍ଯ୍ୟ ସମୟସାପେକ୍ଷ ଓ ସ୍ୱଚ୍ଛ ହୋଇପାରିବ ବୋଲି ଶ୍ରୀମତୀ ପାଢୀ କହିଛନ୍ତି।



ନୂଆଦିଲ୍ଲୀ : ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସମାଧି ପୀଠରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡା ।

# ଯୁବ ଜ୍ୟୋତିର୍ବିଜ୍ଞାନୀ ଛାତ୍ରଛାତ୍ରୀଙ୍କ ଇସ୍ରୋ ଯାତ୍ରାର ଶୁଭାରମ୍ଭ




**ଭୁବନେଶ୍ୱର,୨୯/୦୬ ନ୍ୟୁଜ ବ୍ୟୁରୋ**

ଯୁବ ଜ୍ୟୋତିର୍ବିଜ୍ଞାନୀ ମେଧା ଅନ୍ୱେଷଣ କାର୍ଯ୍ୟକ୍ରମରେ ସଫଳ ହୋଇଥିବା ୨୦ ଜଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବା ଏବଂ ସେମାନଙ୍କର ମହାକାଶ ପ୍ରୟୋଗ କେନ୍ଦ୍ର, ଅହମଦାବାଦକୁ ପରିଦର୍ଶନ ନିମନ୍ତେ ଯାତ୍ରାର ଶୁଭାରମ୍ଭ କାର୍ଯ୍ୟକ୍ରମ ଶନିବାର ପଠାଣି ସାମନ୍ତ ପ୍ଲାନେଟାରିୟମ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ବିଜ୍ଞାନ ଓ କାରିଗରୀ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କ ଅହମଦାବାଦ ଅଭିମୁଖେ ଯାତ୍ରାର ଶୁଭାରମ୍ଭ କରିଥିଲେ । ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ପାତ୍ର ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ କରିବା ସହ ସେମାନଙ୍କ ସଫଳତା ପାଇଁ ଶୁଭେଚ୍ଛା ଜଣାଇଥିଲେ । ଛାତ୍ର ଛାତ୍ରୀମାନେ କଠିନ ପରିଶ୍ରମ କରି ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ରାଜ୍ୟର ତଥା ଦେଶର ସୁନାମ ଅର୍ଜନ କରିବା ପାଇଁ ସେ ଆହ୍ୱାନ କରିଥିଲେ । ବିଜ୍ଞାନ ଓ କାରିଗରୀ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଚିତ୍ରା ଆରୁମୁଗମ ଉପସ୍ଥିତ ଛାତ୍ରଛାତ୍ରୀ, ସେମାନଙ୍କ ଅଭିଭାବକ ତଥା ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ଧନ୍ୟବାଦ ପ୍ରଦାନ କରିବା ସହ ଅଭିନନ୍ଦନ ଜଣାଇଥିଲେ । ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଶିକ୍ଷା ଲାଭ କରି ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାରେ ପାରଦର୍ଶିତା ଆଣି ଦେଶର ବିକାଶ ପାଇଁ କାର୍ଯ୍ୟ କରିବା ପାଇଁ ସେ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ସମ୍ବର୍ଦ୍ଧନା ସଭାରେ ବିଜ୍ଞାନ ଓ କାରିଗରୀ ବିଭାଗର ଅତିରିକ୍ତ ଶାସନ ସଚିବ ଶିବାନୀ ମହାନ୍ତି, ଯୁଗ୍ମ ଶାସନ ସଚିବ ପୂଜା ମିଶ୍ର, ପଠାଣି ସାମନ୍ତ ପ୍ଲାନେଟାରିୟମର ନିର୍ଦ୍ଦେଶକ ତଥା ଯୁଗ୍ମ ଶାସନ ସଚିବ ପ୍ରସନ୍ନ କୁମାର ପାତ୍ର, ଉପ ଶାସନ ସଚିବ ଉର୍ମିପ୍ରଭା ମହାରଣା, ଅନୁଶାସନ ସଚିବ ପଦ୍ମଲୋଚନ ଦାସ ଏବଂ ଟାଟା ଷ୍ଟିଲର ମୁଖ୍ୟ ଆବାସିକ ଅଧିକାରୀ ଦେବାଶିଷ ଜେନା ଓ ପଠାଣି ସାମନ୍ତ ପ୍ଲାନେଟାରିୟମର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ ।
ନିର୍ଦ୍ଦେଶକ ପ୍ରସନ୍ନ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ ବିଜ୍ଞାନ ଓ କାରିଗରୀ ବିଭାଗ ଏବଂ ଟାଟା ଷ୍ଟିଲର ମିଳିତ ସହଯୋଗରେ ୨୦୦୭ ମସିହାରୁ ପ୍ରତି ବର୍ଷ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଭିନ୍ନ ଭିନ୍ନ ସ୍ତରରେ ପ୍ରତିଯୋଗିତା ମାଧ୍ୟମରେ ଜ୍ୟୋତିର୍ବିଜ୍ଞାନରେ ଆଗ୍ରହ ଥିବା ୨୦ ଜଣ ଛାତ୍ର ଛାତ୍ରୀଙ୍କୁ ବଛାଯାଇ ଓଡ଼ିଶା ସରକାରଙ୍କ ଦ୍ୱାରା ସମ୍ବର୍ଦ୍ଧନା କରାଯାଇଥାଏ । ଏହି ପିଲାମାନଙ୍କୁ ଗାଇଡ୍ ଶିକ୍ଷକ, ଶିକ୍ଷୟତ୍ରୀ ଏବଂ ସେମାନଙ୍କ ଅଭିଭାବକଙ୍କ ସହିତ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ର ମହାକାଶ ପ୍ରୟୋଗ କେନ୍ଦ୍ର, ଅହମଦାବାଦକୁ ପରିଦର୍ଶନ ନିମନ୍ତେ ନିଆଯାଇଥାଏ ।

# ଗଣତନ୍ତ୍ର ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ପରିସଂଖ୍ୟାନର ଭୂମିକା ଗୁରୁତ୍ୱପୂର୍ଣ୍ଣ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୯/୬ ନ୍ୟୁଜ ବ୍ୟୁରୋ**




ଓଡ଼ିଶା ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ, ଯୋଜନା ଓ ସଂଯୋଜନ ବିଭାଗ ଆନୁକୂଲ୍ୟରେ ପ୍ରଖ୍ୟାତ ପରିସଂଖ୍ୟାନବିତ୍ ତଥା ଭାରତୀୟ ପରିସଂଖ୍ୟାନର ଜନକ ପ୍ରଫେସର ପ୍ରଶାନ୍ତ ଚନ୍ଦ୍ର ମହାଲାନୋବିସ୍‌ଙ୍କ ଜନ୍ମ ଦିବସ ଅବସରରେ ଶନିବାର ଲୋକସେବା ଭବନ ସ୍ଥିତ କନଭେନସନ୍ ସେଣ୍ଟର ଠାରେଅଷ୍ଟାଦଶ ଜାତୀୟ ପରିସଂଖ୍ୟାନ ଦିବସ ପାଳିତ ହୋଇଯାଇଅଛି। ଚଳିତ ବର୍ଷ ପରିସଂଖ୍ୟାନ ଦିବସର ବିଷୟବସ୍ତୁ ଥିଲା 'ନିଷ୍ପତ୍ତି ନିମନ୍ତେ ତଥ୍ୟର ବ୍ୟବହାର'। ଉତ୍ସବର ପ୍ରାରମ୍ଭରେ ଅତିଥିମାନେ ପ୍ରଫେସର ମହାଲାନୋବିସ୍‌ଙ୍କ ଫଟୋଚିତ୍ରରେ ପୁଷ୍ପ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।
ଏହି ଅବସରରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ବାର୍ତ୍ତା ଜରିଆରେ ଶୁଭେଚ୍ଛା ଜଣାଇ କହିଥିଲେ ଯେ, ପ୍ରଶାସନିକ ହେଉ ଅବା ସର୍ବେକ୍ଷଣ ଅଥବା ଗଣମାଧ୍ୟମରେ ଉତ୍ପନ୍ନ ତଥ୍ୟ ହେଉ, ନୀତିନିର୍ଦ୍ଧାରଣରେ ପରିସଂଖ୍ୟାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ନିର୍ଭୁଲ ତଥ୍ୟ, ସମସ୍ୟା ଗୁଡ଼ିକର ଚିହ୍ନଟ ଏବଂ ଉପଯୁକ୍ତ ସମାଧାନ ଦିଗରେ ଏହା ସହାୟକ ହୋଇଥାଏ। ପୁନଶ୍ଚ ଏହା କାର୍ଯ୍ୟାନ୍ୱୟନ ପ୍ରକ୍ରିୟାରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱକୁ ନିଶ୍ଚିତ କରାଇଥାଏ। ପରିସଂଖ୍ୟାନ ମଧ୍ୟ ଗଣତନ୍ତ୍ର ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ବାର୍ତ୍ତାରେ ପ୍ରକାଶ କରିଛନ୍ତି। ଏହି ଅବସରରେ ସେ ବିଶ୍ୱ ବ୍ୟାଙ୍କ ସହାୟତାରେ ଆରମ୍ଭ ହେଉଥିବା ଓଡ଼ିଶା ରାଜ୍ୟ ଦକ୍ଷତା ଓ ସହାୟକ ଅଭିବୃଦ୍ଧି ନୀତି କାର୍ଯ୍ୟକ୍ରମ ଅଧୀନରେ ଓଡ଼ିଶାରେ ରାଜ୍ୟ ପରିସଂଖ୍ୟାନ ବ୍ୟବସ୍ଥାକୁ ସୁଦୃଢ଼ କରିବା ବ୍ୟବସ୍ଥାକୁ ଶୁଭାରମ୍ଭ ଘୋଷଣା କରିଛନ୍ତି । ରାଜ୍ୟର ବିକାଶ ପାଇଁ ନିର୍ଭରଯୋଗ୍ୟ ପରିସଂଖ୍ୟାନ ସଂଗ୍ରହ ନିମନ୍ତେ ବୈଷୟିକ ବ୍ୟବସ୍ଥାର ବହୁଳ ବ୍ୟବହାର କରିବାକୁ ବିଭାଗର ଅଫିସର ଏବଂ କର୍ମଚାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।
କାର୍ଯ୍ୟକ୍ରମରେ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଯୋଜନା ଓ ସଂଯୋଜନ ବିଭାଗ ଶ୍ରୀମତୀ ଅନୁ ଗର୍ଗ ଯୋଗଦେଇ 'ଏକ ପ୍ରଭାବଶାଳୀ ପ୍ରଶାସନିକ ବ୍ୟବସ୍ଥାରେ ପରିସଂଖ୍ୟାନ ତଥ୍ୟ' ଉପରେ ଆଲୋଚନା କରିଥିଲେ । ନୀତି ପ୍ରଣୟନରେ ରିଅଲ ଟାଇମ ତଥ୍ୟର ଆବଶ୍ୟକତା ସୁଶାସନ ନିମନ୍ତେ ନିର୍ଭରଯୋଗ୍ୟ ପରିସଂଖ୍ୟାନର ଗୁରୁତ୍ୱ ବିଷୟରେ ସେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ ନୀତି ନିର୍ଦ୍ଧାରଣ ପାଇଁ ସର୍ବଦା ବିଶ୍ୱସ୍ତ, ବିସ୍ତୃତ, ସଦ୍ୟତମ ଏବଂ ନିର୍ଭୁଲ ତଥ୍ୟର ଆବଶ୍ୟକତା ରହିଛି। ବିଶ୍ୱବ୍ୟାଙ୍କ ସହାୟତା ପ୍ରକଳ୍ପ ତଥ୍ୟର ଡିଜିଟାଇଜେସନ, ଗୁଣାତ୍ମକମାନର ତଥ୍ୟ ବ୍ୟବଧାନକୁ ତର୍ଜମା କରିବା, ତଥ୍ୟ ଉପଭୋକ୍ତା ନିଯୋଜନ ସଂସ୍ଥାଗତ ସୁଦୃଢ଼ୀକରଣରେ ସହାୟକ ହେବ ବୋଲି ସେ ପ୍ରକାଶ କରିଥିଲେ। ଏହି ଅବସରରେ ଭାରତ ସରକାରଙ୍କ ପୂର୍ବତନ ମୁଖ୍ୟ ପରିସଂଖ୍ୟାନବିତ୍ ତଥା ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟର ସଚିବ ତଥା ମଧ୍ୟପ୍ରଦେଶ ପରିସଂଖ୍ୟାନ କମିଶନ ଆୟୋଗର ବର୍ତ୍ତମାନ ଅଧ୍ୟକ୍ଷ ପ୍ରବୀଣ ଶ୍ରୀବାସ୍ତବ ଯୋଗ ଦେଇ ଓଡ଼ିଶାରେ ରାଜ୍ୟସ୍ତରରେ ଏକ ଉନ୍ନତ ପରିସଂଖ୍ୟାନ ବ୍ୟବସ୍ଥାର ଆବଶ୍ୟକତା ଉପରେ ଦିଗଦର୍ଶନ ଦେବା ସହିତ ଏହାର ବିଭିନ୍ନ ଦିଗ ବିଷୟରେ ଆଲୋକପାତ କରିଥିଲେ।
ପ୍ରାରମ୍ଭରେ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଡଃ. ବିଜୟ ଭୂଷଣ ନନ୍ଦ ପରିସଂଖ୍ୟାନ ବ୍ୟବସ୍ଥାର ଆଧୁନିକୀକରଣ, ମାନବସମ୍ବଳ ପରିଚାଳନା ଏବଂ ଦକ୍ଷତା ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ସରକାରୀ ନିଷ୍ପତ୍ତି ଏବଂ ଯୋଜନା ପ୍ରଣୟନରେ ତଥ୍ୟର ବ୍ୟବହାର ଉପରେ ସେ ଗୁରୁତ୍ୱାରୋପ କରିଥିଲେ।ଏହି କାର୍ଯ୍ୟକ୍ରମରେ ଯୋଜନା ଓ ସଂଯୋଜନ ବିଭାଗ, ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ, ରାଜ୍ୟ ତଥା ଜିଲ୍ଲା ସ୍ତରୀୟ ଅଧିକାରୀ ଏବଂ ବହୁ ଅବସରପ୍ରାପ୍ତ ଅଧିକାରୀଗଣ ଯୋଗ ଦେଇଥିଲେ।
କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିଙ୍କ ଅବଗତି ନିମନ୍ତେ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟର ବିଭିନ୍ନ କାର୍ଯ୍ୟକ୍ରମ ଓ ସର୍ଭେ ଉପରେ ଏକ ଦୃଶ୍ୟଶ୍ରାବ୍ୟ ଡକୁମେଣ୍ଟାରୀ ପ୍ରଦର୍ଶନ କରାଯାଇଥିଲା। ନିର୍ଦ୍ଦେଶାଳୟର ବାର୍ଷିକ ପତ୍ରିକା 'ସମୀକ୍ଷା' ଏବଂ ଅନ୍ୟାନ୍ୟ ପରିସଂଖ୍ୟାନ ପ୍ରକାଶନ ଉନ୍ମୋଚନ କରାଯାଇଥିଲା। ଆର୍ଥିକ ବର୍ଷ ୨୦୨୩-୨୪ରେ ପରିସଂଖ୍ୟାନ କାର୍ଯ୍ୟକ୍ରମରେ ଉନ୍ନତ ମାନର ପ୍ରଦର୍ଶନ ପାଇଁ ତିନୋଟି ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା କାର୍ଯ୍ୟାଳୟ ଯଥା- ଢେଙ୍କାନାଳ, ଭଦ୍ରକ ଓ ବୌଦ୍ଧକୁ ଅତିଥିମାନେ ସମ୍ମାନିତ କରିଥିଲେ। ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକ ସବ୍ୟସାଚୀ ଦତ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ପରେ ଅନୁଷ୍ଠିତ ବୈଷୟିକ ଅଧିବେଶନରେ ହାଇଦ୍ରାବାଦବିଶ୍ୱ ବିଦ୍ୟାଳୟର ଅର୍ଥନୀତି ପ୍ରଫେସର ଆଲୋକ କୁମାର ମିଶ୍ର 'ସୁଶାସନ ନିମନ୍ତେ ପରିସଂଖ୍ୟାନ' ଉପରେ ଏକ ସନ୍ଦର୍ଭ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟର ବହୁ ଅର୍ଥନୀତିଜ୍ଞ, ପରିସଂଖ୍ୟାନବିତ୍ ଓ ଗବେଷକ ଯୋଗ ଦେଇ ପରିସଂଖ୍ୟାନ ଦିବସର ବିଷୟବସ୍ତୁ ଉପରେ ବହୁମୂଲ୍ୟ ମତାମତ ଉପସ୍ଥାପନ କରିଥିଲେ।

# ନିଜ ନିର୍ବାଚନମଣ୍ଡଳୀ ଗସ୍ତରେ ଖଣି ମନ୍ତ୍ରୀ

**ବ୍ରହ୍ମପୁର, ୨୯/୬ ନ୍ୟୁଜ ବ୍ୟୁରୋ**

ନିଜ ନିର୍ବାଚନ ମଣ୍ଡଳୀ ଗଞ୍ଜାମ ଜିଲ୍ଲାର ଗୋପାଳପୁର ଗସ୍ତରେ ରାଜ୍ୟ ଖଣି, ଇସ୍ପାତ ଓ ବାଣିଜ୍ୟ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା । ଗୋପାଳପୁର ବିଧାୟକ ଭାବରେ ନିର୍ବାଚିତ ହୋଇଥିବା ବିଭୂତି ଭୂଷଣ ଜେନା ନୂତନ ମନ୍ତ୍ରୀମଣ୍ଡଳରେ ରାଜ୍ୟର ଖଣି, ଇସ୍ପାତ ଓ ବାଣିଜ୍ୟ ପରିବହନ ମନ୍ତ୍ରୀ ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି । ସେ ନିଜ ନିର୍ବାଚନ ମଣ୍ଡଳୀକୁ ତିନି ଦିନିଆ ଗସ୍ତରେ ଆସିଥିବା ବେଳେ ତାଙ୍କୁ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଛି। ମନ୍ତ୍ରୀ କହିଛନ୍ତି ଯେ, ସମସ୍ତଙ୍କର ଆର୍ଶୀବାଦରେ ସେ ବିଧାୟକ ଭାବରେ ବିଜୟୀ ହୋଇଛନ୍ତି। ସେଥିପାଇଁ ସେ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି । ନିର୍ବାଚନ ମଣ୍ଡଳୀବାସୀଙ୍କ ଅନେକ ଅପେକ୍ଷା ଏବଂ ବହୁ କାର୍ଯ୍ୟ ରହିଥିବା କହିବା ସହିତ ସାଧାରଣ ଜନତା ଯାହା ଖୋଜୁଥିଲେ ଆମର ମୁଖ୍ୟମନ୍ତ୍ରୀ ଲୋକଙ୍କ ମୁଖ୍ୟମନ୍ତ୍ରୀ ଏବଂ ନୂତନ ସରକାର ଲୋକଙ୍କ ସରକାର ହୋଇଥିବା କହିଛନ୍ତି । ବ୍ରହ୍ମପୁର ସହରର ନୂତନ ହଳଦିଆପଦର ବସ୍‌ଷ୍ଟାଣ୍ଡ ସମେତ ଛତ୍ରପୁର ଏବଂ ଗୋପାଳପୁର ବସ୍‌ଷ୍ଟାଣ୍ଡ ସଂପୂର୍ଣ୍ଣ କାର୍ଯ୍ୟକ୍ଷମ ପାଇଁ ନୂତନ ସରକାରଙ୍କ ପକ୍ଷରୁ ବିଚାରବିମର୍ଶ ଚାଲିଥିବା କହିବା ସହିତ ଗୋପାଳପୁର ବନ୍ଦର ପରିଚାଳନା ପାଇଁ ସରକାରଙ୍କ ପକ୍ଷରୁ ଦାୟିତ୍ୱରେ ରହିଥିବା ଅଧିକାରୀମାନେ ଚିନ୍ତାଶୀଳ ବୋଲି କହିଛନ୍ତି ମନ୍ତ୍ରୀ ଶ୍ରୀ ଜେନା।

# ପିଏମ୍-ଜନମନ ଅଧିନରେ ୨୯ ଗୋଟି ରାସ୍ତା ନିର୍ମାଣ ଓ ଉନ୍ନତୀକରଣ
# କାର୍ଯ୍ୟକୁ ପ୍ରଶାସନିକ ମଞ୍ଜୁରୀ ପ୍ରଦାନ କଲେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ

**ଭୁବନେଶ୍ୱର,୨୯/୦୬ ନ୍ୟୁଜ ବ୍ୟୁରୋ**

ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ମନ୍ତ୍ରୀ ରବିନାରାୟଣ ନାଏକ ପିଏମ୍-ଜନମନ ଅଧିନରେ ୨୯ ଗୋଟି ରାସ୍ତା ନିର୍ମାଣ ଓ ଉନ୍ନତିକରଣ କାର୍ଯ୍ୟକୁ ପ୍ରଶାସନିକ ମଞ୍ଜୁରୀ ପ୍ରଦାନ କରି ଆନୁଷ୍ଠାନିକ ଭାବରେ ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରଶାସନିକ କାର୍ଯ୍ୟ ଆରମ୍ଭ କରିଛନ୍ତି। ଏହା ଦ୍ୱାରା ପ୍ରାୟ ୧୨୨.୩୯ କୋଟି ଟଙ୍କା ବ୍ୟୟରେ ୯୭.୨୭ କିଲୋମିଟର ରାସ୍ତାର ନିର୍ମାଣ ଓ ଉନ୍ନତିକରଣ ହେବ । ଏହା ଅଧିନରେ ୧୦୦ ଜନସଂଖ୍ୟାରୁ ଉର୍ଦ୍ଧ୍ୱର୍ ୩୩ ଗୋଟି ଜନବସତିକୁ ପକ୍କାରାସ୍ତା ନିର୍ମାଣ ହେବ । ସୂଚନାଯୋଗ୍ୟ ଯେ ଏହା ପୂର୍ବରୁ ମଧ୍ୟ ୭୫.୪୯ କୋଟି ଟଙ୍କା ବ୍ୟୟରେ ୧୧ ଗୋଟି ରାସ୍ତା ଓ ୨ଟି ପୋଲ ପାଇଁ ପ୍ରଶାସନିକ ମଞ୍ଜୁରୀ ମିଳିସାରିଛି । ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହା ଅଭିଯାନ (ପିଏମ୍-ଜନମନ୍) ଯୋଜନା ଦ୍ୱାରା ଭାରତ ସରକାରଙ୍କ ଜନଜାତି ବ୍ୟାପାର ମନ୍ତ୍ରଣାଳୟ 'ବିଶେଷ ଭାବରେ ଅନୁନ୍ନତ ଜନଜାତି ସମୁଦାୟ'ଙ୍କ ସ୍ୱତନ୍ତ୍ର ରୂପେ ବିକାଶ କରି ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ବିଶେଷ ଯୋଜନା ପ୍ରଣୟନ କରିଛନ୍ତି। ଉକ୍ତ ଯୋଜନାଗୁଡ଼ିକ ସଂପୃକ୍ତ ବିଭାଗମାନଙ୍କ ଦ୍ୱାରା ପ୍ରଣୟନ କରାଯାଇଥାଏ । ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ପକ୍କାରାସ୍ତା ନିର୍ମାଣ କରାଯାଇ ଉକ୍ତ ଜନାଭିମୁଖୀ ଯୋଜନାକୁ କାର୍ଯ୍ୟକାରୀ କରାଯାଉଛି । ଏହି କ୍ରମରେ ମନ୍ତ୍ରୀ ଶ୍ରୀ ନାଏକ ପିଏମ୍-ଜନମନ ଯୋଜନାର ପ୍ରଶାସନିକ ମଞ୍ଜୁରୀରୁ ନିଜ କାର୍ଯ୍ୟ ଆରମ୍ଭ କରି ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରତ୍ୟେକ କାର୍ଯ୍ୟକୁ ଆହୁରି ଜନାଭିମୁଖୀ କରିବାର ବାର୍ତ୍ତା ଦେଇଛନ୍ତି ।



# ଅମରନାଥ ତୀର୍ଥଯାତ୍ରୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ଶୁଭେଚ୍ଛା

**ନୂଆଦିଲ୍ଲୀ, ୨୯/୬**

ଅମରନାଥ ତୀର୍ଥଯାତ୍ରୀଙ୍କୁ ଶୁଭକାମନା ଜଣାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ସୋସିଆଲ ମିଡିଆ ଏକ୍ସରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ପବିତ୍ର ଅମରନାଥ ଯାତ୍ରାର ଶୁଭାରମ୍ଭ ଅବସରରେ ସମସ୍ତ ତୀର୍ଥଯାତ୍ରୀଙ୍କୁ ମୋର ହାର୍ଦ୍ଦିକ ଶୁଭକାମନା । ବାବା ବର୍ଫାନୀଙ୍କ ଦର୍ଶନ ଓ ବନ୍ଦନାରେ ଜଡିତ ଏହି ଯାତ୍ରା ଶିବଭକ୍ତଙ୍କ ମଧ୍ୟରେ ଅସୀମ ଉର୍ଜାର ସଞ୍ଚାର କରିଥାଏ । ତାଙ୍କ କୃପାରୁ ସମସ୍ତ ଶ୍ରଦ୍ଧାଳୁଙ୍କ କଲ୍ୟାଣ ହେଉ, ଏହାହିଁ କାମନା ।


**ପ୍ରକାଶ ଅପେକ୍ଷାରେ...**

**'କଥାକଳିକା': ଜୁଲାଇ-୨୦୨୪ ସଂଖ୍ୟା**




**ଏଥର ସଂଖ୍ୟାରେ...**

**ସ୍ମରଣୀୟ କଥା :** ଅସ୍ତରାଗ - ଭାସ୍କର ଜେନା
**ସମକାଳର କଥା :** ଜି ନେ ଅକ୍ଷୟ ମହାନ୍ତି - ଅଜୟ ସ୍ୱାଇଁ, ଅନ୍ତିମ ପ୍ରାପ୍ୟ - ସଚ୍ଚିଦାନନ୍ଦ କର, ଚାରୁଲତା - ଶୈଳେନ୍ଦ୍ର କୁମାର ଜେନା, ଖମାରୀ ମା' - ତ୍ରିନାଥ ପଟ୍ଟନାୟକ, ଭୋଜି - ଲକ୍ଷ୍ମୀ ଚାନ୍ଦ, ୩ଟି ମିନିଗଳ୍ପ - ସୀମାଞ୍ଚଳ ଦାଶ, ଅଗ୍ନିପରୀକ୍ଷା - ସୁଜାତା ମହାପାତ୍ର।
**ଅନ୍ୟ ଭାଷାର କଥା :** ମନୋଜ କୁମାର ବେହେରା।
**ଯୁବ ମାନସର କଥା :** ବୋଉ ପାଇଁ ପାଉଁଜି - ସଂଯୁକ୍ତା ତ୍ରିପାଠୀ, ପୁରୁଷର ଭାଗ୍ୟ, ନାରୀର ଚରିତ୍ର - ସରୋଜ ସାହୁ, ଗଣତନ୍ତ୍ରର ହତ୍ୟା - ବିକାଶ କାନୁନ୍‌ଗୋ, ବୋଝ - ନିରୁପମା କର, ବାଘ ସହ ଦିନେ - ରୁଦ୍ର ଚରଣ ସାମଲ, ବନ୍ଦିନୀ - ପ୍ରଦ୍ୟୁମ୍ନ ପଟ୍ଟନାୟକ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣସ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

| ଯୋଗାଯୋଗ କରନ୍ତୁ | ପୃଷ୍ଠା-୬୮ ଏ ସଂଖ୍ୟାର ମୂଲ୍ୟ ୩୦ ଟଙ୍କା ମାତ୍ର । |
|---|---|
| ପ୍ରସାର ପରିଚାଳକ 'କଥାକଳିକା' କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬, ଫାକ୍ସ : ୨୫୪୫୬୬୮ E-mail: kathakalika@gmail.com | 'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ । କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ) |


# ଯୁବ ଗୋଷ୍ଠୀଙ୍କୁ ଏଡ଼୍‌ସ ସଂକ୍ରମଣରୁ ସୁରକ୍ଷା ଦେବା ଶିକ୍ଷକଙ୍କ ଗୁରୁ ଦାୟିତ୍ୱ -ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ




**ନବରଙ୍ଗପୁର, ୨୯/୦୬ ନ୍ୟୁଜ ବ୍ୟୁରୋ**

ନବରଙ୍ଗପୁର ଠାରେ ରାଜ୍ୟ ଏଡ଼୍‌ସ ନିୟନ୍ତ୍ରଣ ସମିତି ପକ୍ଷରୁ ଏକ ଜୋନ ସ୍ତରୀୟ କର୍ମଶାଳା ଉଦ୍ଘାଟନ ହୋଇଯାଇଅଛି । ବିଦ୍ୟାଳୟରେ ପଢୁଥିବା କିଶୋର କିଶୋରୀ ବିଦ୍ୟାର୍ଥୀମାନଙ୍କୁ ଏଡ଼୍‌ସ ପ୍ରତି ସମ୍ବେଦନସିଳ କରିବାକୁ ରାଜ୍ୟ ସ୍ତରୀୟ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଏହି କାର୍ଯ୍ୟକ୍ରମଟି ୨୯ଜୁନ ୨୦୨୪ରେ ଏସ ଏସ ସରକାରୀ ଉଚ୍ଚ ବିଦ୍ୟାଳୟ ଉମରକୋର୍ଟ ରେ ଓସାକ୍ସ, ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଜୁନିଅର୍ ରେଡକ୍ରସ ସହଯୋଗରେ ପ୍ରାୟୋଜିତ ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉଦ୍‌ଘାଟନ କରିଥିଲେ। ଏହି ତାଲିମ୍ ଶିବିରରେ ୭ଟି ଜିଲ୍ଲା ଯଥା : ଗଞ୍ଜାମ, ରାୟଗଡ଼ା, ଗଜପତି, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି ଜିଲ୍ଲାରୁ ମୋଟ ୮୪ ଜଣ ଯୋଗ ଦେଇଥିଲେ। ଶିକ୍ଷକମାନଙ୍କୁ ରୋଗପ୍ରତି ସମ୍ବେଦନଶୀଳ ଓ ସଚେତନ କରିବାକୁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ପ୍ରଶିକ୍ଷଣ ଦିଆଯିବାକୁ ଉଦ୍ଦିଷ୍ଟ ଏହି କର୍ମଶାଳାକୁ ଉଦ୍‌ବୋଧନ ଦେଇ ମନ୍ତ୍ରୀ ଶ୍ରୀ ଗଣ୍ଡ କହିଲେ ଯେ ଯୁବ ବର୍ଗଙ୍କୁ ଭୟାବହ ଏଡ଼୍‌ସ ଠାରୁ ଦୂରେଇ ରଖିବାକୁ ସବୁ ସ୍ତରରେ ସଚେତନ କରିବାକୁ ପ୍ରୟାସ କରାଯିବ । ସେ କହିଥିଲେ ଯେ ଆମ ରାଜ୍ୟରେ ଷାଠିଏ ହଜାରରୁ ଅଧିକ ଏଡ଼୍‌ସ ସଂକ୍ରମିତ ଥିଲା ବେଳେ ନବରଙ୍ଗପୁର ଜିଲ୍ଲା ଏବେ ଏହି ସଂକ୍ରମଣର ଅନ୍ୟତମ ସ୍ଥଳରେ ପରିଣତ ହୋଇଛି। ଏଠି ୧୭ ହଜାରରୁ ଅଧିକ ସଂକ୍ରମିତ ରହିଛନ୍ତି। ଆମକୁ ଏବେ ଅଧିକ ସଚେତନ ହେବାକୁ ପଡିବ। ସେ କହିଥିଲେ ଯେ ଶିକ୍ଷକମାନେ ହେଉଛନ୍ତି ମାର୍ଗ ଦର୍ଶକ। ସୁସ୍ଥ ଯୁବବର୍ଗ, ସୁସ୍ଥ ସମାଜ ଗଠନ ପାଇଁ ଶିକ୍ଷକମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେମାନେ ତାହା ସୁଚାରୁ ରୂପେ କରିବେ ବୋଲି ସେ ଆଶା ବ୍ୟକ୍ତ କରିଥିଲେ । ଏହି ଉଦ୍ଘାଟନୀ ଉତ୍ସବରେ ସମ୍ମାନୀତ ଅତିଥି ଭାବେ ଡ଼ ମଳୟ କୁମାର ବେହେରା ଜିଲ୍ଲା ଚିକିତ୍ସା ଅଧିକାରୀ, ଓସାକ୍ସର ସହ ନିର୍ଦ୍ଦେଶକ ସ୍ମୃତି ସାଗରିକା କାନୁନଗୋ, ରାଜ୍ୟ ଜୁନିୟର ରେଡ଼କ୍ରସ ଅଧିକାରୀ ଲକ୍ଷ୍ମଣ ସ୍ୱାଇଁ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଉମରକୋଟ, ପ୍ରଭାତ ପଟ୍ଟନାୟକ, ଆଇପି ନବରଙ୍ଗପୁର, ନାରାୟଣ ପାଇକରାୟ, ଜିଲ୍ଲା ଜୁନିୟର ରେଡ଼କ୍ରସ ଅଧିକାରୀ ଯୋଗ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରଦୀପ ମିଶ୍ର ପରିଚାଳନା କରିଥିଲେ । ଓସାକ୍ସର ସହ ନିର୍ଦ୍ଦେଶକ ସ୍ମୃତି ସାଗରିକା କାନୁନଗୋ ରାଜ୍ୟ ଏଡ଼୍‌ସ ନିୟନ୍ତ୍ରଣ ସମିତି ଦ୍ୱାରା ଯୁବ ବର୍ଗଙ୍କ ପାଇଁ କରୁଥିବା ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ବିଷୟରେ ଆଲୋକପାତ କରିଥିଲେ ।



# ଜେ ପି ନଡ୍ଡାଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୯/୦୬ ନ୍ୟୁଜ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଦିନ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ରସାୟନ ଓ ସାର ମନ୍ତ୍ରୀ ଜେ ପି ନଡ୍ଡାଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ରାଜ୍ୟସଭା ନେତା ହୋଇଥିବାରୁ ଶୁଭେଚ୍ଛା ଜଣାଇଛନ୍ତି। ରାଜ୍ୟରେ ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବା ଏବଂ ଚାଷୀଙ୍କୁ ସାରର ଉପଲବ୍ଧତାକୁ ସୁନିଶ୍ଚିତ କରିବା ପାଇଁ ବିଭିନ୍ନ ପଦକ୍ଷେପ ବିଷୟରେ ଶ୍ରୀ ନଡ୍ଡାଙ୍କ ସହ ଆଲୋଚନା ହୋଇଥିବା ମୁଖ୍ୟମନ୍ତ୍ରୀ ଏକ୍ସ ମାଧ୍ୟମରେ ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ ୨ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡା ମଧ୍ୟ ଶ୍ରୀ ନଡ୍ଡାଙ୍କୁ ଭେଟିଛନ୍ତି।